# ସାଳଗିଫୁଲ୍

# ୨୦୨୪

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡିଶା ସରକାର

୨୦୨୫


ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

ଓଡିଶା ସରକାର




୨୦୨୫

ପୃଷ୍ଠପୋଷକ : **ଶ୍ରୀ ବା. ପରମେଶ୍ୱରନ୍** ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ
ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ସମ୍ପାଦକ : **ଦାଶ ବେନହୁର**

ସମ୍ପାଦନା ମଣ୍ଡଳୀ : **ଡ. ପ୍ରମୋଦ କୁମାର ପରିଡ଼ା**
**ଡ. ଦ୍ୱିତୀଚନ୍ଦ୍ର ସାହୁ**
**ଡ. ସୁଧାକର କୁଅଁର**

ପ୍ରକାଶକ : **ଶ୍ରୀ ସୁଧାକର ଶବର,** ଓ. ପ୍ର. ସେ. (ସ୍ୱ.ସ)
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ
ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଅଳଙ୍କରଣ : **ଶ୍ରୀ ଅନାଦି ପରଂବ୍ରହ୍ମ**
**ଶ୍ରୀ ପରମେଶ୍ୱର ମେହେର**

ମୁଦ୍ରଣ : କ୍ୟାପିଟାଲ୍ ବିଜନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି, ଭୁବନେଶ୍ୱର



**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**

ମନ୍ତ୍ରୀ

ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ
ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ,
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

# ବାର୍ତ୍ତା

ଓଡ଼ିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାମାନଙ୍କ ପ୍ରତିଭା, ସ୍ୱପ୍ନ ଓ ସୃଜନଶୀଳତାକୁ ଏକ ସଂଗଠିତ ଆକାର ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ୍ ଆଜି ଓଡ଼ିଶାର କଳା, ସଂସ୍କୃତି, ଜ୍ଞାନ ଓ ସକ୍ଷମତାର ଏକ ପବିତ୍ର ଉତ୍ସବ ରୂପେ ପରିଣତ ହୋଇଛି । ଜିଲ୍ଲାସ୍ତରର ବିଭିନ୍ନ ପ୍ରତିଯୋଗିତାରୁ ଯୋଗ୍ୟତା ହାସଲ କରି ଆସୁଥିବା ଆମ ପିଲାମାନେ ଏହି ମଞ୍ଚରେ ନିଜ ପ୍ରତିଭାର ଅଦ୍ଭୁତ ଚମକ ଦେଖାଇ ଓଡ଼ିଶାର ଭବିଷ୍ୟତକୁ ଆଶାର ଆଲୋକରେ ଆଲୋକିତ କରି ଆସୁଛନ୍ତି ।

ସରଗିଫୁଲ୍ ପ୍ରତିଭାର ଉନ୍ମେଷ, ଆତ୍ମବିଶ୍ୱାସର ଶିଖର ଏବଂ ସୃଜନଶୀଳତାର ମନ୍ଦାକିନୀ, ଯେଉଁଥିରୁ ଆମ ପିଲାମାନଙ୍କ ଭବିଷ୍ୟତ ଯାତ୍ରା ଆରମ୍ଭ ହୁଏ । କଳା, ଗୀତ, ନୃତ୍ୟ, ଅଭିନୟ, ବିଜ୍ଞାନ, କ୍ରୀଡ଼ା, ପ୍ରଶ୍ନୋତ୍ତର ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଯୋଗିତା ସହିତ ସରଗିଫୁଲ କର୍ମଶାଳାଗୁଡ଼ିକ ପିଲାମାନଙ୍କୁ ଆତ୍ମଚିନ୍ତନ, ନେତୃତ୍ୱ ବିକାଶ, କ୍ଷମତା ସଂରଚନା, ସଂଯୋଗ, କୌଶଳ ଓ ନୂତନ ଚିନ୍ତାଧାରା ସୁଦୃଢ଼ କରିବାରେ ସାହାଯ୍ୟ କରିଥାନ୍ତି ।

ଏହି ଉତ୍ସବକୁ ଆହୁରି ସ୍ମରଣୀୟ କରେ ଏହାର ମୁଖପତ୍ର ସରଗିଫୁଲ୍ । ଏଠାରେ ସଂକଳିତ ଆମ ପିଲାମାନଙ୍କ ସୃଜନ, ଚିତ୍ରକଳା, ଗଳ୍ପ, କବିତା, ଚିନ୍ତାଧାରା ଓ ନୂତନ ଭାବନା ସମସ୍ତଙ୍କୁ ନୂଆ ରାହା ଦେଖାଏ । ସରଗିଫୁଲ୍ ପ୍ରତିଭାର ଦଲିଲ୍ ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ମୂଳସ୍ତମ୍ଭ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ପିଲାମାନେ ଆମ ସାମାଜିକ ଶକ୍ତି ଓ ଧାରାବାହିକ ସଂସ୍କୃତିର ଜୀବନ୍ତ ପ୍ରତୀକ । ସରଗିଫୁଲ ତାଙ୍କୁ ଦେଇଥାଏ ସ୍ମୃତିର ସୁଗନ୍ଧ, ସ୍ୱପ୍ନର କୁସୁମ ଓ ଉଜ୍ଜ୍ୱଳ ଭବିଷ୍ୟତ ଦେଖିବାର ଦୃଷ୍ଟି ।

ସରଗିଫୁଲ୍ ସଫଳ ଆୟୋଜନ ପାଇଁ ବିଭାଗୀୟ ସମସ୍ତ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଆମ ପ୍ରତିଭାଶାଳୀ ପିଲାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି । ତାଙ୍କର ହସ, ତାଙ୍କର ଚେଷ୍ଟା ଓ ତାଙ୍କର ସଫଳତା ହେଉଛି ଓଡ଼ିଶାର ଭବିଷ୍ୟତ ଶକ୍ତି ।

(ନିତ୍ୟାନନ୍ଦ ଗଣ୍ଡ)





**ଶ୍ରୀ ବା. ପରମେଶ୍ୱରନ୍**, ଭା.ପ୍ର.ସେ
କମିଶନର ତଥା ଶାସନ ସଚିବ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ,
ଓଡ଼ିଶା ସରକାର

# ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପକ୍ଷରୁ ଆୟୋଜିତ ବାର୍ଷିକ "ସରଗିଫୁଲ-୨୦୨୫" ଅବସରରେ ସମସ୍ତ ଅଂଶଗ୍ରହଣକାରୀ ଶିଶୁ, ଶିକ୍ଷକ, ଅଭିଭାବକ ଓ ଆୟୋଜକମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଉଛି ।

ଜିଲ୍ଲାସ୍ତରରୁ ବଛାହୋଇ ଆସୁଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଶିଶୁମାନଙ୍କ ପାଇଁ ଏହି ଉତ୍ସବ ଗୋଟିଏ ଅପୂର୍ବ ସମ୍ଭାବନା ନେଇ ଆସିଥାଏ । ପିଲାମାନେ ନିଜ ପ୍ରତିଭା, ସୃଜନଶୀଳତା, ସାହିତ୍ୟ ଓ କଳା କୌଶଳର ଦକ୍ଷତା ପ୍ରଦର୍ଶିତ କରିବାର ସୁଯୋଗ ପାଇଥାନ୍ତି । ବିଭିନ୍ନ ପ୍ରତିଯୋଗିତା ଓ ବିଷୟଭିତ୍ତିକ କର୍ମଶାଳା ପିଲାମାନଙ୍କ ସମଗ୍ର ବ୍ୟକ୍ତିତ୍ୱ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଏ ହେଉଛି ଏକ ସୁନ୍ଦର ଅବସର ।

ଏହି ଅବସରରେ ପ୍ରକାଶ ପାଉଥିବା "ସରଗିଫୁଲ୍" ପିଲାମାନଙ୍କ ଲେଖା, କଳାକୃତି, ଅଭିବ୍ୟକ୍ତି ଓ ସୃଜନକୁ ସୁସଂଗଠିତ ଭାବରେ ସଂକଳିତ କରିବାର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ । ଏହା ଆମ ବିଭାଗ ପକ୍ଷରୁ ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଓ ସେମାନଙ୍କୁ ଉଚ୍ଚତର ସଫଳତା ଦିଗରେ ପ୍ରେରିତ କରିବାଲାଗି ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଯୋଗାଇଦେଇଥାଏ ।

ବିଭାଗ ଦ୍ୱାରା ଚାଲୁଥିବା ସମସ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ଅଧିକାର, ଗୁଣବତ୍ତାପୂର୍ଣ୍ଣ ଶିକ୍ଷା, ସାମାଜିକ ସୁରକ୍ଷା ଓ ସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିବା । ମୁଁ ବିଶ୍ୱାସ କରେ, ସରଗିଫୁଲ୍ ଭଳି ଅଭିନବ ପ୍ରୟାସ ଆମ ପିଲାମାନଙ୍କୁ ଆତ୍ମବିଶ୍ୱାସୀ, ସଚେତନ ଓ ସୃଜନଶୀଳ ନାଗରିକ ଭାବେ ଗଢ଼ି ତୋଳିବ ।

ସରଗିଫୁଲ୍ ୨୦୨୫ର ସଫଳ ଆୟୋଜନରେ ସମ୍ପୃକ୍ତ ସମସ୍ତଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ଏବଂ ଏହି ପ୍ରତିଷ୍ଠିତ ମହୋତ୍ସବରେ ଅଂଶଗ୍ରହଣ କରୁଥିବା ସମସ୍ତ ପିଲାଙ୍କ ଭବିଷ୍ୟତ ପ୍ରତି ମୋର ଶୁଭକାମନା ଜଣାଉଛି ।

(ବା. ପରମେଶ୍ୱରନ୍)



**ଶ୍ରୀ ସୁଧାକର ଶବର,** ଓ. ପ୍ର. ସେ. (ସ୍ୱ.ସ)
ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

# ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ପିଲାମାନଙ୍କ ସୃଜନଶୀଳତା, ସାହସ, ସାଂସ୍କୃତିକ ଉତ୍ସର୍ଗ ଓ ନିଜର ଜନଜାତିକ ମର୍ଯ୍ୟାଦାକୁ ଅଭିବ୍ୟକ୍ତ କରିବା ପାଇଁ "ସର୍‌ଗିଫୁଲ୍" ଗୋଟିଏ ସୁନ୍ଦର ପ୍ରୟାସ । ପ୍ରତିବର୍ଷ ବିଭାଗ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ମହୋତ୍ସବ ପିଲାମାନଙ୍କ ପ୍ରତିଭାକୁ ଚିହ୍ନଟ, ପରିପୁଷ୍ଟ ଓ ପ୍ରେରିତ କରିବାରେ ଏକ ସୃଜନମୟ ଯାତ୍ରା ।

ବିଭିନ୍ନ ଜିଲ୍ଲାସ୍ତରରୁ ଦକ୍ଷତା ପ୍ରତିପାଦିତ କରି ଆସିଥିବା ଆମ ପିଲାମାନେ ସୃଜନ, କଳା, ସଙ୍ଗୀତ, ନୃତ୍ୟ, ବିଜ୍ଞାନ, ଅଭିନୟ ଓ ନେତୃତ୍ୱ ପ୍ରଦାନକାରୀ କୌଶଳରେ ଦେଖାଇଥିବା ତାଙ୍କର କ୍ଷମତା ଗୋଟେ ନୂଆ ଭବିଷ୍ୟତ ପାଇଁ ପଥ ପ୍ରଦର୍ଶକ ନିଶ୍ଚୟ । କର୍ମଶାଳା ପିଲାମାନଙ୍କୁ କେବଳ ଶିଖାଇନଥାଏ, ବରଂ ତାଙ୍କ ପାଇଁ ଜ୍ଞାନ, ଅନୁଭବ ଓ ସ୍ୱପ୍ନର ଅମୂଲ୍ୟ ଅବସର ସୃଷ୍ଟି କରେ ।


ସର୍‌ଗିଫୁଲ୍ ପତ୍ରିକା ପିଲାମାନଙ୍କ ଚିନ୍ତା, କଳ୍ପନା, ଶିଳ୍ପସୃଜନ ଓ ଲେଖକୀୟ ଦକ୍ଷତାକୁ ସମଗ୍ର ଓଡ଼ିଶା ସମ୍ମୁଖରେ ରଖିବାର ଏକ ଅଭିନବ ଉଦ୍ୟମ । ଏହା ଆମ ପିଲାମାନଙ୍କ ଭିତରେ ଥିବା ରଚନାତ୍ମକ ଉଜ୍ଜ୍ୱଳତାର ପ୍ରତିବିମ୍ବ ।

ଆମ ବିଭାଗ ପିଲାମାନଙ୍କ ସାମଗ୍ରିକ ବିକାଶ ପାଇଁ ନିରନ୍ତର ପ୍ରୟାସରେ ନିବିଡ଼ ଭାବେ ପ୍ରୟାସରତ । ସୃଜନ, ସଂସ୍କୃତି, ଜ୍ଞାନ ଓ ପ୍ରତିଭା ନେଇ ଜନଜାତି ପିଲାମାନେ ରାଜ୍ୟ ଓ ଦେଶ ପାଇଁ ଗର୍ବ ଆଣିବେ, ଏହା ଆମ ସମସ୍ତଙ୍କର ଅକ୍ଷୟ ଆଶା ।

ସର୍‌ଗିଫୁଲ୍-୨୦୨୫ରେ ଅଂଶଗ୍ରହଣ କରୁଥିବା ସମସ୍ତ ପିଲା, ଶିକ୍ଷକ, ଅଭିଭାବକ ତଥା ବିଭାଗୀୟ ଅଧିକାରୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।

ପିଲାମାନେ ତାଙ୍କ ସ୍ୱପ୍ନ ଓ ସଫଳତାର ଆକାଶ ଛୁଅଁନ୍ତୁ , ଏହା ହେଉଛି ସର୍‌ଗିଫୁଲର ସ୍ୱପ୍ନ, ଆଶା ଓ ପ୍ରେରଣା ।

(ସୁଧାକର ଶବର)



# ସଂପାଦକୀୟ...

ସର୍‌ଗିଫୁଲ୍, ବଣ ଜଙ୍ଗଲର ଫୁଲ ।

ଜଙ୍ଗଲର ପତ୍ରଝଡା, ପାହାଡ଼ର ନିରବତା, ଝରଣାର ସ୍ୱର, ପବନର ମହକ, ଗାଁର ଲୋକକଥା ଏବଂ ନିଜ ଜାତିର ଅମୂଲ୍ୟ ପରମ୍ପରା ମନରେ ଭାବାନ୍ତର ସୃଷ୍ଟି କରେ ଅହରହ । ଗ୍ରୀଷ୍ମର ଝାଂଜି, ଶୀତର କାକର ଓ ବର୍ଷାର ରିମ୍‌ଝିମ୍ ବାରିପାତ ଅଦ୍ଭୁତ ଶିହରଣ ସୃଷ୍ଟିକରେ ମନ ଓ ହୃଦୟରେ । ଏସବୁ ପରିସ୍ଥିତି ଅନେକ ସମୟରେ କୁନି ମନରେ ସର୍ଜନଶୀଳତା ଜାଗରିତ କରେ ।

ରାଜ୍ୟର ବିଭିନ୍ନ ଆବାସିକ ବିଦ୍ୟାଳୟରେ ପଢୁଥିବା ଆମ ଛାତ୍ରଛାତ୍ରୀମାନଙ୍କ ଭିତରେ ଉତ୍ସାହ, କୌଶଳ ଓ କଳ୍ପନାଶକ୍ତିର ଅଭାବ ନାହିଁ । ସେମାନେ ପ୍ରକୃତି, ମାଟି, ଜୀବନ ଓ ସମାଜକୁ ନିଜର ଶବ୍ଦ ଓ ରଙ୍ଗରେ ନିଜେ ଚିତ୍ରାୟିତ କରନ୍ତି । ସେମାନଙ୍କର ଏହି ପୁଞ୍ଜୀଭୂତ ଭାବନାକୁ ଗପ, କବିତା, ଚିତ୍ର, ଗଳ୍ପଚିତ୍ରଣ ଆଦି ସୃଜନରେ ପରିଣତ କରି ସର୍‌ଗିଫୁଲ ସେମାନଙ୍କ ସ୍ୱପ୍ନକୁ ଡେଣା ଯୋଗାଇ ଦେବାରେ ସକ୍ଷମ । ପିଲାଙ୍କ ହୃଦୟରୁ ନିଗିଡ଼ିଥିବା ଗପ, କବିତା, ଚିତ୍ର ଭଳି ସୃଜନମୟ ପ୍ରୟାସ କେବଳ ଶିଶୁ ନିର୍ମିତ କଳା ମାତ୍ର ନୁହେଁ, ଏହା ହେଉଛି ଆମ ଜନଜାତି ସମାଜର ଜୀବନମୂଲ୍ୟ, ପାରମ୍ପରିକ ଜ୍ଞାନ, ନିର୍ମଳ ଚିନ୍ତା ଓ ସ୍ୱପ୍ନର ଉଜ୍ଜ୍ୱଳ ଚିତ୍ରଣ ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ପିଲାମାନଙ୍କ ନିରଳସ ଚିନ୍ତାଧାରା, ପ୍ରତିଭା ଓ ସାଂସ୍କୃତିକ ମୂଳ ପରିଚୟକୁ ଏକତ୍ର କରି ଉନ୍ମୋଚିତ କରିବା ଲାଗି ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି

ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପ୍ରତିବର୍ଷ "ସର୍‌ଗିଫୁଲ" ଶିଶୁ ସାହିତ୍ୟ ପତ୍ରିକା ପ୍ରକାଶ କରିଆସୁଛନ୍ତି । ପ୍ରତିଟି ଜନଜାତି ସମାଜର ଲୋକକଳା, ପାରମ୍ପରିକ ଜୀବନମୂଲ୍ୟ ଓ ଅସ୍ତିତ୍ୱବୋଧରେ ଥାଏ ଭିନ୍ନ ଭିନ୍ନ ରଙ୍ଗ । ପିଲାମାନଙ୍କ ହୃଦୟର ଆବେଗ ଓ ନୈସର୍ଗିକତା ମିଶିଯାଇ ଏହି ପତ୍ରିକାକୁ ବର୍ଷ ବର୍ଷ ଧରି ସମୃଦ୍ଧ କରିଆସିଛି । ସର୍‌ଗିଫୁଲ କେବଳ ପତ୍ରିକା ନୁହେଁ, ଆଗାମୀ ପିଢ଼ିର ଭାବନା, ଲକ୍ଷ୍ୟ ଓ ପରିଚୟର ଏକ ଜୀବନ୍ତ ଦୈନନ୍ଦିନୀ ।

ଭବିଷ୍ୟତ ନିର୍ମାଣରେ ଶିଶୁମନର ପ୍ରତିଭାକୁ ଅନାବୃତ କରିବାରେ ଏହି ପ୍ରଚେଷ୍ଟା ନିଶ୍ଚୟ ଏକ ନୂଆ ସଂକଳ୍ପ ଓ ଦୃଢ଼ ପଦକ୍ଷେପ ।

ଆଶା ଏହି ପତ୍ରିକାଟି ପ୍ରେରଣାର ସୂତ୍ର ହୋଇ ପ୍ରତ୍ୟେକ ପିଲା ଭିତରେ ଥିବା ସୃଜନଶକ୍ତିକୁ ଅବିରତ ଉଦ୍‌ବୁଦ୍ଧ କରି ଚାଲିବ ।

**ଦାଶ ବେନହୁର**

# ସୂଚୀପତ୍ର


| କ୍ର.ନ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | ଭଗବାନ ବିର୍ସା ମୁଣ୍ଡା | | ୦୧ |
| ୧. | ହେ ଈଶ୍ୱର ! | ମୁସ୍କାନ୍ ଟପ୍ପୋ | ୦୪ |
| ୨. | ମାଆ | ରଶ୍ମିତା ତିରିଆ | ୦୫ |
| ୩. | ଆତ୍ମବିଶ୍ୱାସୀ ହୁଅ | ଅରୁନ୍ଧତୀ କାର୍ଯ୍ୟୀ | ୦୬ |
| ୪. | ଆସ ଆମେ ସ୍କୁଲ ଯିବା | ଶୃତି ଖମାରୀ | ୦୮ |
| ୫. | ମୋ ମାଆ | ତପସ୍ୱିନୀ ଦେହୁରୀ | ୦୯ |
| ୬. | ଆମ ଆଦିବାସୀ ପରମ୍ପରା ଓ ପର୍ବ | ପୂଜା ରାଣୀ ଟୁଡୁ | ୧୦ |
| ୭. | ଆମ ଚନ୍ଦ୍ରଗିରି ଭାରି ସୁନ୍ଦର | ପୁଷ୍ପଲତା ରଇତ | ୧୨ |
| ୮. | ବାପା ମାଆ | କୁମାରୀ ସାଇକ୍ରିଷ୍ଣା ମଲ୍ଲିକ | ୧୩ |
| ୯. | ସଂସ୍କୃତି ଶିକ୍ଷା | ଅମର ହେମ୍ବ୍ରମ୍ | ୧୪ |
| ୧୦. | ଆମ ସଂସ୍କୃତି | ଆୟୁଷୀ ନାଏକ | ୧୫ |
| ୧୧. | ମୋ ସଂସ୍କୃତି | ବିଷ୍ଣୁପ୍ରିୟା ସେଠୀ | ୧୬ |
| ୧୨. | କଥା ସୋନପୁରର ଚେପଟା ଢୋଲର | କୁମାରୀ ତନୁଜା ଧରୁଆ | ୧୭ |
| ୧୩. | ପ୍ରକୃତ ସୁରକ୍ଷା | ସୁଶାନ୍ତ ମୁଣ୍ଡା | ୧୯ |
| ୧୪. | ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ | ରସ୍ମିତା ମୁଣ୍ଡା | ୨୦ |
| ୧୫. | ଯାଅ ଘେରାଏ ବୁଲି ଆସିବ | ମଧୁସ୍ମିତା ପିଙ୍ଗାଲ | ୨୧ |
| ୧୬. | ବାପା | ଚନ୍ଦୁ କୃଷିକା | ୨୩ |
| ୧୭. | ବୃକ୍ଷ ପରି ବନ୍ଧୁ ଜଗତେ ନାହିଁ | ବାଦଲ୍ କୁମାର ସାହୁ | ୨୪ |
| ୧୮. | ମୋ ଗାଁ ରାଣୀପୁର ଝରିଆଲ | ଶ୍ରୁତି ପୁଝାରୀ | ୨୫ |
| ୧୯. | ଆମ ପରିବେଶ | ପ୍ରତିମା ପୂଜାରୀ | ୨୭ |
| ୨୦. | ନ'ଭୁଲ କେବେ ଅତୀତ | ଶୁଶାନ୍ତ ଧାରୁଆ | ୨୮ |
| ୨୧. | ମଧୁର ପଶ୍ଚାତାପ | ପ୍ରତିମା ମୁଣ୍ଡା | ୨୯ |
| ୨୨. | ବହି | ମାମି ସିଂ | ୩୧ |
| ୨୩. | ବିଜ୍ଞାନ ଆଖିରେ ବଡ଼ | ନିର୍ମଳା ପ୍ରଧାନ | ୩୨ |

| | | | |
|---|---|---|---|
| ୨୪. | ପରିଶ୍ରମର ଫଳ | ନିର୍ମଳା ମୁର୍ମୁ | ୩୩ |
| ୨୫. | ବାଘ ଓ ବିଲେଇ | କେକେଶ୍ରୀ ମାଝୀ | ୩୫ |
| ୨୬. | ଶିଶୁଟିଏ ମୁହିଁ | ରଞ୍ଜନ ସାନ୍ତା | ୩୭ |
| ୨୭. | ଓରାମ ସମାଜରେ ସାରହୁଲ୍ ପର୍ବ | ପୂଜା ଓରାମ | ୩୮ |
| ୨୮. | ଆମ ଓଡ଼ିଶା ଭୂଇଁ | ରମା ପୂଜାରୀ | ୪୦ |
| ୨୯. | 'ସରଗିଫୁଲ୍' ମୋ କଥା | ତୃପ୍ତିମୟୀ ବେହେରା | ୪୧ |
| ୩୦. | କୁମ୍ଭୀର ଓ ବିଲୁଆ | ଦିବ୍ୟଶ୍ରୀ ପୂଜାରୀ | ୪୩ |
| ୩୧. | ମୋ' ସାଙ୍ଗ | ରାନୁମା ଦେହୁରୀ | ୪୫ |
| ୩୨. | ଫୁଲ | ବନ୍ଦନା ପ୍ରଧାନ | ୪୬ |
| ୩୩. | ଖାଦ୍ୟ ସାର | କୁମାରୀ ରୀତା ସିଂ | ୪୭ |
| ୩୪. | ସମୟର ମୂଲ୍ୟ ବୁଝ | ଅଞ୍ଜଳୀ ବାସ୍କେ | ୪୮ |
| ୩୫. | ଆମ ବିଦ୍ୟାଳୟ | ସୁମିତ୍ରା ପାଇକ | ୪୯ |
| ୩୬. | ଅଳସୁଆ ରାଜା | କୁମାରୀ ରୀନା ସିଂ | ୫୦ |
| ୩୭. | ବଡ଼ କିଏ ? | ରିଙ୍କି ନାୟକ | ୫୨ |
| ୩୮. | ଜୀବନର ପାଞ୍ଚଟି ଶିକ୍ଷା | ଜୁଲି ହୁଇକା | ୫୪ |
| ୩୯. | ଭୁଲିବୁ ନାହିଁ | ସ୍ମୃତି ମହାନନ୍ଦିଆ | ୫୬ |
| ୪୦. | ସେବା ଓ ଏକାଗ୍ରତା | ଝାନ୍ସୀ ନାୟକ | ୫୭ |
| ୪୧. | କନ୍ୟା | ସ୍ନେହା କାଙ୍ଗାଡ଼ୀ | ୫୮ |
| ୪୨. | ବନାନୀର ଶେଷ ସ୍ୱର | ରଞ୍ଜିତା ମାର୍ଣ୍ଡି | ୫୯ |
| ୪୩. | Success | Sibani Singh | ୬୧ |
| ୪୪. | ବୃକ୍ଷର ଅଭିଶାପ | ସୁମଲିତା ରଉତ | ୬୨ |
| ୪୫. | My Dear School | Priyabrata Mirdha | ୬୪ |
| ୪୬. | କୋହ୍ଲ ଜାତିର ସଂସ୍କୃତି ଓ ପରମ୍ପରା | ପ୍ରମୋଦିନୀ ସିଂ | ୬୫ |
| ୪୭. | Our Dear Mother Earth | Pradeep Majhi | ୬୭ |
| ୪୮. | ଦିଗହରା ଓଡ଼ିଆ ସଂସ୍କୃତି | ମାଳତି ମାଝୀ | ୬୮ |
| ୪୯. | ପରିଶ୍ରମ କରି ଗଢ଼ିବା ଦେଶ | ଲକ୍ଷ୍ମୀପ୍ରିୟା ରାଉତ | ୭୦ |
| ୫୦. | ସେଇ ଦେଶେ ମୋର ଘର | ସୁନାମଣୀ ବଦ୍ରା | ୭୧ |
| ୫୧. | ସରଗିଫୁଲ୍ ୨୦୨୪ର ଶ୍ରେଷ୍ଠ ସୃଜନାତ୍ମକ ଲିଖନ | | ୭୨ |
| ୫୨. | ସରଗିଫୁଲ୍ - ୨୦୨୫ | | ୯୦ |
| ୫୩. | ଜିଲ୍ଲାସ୍ତରୀୟ ସରଗିଫୁଲ୍ - ୨୦୨୫ | | ୯୨ |

# ଭଗବାନ ବିର୍ସା ମୁଣ୍ଡା



**"ଭଗବାନଙ୍କର ମରଣ ନାହିଁ**
**ବୀରସାଇତାଙ୍କ ର ମରଣ ନାହିଁ"**

ସତରେ ଭଗବାନଙ୍କର କ'ଣ ମୃତ୍ୟୁ ଅଛି ?  ବୀରମାନଙ୍କର କ'ଣ ମୃତ୍ୟୁ ଅଛି ? ସେମାନେ ଚିର ଅମର। ସେମାନେ ବଞ୍ଚନ୍ତି ପ୍ରତି ହୃଦୟରେ। ଇତିହାସର ପ୍ରତି ପୃଷ୍ଠାରେ ସେମାନଙ୍କୁ ଆବାହନ କରାଯାଏ ପ୍ରତିଟି ସ୍ମୃତିସଭାରେ। ସେମାନେ ପ୍ରେରଣାର ମନ୍ତ୍ର ଦିଅନ୍ତି ପ୍ରତିଟି ମୁହୂର୍ତ୍ତରେ।

ଧରତୀଆବା ବିର୍ସାମୁଣ୍ଡାଙ୍କର କ'ଣ ମୃତ୍ୟୁ! ସେ ଅନ୍ତର୍ଦ୍ଧାନ ହୋଇପାରନ୍ତି। ସେ ଫେରିବେ। ସେ ପୁଣି ଫେରିବେ। ଆଦିବାସୀମାନଙ୍କର ଜମି ଉପରେ ମାଲିକାନା ଫେରିବ। ତାଙ୍କ ଘାଟୋ ଉପରୁ ଟିକସ ଉଠିବ, ତାଙ୍କ ସଂସ୍କୃତି ରହିବ। ଏ ସଂଗ୍ରାମ ଜାରି ରହିବ। ଏ ବିଶ୍ୱାସରେ କହୁଥିଲେ ସେଦିନ ମୁଣ୍ଡା ଜନଜାତିର ପ୍ରତ୍ୟେକ ମୁଣ୍ଡା, ବିର୍ସାଙ୍କର ମୃତ୍ୟୁ ଖବରରେ।

ବିର୍ସା ମୁଣ୍ଡା ଭାରତ ମାତାଙ୍କ ସୁଯୋଗ୍ୟ ସନ୍ତାନ। ସେ ଜନ୍ମ ନିଅନ୍ତି ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଝାରଖଣ୍ଡର ଉଲିହାତୁ ଗ୍ରାମରେ ପିତା ସୁଗାନ ମୁଣ୍ଡା ଓ ମାଆ କର୍ମୀ ମୁଣ୍ଡାଙ୍କ ଠାରୁ। ଛେଳି ଚରା, ବଂଶୀବାଦନ ପରି ସାଧାରଣ ଜୀବନ ପରେ ବଡ଼ ଭାଇଙ୍କ ପାଖରେ ରହି ମିଶନାରୀ ବିଦ୍ୟାଳୟରୁ ନିଜର ଆନୁଷ୍ଠାନିକ ଶିକ୍ଷା ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସ୍ୱାମୀ ଆନନ୍ଦ ପାଣ୍ଡେଙ୍କ ନୈତିକ ଜୀବନ ଓ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ ସେ ପବିତ୍ର ପଇତା ଧାରଣ କରି ନୈତିକ  ଜୀବନ ଯାପନ କରନ୍ତି।  ତୁଳସୀ ପୂଜା କରନ୍ତି। ସାଙ୍ଗଙ୍କ ସହ ଜଙ୍ଗଲରେ ବୁଲୁଥିବା ସମୟରେ ବିଜୁଳିରୁ ଦିବ୍ୟଜ୍ୟୋତି ଆସି ଦିବ୍ୟଶକ୍ତିର ଅଧିକାରୀ ହୋଇ ରୋଗୀମାନଙ୍କୁ ବିଭିନ୍ନ ରୋଗରୁ ଆରୋଗ୍ୟ କରନ୍ତି। ମୁଣ୍ଡାମାନଙ୍କୁ ନିଶା, ହିଂସା, ଧର୍ମ ପରିବର୍ତ୍ତନ ଠାରୁ ଦୂରେଇ ରହିବାକୁ କହୁଥିବା ବିର୍ସା  କିନ୍ତୁ ଅତିଷ୍ଠ ହୋଇ ପଡ଼ିଲେ ମୁଣ୍ଡାମାନଙ୍କ ଉପରେ ହେଉଥିବା  ଅସହ୍ୟ ଶୋଷଣ ଦେଖି।

ମାଟି ପାଇଁ ଜନ୍ମ ନେଇଥିବା ମାଟିର ବୀର କେମିତି ସହ୍ୟ କରିବ ମାଟିର ମଣିଷମାନଙ୍କୁ ବ୍ରିଟିଶ ସରକାର ଦେଉଥିବା ଅକଥନୀୟ ଅସହନୀୟ ଅତ୍ୟାଚାର ? ଅନ୍ୟାୟ ଭାବରେ ସେବାପଛା ନାମରେ ନେଇଯାଉଥିବା ନିଜ ଜମିର ମାଲିକାନା, ଶେଷ ରାହା ସ୍ୱରୂପ ଖାଇବଞ୍ଚୁଥିବା ଘାଟୋ (ଘାସମଞ୍ଜି) ଉପରେ ଟିକସ। ସେ ଠିକ୍ ବୁଝିଥିଲେ ସାଂସ୍କୃତିକ ଅତ୍ୟାଚାର ଓ ରାଜନୈତିକ ଅଧିକାର ସମ୍ବନ୍ଧରେ। ସେଥିପାଇଁ ତାଙ୍କ ଡାକରା – "ଅବୁଆ ଦିଶୋମ, ଅବୁଆ ରାଜ", ଅବୁଆ ରାଜା ଇତେ ଜାନା, ମହାରାନୀ ରାଜା ଟୁଡୁ ଜାନା"।

(ଆମର ଦେଶ, ଆମର ଅଧିକାର। ଆମର ସାମ୍ରାଜ୍ୟ ପ୍ରତିଷ୍ଠା ହେଉ, ମହାରାଣୀଙ୍କ ପତନ ହେଉ)

ତାଙ୍କ ନେତୃତ୍ୱରେ ଶହ ଶହ ମୁଣ୍ଡା ଏକତ୍ରିତ ହୁଅନ୍ତି। ବ୍ରିଟିଶ ବିରୁଦ୍ଧରେ ଲଢ଼େଇ ଜାରି ରହେ। ବ୍ରିଟିଶମାନେ ଡୋମ୍ବାରି ପାହାଡ଼ରେ ଗୁଳି କରି ମାରନ୍ତି ଏକାଠି ହୋଇଥିବା ଶହ ଶହ ଆଦିବାସୀ  ସଂଗ୍ରାମୀମାନଙ୍କୁ ଓ ସେମାନଙ୍କର ନିରୀହ ପରିବାର ସଦସ୍ୟଙ୍କୁ। ତଥାପି ସଂଗ୍ରାମ ଜାରି ରହେ ଲକ୍ଷ୍ୟ ହାସଲ ଦିଗରେ। ବିର୍ସାଙ୍କ ନେତୃତ୍ୱକୁ ଭୟ କରନ୍ତି ବ୍ରିଟିଶ ସରକାର। ବିର୍ସାଙ୍କୁ ବନ୍ଦୀ କରନ୍ତି। ମିଥ୍ୟା ମକଦ୍ଦମାରେ ଫସାଇ କାରାଗାରରେ ରଖନ୍ତି। ଖାଦ୍ୟରେ ଜହର ଦେଇ ହଇଜାରେ ମରିବାର ତଥ୍ୟ ଦିଅନ୍ତି, ବିର୍ସାଙ୍କ ବାଲ୍ୟ ବନ୍ଧୁ ଡାକ୍ତର ଅମୂଲ୍ୟଙ୍କୁ ବାଧ୍ୟ କରାଇ।

ବିର୍ସାଙ୍କ ଶବକୁ ପୋଡ଼ିସାରିବା ପରେ ମେହେନ୍ତର ଶିବନ୍ ପାଗଳ ଭଳି କାନ୍ଦେ। ଅମୂଲ୍ୟ ଚାକିରି ଛାଡ଼ନ୍ତି।

ନିଜ ଜନଜାତି ଓ ମାଟି ପାଇଁ ପ୍ରାଣବଳି ଦେଇଥିବା ବିର୍ସା ଆମ ସମସ୍ତଙ୍କ ହୃଦୟରେ ରହିବେ ସୂର୍ଯ୍ୟଙ୍କ ଭଳି ଚିର ଉଦ୍ଭାସିତ।

ବିର୍ସା ଭଗବାନ ଆଜି ଇହଧାମରେ ନାହାଁନ୍ତି ସତ, ତାଙ୍କର ପ୍ରତିଟି କାର୍ଯ୍ୟଧାରା, ତ୍ୟାଗ ଜନଜାତିଙ୍କ ପାଇଁ ପ୍ରେରଣା ଯୋଗାଇଥିଲା, ଯୋଗାଇବ ମଧ୍ୟ। ୨୦୨୧ ମସିହାଠାରୁ ତାଙ୍କର ଜନ୍ମ ଦିବସକୁ ଭାରତ ସରକାରଙ୍କ ତରଫରୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯିବା ସହ ଭାରତମାତାର ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳି ଦେଇଥିବା ସମସ୍ତ  ଜନଜାତି ମୁକ୍ତିକାମୀ ବୀରମାନଙ୍କ ବୀରତ୍ୱ ଗାଥା ସ୍ମୃତିଚାରଣ କରିବାର ଅବସର ଦେଇଛି ପ୍ରତିଟି ଭାରତୀୟଙ୍କ ପାଇଁ।

ଏ ବର୍ଷ (୨୦୨୫) ବିର୍ସା ଭଗବାନଙ୍କ ୧୫୧ତମ ଜୟନ୍ତୀରେ ତାଙ୍କ ସହ ସମସ୍ତ ଜନଜାତି ବୀରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରୁଛୁ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,
ଭୁବନେଶ୍ୱର



ଅର୍ଚ୍ଚିତା ଗିରି, ଶ୍ରେଣୀ : ଦଶମ, ସରକାରୀ (ଏସ୍.ଏସ୍.ଡି) ଉଚ୍ଚ ବିଦ୍ୟାଳୟ, ଡେରେଙ୍ଗ

# ହେ ଈଶ୍ୱର !

**ମୁସ୍କାନ୍ ଟପ୍ପୋ**
ଦଶମ



ଜିଇଁବାର ଆଶା ମୋ ଦେହେ ରୋପିଛ
ମାଟିରେ ଅଙ୍କୁର ପରି,
ଦୁଃଖରେ ଦେଇଛ ମୋ ଦେହରେ ତୁମେ
ସହିବା ଶକତି ଭରି ।
ଦୁଃଖ ଭୁଲିବାର ବାଟ ବତାଇଛ
ଆଖି କୋଣେ ଲୁହ ଦେଇ,
ଅନ୍ଧାର ଆଲୁଅ ତୁମେ ତ ଦେଇଛ
ଜୀବନର କଥା କହି ।
ଶୁଖିଲା ପତର ଝଡ଼ି ପଡ଼େ ଯେବେ
ସିରି ସିରି ପବନରେ,
ତୁମ ଆଶୀର୍ବାଦ ତୋଳଇ ମୂର୍ଚ୍ଛନା
କଅଁଳ ଗଛ ପତରେ ।
ବାଟ ଚାଲୁଚାଲୁ ପଥ ହୁଡ଼ି ଯେବେ
ଅବାଟରେ ଯାଏ ମୁହିଁ,
ବତାଇ ଦିଅ ସେ ବାଟର ଠିକଣା
ଇସାରାରେ କହି ଦେଇ ।

ପି. ଏମ.ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଛତାସର୍ଗୀ, ସବଡ଼େଗା, ସୁନ୍ଦରଗଡ଼

○❖○

ଜାତିର ଉନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯା'ର ବ୍ୟସ୍ତ ମନ
ଶାଗୁଆ ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?
ଉତ୍କଳ ଗୌରବ ମଧୁସୂଦନ ଦାସ

# ମାଆ

**ରଶ୍ମିତା ତିରିଆ**
ଦଶମ

ଜୀବନରେ ସିନା ସବୁତ ମିଳିବ
ମା'ତ ମିଳିବ ନାହିଁ,
ସନ୍ତାନଙ୍କ ପାଇଁ ଆଉ କିଏ କହ
କଷଣ ପାରିବ ସହି ।

ଖାଇବା ପିଇବା ଶୋଇବାକୁ ଭୁଲି
ସନ୍ତାନର ହିତ ଚାହେଁ,
ନିଜର ଖାଇବା ଦରବକୁ ଯିଏ
ପେଟରୁ ସାଇତି ଥାଏ ।

ସନ୍ତାନକୁ ଦେଇ ମହାଖୁସି ପାଏ
ତା' ପରି ହୋଇବ କିଏ,
ସନ୍ତାନ ଦୁଃଖରେ ଦିନରାତି ସିଏ
ଖିଆପିଆ ଭୁଲିଯାଏ ।

ସନ୍ତାନ ହିତରେ ସବୁ ହିତ ତା'ର
ତାହା ପରି ନାହିଁ କେହି,
ମା' ପରି କିଏ ହେବ ଏ ସଂସାରେ
ତୁଳନା ତାହାର ନାହିଁ ।

ଶୁଝି ପାରିବକି ମା' ଋଣ କେବେ
ପ୍ରତିଦାନ ତା'ର କାହିଁ,
ସେବା କରି ତା'ର ଋଣରୁ ମୁକତ
କିଏ ବା ପାରିବ ହୋଇ ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ଦେହୁରିପୋଷି, କେନ୍ଦୁଝର

○❖○



# ଆତ୍ମବିଶ୍ୱାସୀ ହୁଅ

**ଅରୁନ୍ଧତୀ କାର୍ଯୀ**
ଦଶମ

ଥରେ ଜଣେ ରାଜା ବହୁଦିନ ପରେ ନିଜ ଉଦ୍ୟାନରେ ବୁଲୁଥିଲେ। ସେଠାରେ ଦେଖିଲେ ଯେ ଗଛଲତାଗୁଡ଼ିକ ଶୁଖି ଶୁଖି ଯାଇଛନ୍ତି। ରାଜା ବହୁତ ଚିନ୍ତିତ ହେଲେ । ଏହାର କାରଣ ଜାଣିବା ପାଇଁ ସେ ସମସ୍ତ ବୃକ୍ଷ ଓ ଉଦ୍ଭିଦକୁ ଗୋଟି ଗୋଟି କରି ପ୍ରଶ୍ନ ପଚାରିବା ଆରମ୍ଭ କଲେ ।

ଓକ୍ ଗଛ କହିଲା - "ମୁଁ ମରିଯାଉଛି କାରଣ ଦେବଦାରୁ ପରି ଲମ୍ବା ନୁହେଁ"। ଯେତେବେଳେ ରାଜା ଦେବଦାରୁ ଆଡ଼କୁ ଚାହିଁଲେ, ଦେବଦାରୁ ପ୍ରଣାମ କରି କହିଲା- "ମୁଁ ଲମ୍ବା ହେଲେ କ'ଣ ହେଲା, ଅଙ୍ଗୁର ପରି ଫଳ ଦେଇ ପାରିଲି ନାହିଁ"। ଅଙ୍ଗୁର ଲତା କହିଲା - "ମୁଁ ମରିଯାଉଛି କାରଣ ମୁଁ ଗୋଲାପ ପରି ସୁନ୍ଦର ଫୁଲ ଦେଇ ପାରିଲି ନାହିଁ" ।

ରାଜା ଟିକିଏ ଆଗକୁ ଗଲେ, ଦେଖିଲେ ଏକ ଗଛ ଯାହା ସ୍ଥିର, ସୁନ୍ଦର ଫୁଲ ଫୁଟିଛି ଏବଂ ତାଜା ହୋଇ ସଦ୍ୟ ସ୍ନାନ କରିବା ସଦୃଶ ଅଛି ।

ରାଜା ଦେଖିଲେ ଓ ପଚାରିଲେ - ଏହା ଅଦ୍ଭୁତ ! ମୁଁ ପୂରା ବଗିଚା ବୁଲି ଆସିଲି ଏକ୍‌ସେ ବଢ଼କର୍ ଏକ୍ ଶକ୍ତିଶାଳୀ। କେତେ ବଡ଼ ବଡ଼ ଗଛ ଦୁଃଖରେ ବସିଛନ୍ତି କିନ୍ତୁ ତୁମେ ଭାରି ଖୁସି ଦେଖାଯାଉଛ। ଏହା କିପରି ସମ୍ଭବ !



ଗଛଟି କହିଲା, ପ୍ରଭୁ ! ଅନ୍ୟ ସମସ୍ତ ବୃକ୍ଷଗୁଡ଼ିକ ନିଜର ଗୁଣ, ବିଶେଷତା ଦେଖିବା ପରିବର୍ତ୍ତେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରୁଛନ୍ତି । ତେଣୁ ଦୁଃଖ ଭୋଗ କରୁଛନ୍ତି । ମୁଁ ଜାଣିଲି, ଆପଣ ନିଜେ ମୋତେ ଉଦ୍ୟାନରେ ରୋପଣ କରିଛନ୍ତି । ତେଣୁ ମୋର ଗୁଣ ସହିତ ଏହି ଉଦ୍ୟାନର ସୌନ୍ଦର୍ଯ୍ୟକରଣ କରିବା ମୋର ଧର୍ମ । ଯଦି ଆପଣ କେବଳ ଓକ୍, ଦେବଦାରୁ, ଅଙ୍ଗୁର କିମ୍ବା ଗୋଲାପ ଚାହୁଁଥାନ୍ତେ ତେବେ ମୋତେ ସଂସ୍ଥାପିତ କରି ନ ଥାନ୍ତେ । ସେଥିପାଇଁ ଅନ୍ୟ କାହା ପରି ହେବା ପରିବର୍ତ୍ତେ, ମୁଁ ମୋର ଦକ୍ଷତା ଅନୁଯାୟୀ ଶ୍ରେଷ୍ଠ ହେବାକୁ ଚେଷ୍ଟା କରିଛି ଏବଂ ଭାରି ଖୁସିରେ ରହିଛି" ।

ଆମେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରି ନିଜକୁ ଅବମାନନା କରି ଭୁଲ୍ କରିଥାଉ । ଅନ୍ୟମାନଙ୍କର ବୈଶିଷ୍ଟ୍ୟ ଦ୍ୱାରା ଅନୁପ୍ରାଣିତ ହେବା ପରିବର୍ତ୍ତେ, ଆମେ କାହିଁକି ସେମାନଙ୍କ ପରି ହୋଇ ପାରିଲୁ ନାହିଁ ଭାବି ଦୁଃଖିତ ହେଉ । ତା'ପରେ ଅନୁତାପ ପଶ୍ଚାତାପ କରିବା ଆରମ୍ଭ କରିଦେଉ । ନା ଆମେ ସଚିନ ତେନ୍ଦୁଲକରଙ୍କ ଭଳି ବ୍ୟାଟିଂ କରିପାରିବୁ, ନା ଆମେ ଅମିତାଭ ବଚ୍ଚନଙ୍କ ଭଳି ଅଭିନୟ କରିପାରିବ। କିମ୍ବା ଉସେନ ବୋଲ୍ଟଙ୍କ ପରି ଦୌଡି ପାରିବୁ ଅବା ଫେଡ଼େରରଙ୍କ ପରି ଟେନିସ୍ ଖେଳି ପାରିବୁ। ଆମକୁ ମନେରଖିବାକୁ ହେବ ଯେ ପ୍ରତ୍ୟେକ ବ୍ୟକ୍ତି ଅଲଗା ଏବଂ ସମସ୍ତଙ୍କର ଭିନ୍ନ ଭିନ୍ନ ଗୁଣ ରହିଛି ।

ଅସ୍ତିତ୍ୱ ଆମକୁ ଯେପରି ଚାହୁଛି ଆମେ ଆମର ଦକ୍ଷତା ଅନୁସାରେ କାର୍ଯ୍ୟ କରିବା । କିଛି ନୂଆ କରି ଦେଖାଇବା ଯାହା ଅନ୍ୟ ପାଖରେ ନାହିଁ । ଯଦି ଆମ ପାଖରେ କିଛି ସ୍ୱତନ୍ତ୍ର ଗୁଣ ଅଛି ତାହାକୁ ଚିହ୍ନଟ କରି ଆଗକୁ ବଢ଼ିବା ଏବଂ ସେହି କ୍ଷେତ୍ରରେ ସଫଳତା ହାସଲ କରିବା ।

ଯଦି ଆମେ ନିଜ ନିଜକୁ ବିଶ୍ୱାସ କରୁ ତେବେ ସଫଳ ହୋଇପାରିବା । ମଣିଷର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ଆପଣାକୁ ଚିହ୍ନି ନ ପାରିବା, ନିଜ ଗୁଣକୁ ମୂଲ୍ୟ ନ ଦେବା ।

କେଉଁ କ୍ଷେତ୍ରରେ ଆମକୁ ଉନ୍ନତି କରିବାକୁ ହେବ ତାହା ଆମକୁ ସ୍ଥିର କରିବା ଉଚିତ । ନିଜର ଦକ୍ଷତା ବୃଦ୍ଧି କଲେ ନିଶ୍ଚିତ ଦିନେ ନା ଦିନେ ଉନ୍ନତିର ଚରମସୀମାରେ ପହଞ୍ଚି ପାରିବା ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ଚନ୍ଦ୍ରଗିରି, ଗଜପତି

ଠ❖ଠ

ପରଦୁଃଖ ଦେଖି କାନ୍ଦେ ଯା ପରାଣ
ମହତ ମଣିଷ ସେହି
ପରହିତ ଲାଗି ଦିଏ ଯେ ଜୀବନ
ତାଠାରୁ ବଡ଼ କେ ନାହିଁ ।"

ଭକ୍ତକବି ମଧୁସୂଦନ ରାଓ

# ଆସ ଆମେ ସ୍କୁଲ ଯିବା

**ଶୃତି ଖମାରୀ**
ସପ୍ତମ




ସକାଳୁ ଉଠି ପିନ୍ଧି ପୋଷାକ
ପିଠିରେ ବ୍ୟାଗ ହାତେ ପୁସ୍ତକ
ହସ ଖୁସିରେ ସଜେଇ ହେବା,
ଆସରେ ଆମେ ସ୍କୁଲ ଯିବା।

ଶିକ୍ଷକ ଦେବେ ଜ୍ଞାନର ଦାନ
ଆଲୋକିତ ହେବ ଆମ ଜୀବନ
ସଭିଏଁ ମିଶି ଶିଖିବା ଆସ,
ପାଠପଢ଼ା ହେବ କେଡ଼େ ସରସ

ଆମେ ପଢ଼ିବା ଶିକ୍ଷିତ ହେବା
ବାପା ମାଆଙ୍କ ନାଆଁ ରଖିବା
ଜ୍ଞାନର ଆଲୋକେ ଦେଶ ଗଢ଼ିବା,
ଆନନ୍ଦରେ ଆସ ସ୍କୁଲ ଯିବା।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୋଟେନଚୁଆଁ, ନୂଆପଡ଼ା

❍❖❍

**ଇନ୍ଦ୍ରିୟାଣି ଚ ସଂଯମ୍ୟ ବକବତ୍ ପଣ୍ଡିତୋ ନରଃ**
**ଦେଶକାଳବଳଂ ଜ୍ଞାତ୍ୱା ସର୍ବକାର୍ଯ୍ୟାଣି ସାଧୟେତ୍ ॥**

ବଗର ମାଛ ଧରିବା ପରି ମଣିଷ ଇନ୍ଦ୍ରିୟ ସଂଯତ କରି ଧୈର୍ଯ୍ୟ ସହ କର୍ମକୁ ଲକ୍ଷ୍ୟ ରଖି ଦେଖି ନିଜର ଶକ୍ତି ଅନୁସାରେ ତାହା କରିପାରିବ ବୋଲି ଦୃଢ଼ଧାରଣା ହେଲେ, ସ୍ଥାନ, କାଳ ଓ ସୁବିଧା ଉଣ୍ଡି ତାହା କଲେ ନିଶ୍ଚୟ ସଫଳ ହୁଏ।

# ମୋ ମାଆ

**ତପସ୍ୱିନୀ ଦେହୁରୀ**
ନବମ

ସେ ଅଟେ ମୋର ଅତି ନିଜର
ଦେଇଛି ଜନମ ଗର୍ଭରୁ ତାର
ଜନମିଲି ଯେବେ ଗର୍ଭରୁ ମୁହିଁ,
ଦେଖିଲି ବିଶାଳ ଭୁବନ ତହିଁ।

ଅଳି ଅଝଟକୁ ସହଇ ସେହି
ରାଗିଯାଇ ପଦେ ଦିଅଇ କହି
ପୁଣି ଅନୁତାପ କରେ ଯେ କେତେ,
କୋଳେ ଧରି ଗେଲ କରେ ସେ ମୋତେ।

ମା ହାତ ରନ୍ଧା ତୁଚ୍ଛା ଭାତ ଥାଳି
ଲାଗଇ ସୁଆଦ ଅମୃତ ଠୁ ବଳି
ସେହି ଅମୃତରେ ବଢ଼େ ମୋ ଶରୀର,
ମାଆଟି ମୋର ଅତି ଆପଣାର।

ଦେହ ଯେବେ ମୋର ହୁଏ ଅସୁସ୍ଥ
ଅନାହାରେ ସିଏ ରୁହେ ଜାଗ୍ରତ
ମୋ ପାଇଁ ହୁଅଇ ବ୍ୟସ୍ତ ବିବ୍ରତ,
କରେ ସିଏ ନାନା ପ୍ରକାର ବ୍ରତ।

ମାଆର ସେହି ମଧୁର ବଚନ
ଡାକେ ଝିଅ ପୁଣି ଡାକେ ମୋ ଧନ
ସ୍ନେହ ମମତାର ନାହିଁ ଅଭାବ,
ମା ଅଟେ ମୋର ଶିକ୍ଷା ବିଭବ ।

କୋମଳ ହୃଦୟ ତାର
ମମତାର ମନ୍ଦିର,
ମୋ ପାଇଁ ଏ ଜୀବନେ
ସେ ଚଳନ୍ତି ଠାକୁର।

ଶିଖାଉଛି ସତ୍ୟ ନ୍ୟାୟ
ପଥେ ଚାଲିବାକୁ,
ଭୁଲିବିନି କେବେ ମୁହିଁ
ସେ ମହା ମନ୍ତ୍ରକୁ।

ମାଆର ଆଶିଷ ଥିଲେ ମୋ ସାଥେ,
ଭୟ ନାହିଁ ମୋର ସକଳ ପଥେ
ମାଆକୁ କରିବା ଭକ୍ତି ଆଦର
ସେ ପରା ଆମର ସଦା ନିଜର।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ବୁଗୁଡ଼ା, ନୟାଗଡ

୦❖୦



# ଆମ ଆଦିବାସୀ ପରମ୍ପରା ଓ ପର୍ବ

**ପୂଜା ରାଣୀ ଟୁଡୁ**
ଦ୍ୱାଦଶ

ମୁଁ ଆମର ପରମ୍ପରା ବିଷୟରେ ଲେଖିବା ପୂର୍ବରୁ ସମସ୍ତଙ୍କୁ ମୋର ପ୍ରାର୍ଥନା ଜଣାଉଛି। ମୟୂରଭଞ୍ଜରେ ଅଧିକ ସାନ୍ତାଳୀ ଅଛନ୍ତି। ଆମ ଗାଁରେ ସଭା ବସେ। ସେ ସଭାର ଯିଏ ମୁଖ୍ୟ ତାହାଙ୍କୁ ସାନ୍ତାଳୀରେ ମାଝିହାଳାମ କୁହାଯାଏ। ଆଉ ଦୁଇ ଜଣ ଡାକରା ଥାନ୍ତି। ସେମାନଙ୍କୁ ଜଗହାଳାମ୍ କୁହାଯାଏ। ଆମର ଗୋଟିଏ ଜାହେର ଅଛି। ଓଡ଼ିଆରେ ଶାଳ କୁହାଯାଏ। ସେ ଜାହେରରେ ଯିଏ ପୂଜା କରେ ତାକୁ ଆମ ଭାଷାରେ ନାଇକେ ବାବା କୁହାଯାଏ। ନାଇକେ ବାବା ସହ ଦୁଇଜଣ ସହଯୋଗୀ ଥାନ୍ତି। ତାଙ୍କୁ କୁଡ଼ମ୍ ନାଏକେ କୁହାଯାଏ । ଆମ ଆଦିବାସୀ ଲୋକମାନଙ୍କର ବ୍ୟକ୍ତିଗତ ଶାଢ଼ୀ ଥାଏ। ତିନି ପ୍ରକାର ଶାଢ଼ୀ ଅଛି ସେଗୁଡ଼ିକ ହେଲା ଧଳା ଆଉ ଗୋଟିଏ ହଳଦିଆ ଆଉ ଗୋଟେ ରଙ୍ଗୀନ ଶାଢ଼ୀ। ପୂଜା କଲାବେଳେ ଧଳା ଶାଢ଼ୀ ଓ ଯେ କୌଣସି କାର୍ଯ୍ୟକ୍ରମ ହେଲେ ରଙ୍ଗୀନ ଶାଢ଼ୀ ପିନ୍ଧନ୍ତି। ବାହାଘର ବେଳେ କେବଳ ହଳଦିଆ ଶାଢ଼ୀ ହିଁ ପିନ୍ଧିଥାନ୍ତି। ଆମର ବହୁତ ପର୍ବ ଅଛି ସେଗୁଡ଼ିକ ହେଲା - ଶୋହରାଇ, ବାହାବଙ୍ଗା, ବୁରୁଯାନ୍ତଳ, ମାଃ ମଣେ ଇତ୍ୟାଦି। ଆମର ବଡ଼ ପର୍ବ ଶୋହରାଇ ଓ ବାହାବଙ୍ଗା।

**ଶୋହରାଇ :** ଶୋହରାଇ ଓଡ଼ିଆରେ ଦୀପାବଳି

ଆମ ଗାଁରେ ସଭା ବସେ। କେବେ ପୂଜା କରାଯିବ, ତାରିଖ ଘୋଷଣା କରାଯାଏ। ପୂଜା ପୂର୍ବ ଦିନ ଶାଳର ଠାକୁରଙ୍କୁ ନେଇକି ଗାଧେଇବେ। କିନ୍ତୁ ଆମର ଠାକୁର ଶାଳରେ ନଥାନ୍ତି। ସେମାନେ ପାଣିକୁ ପଳେଇଥାନ୍ତି ଆମର ଦେହୁରୀ ବା ନାଇକେ ବାବା ଓ ଗାଁର ଲୋକମାନେ ଝୁଲି ଝୁଲି ପାଣି ପାଖକୁ ଯାଇ ପାଣିରୁ ଠାକୁରଙ୍କୁ ବାହାର କରି ଠାକୁରଙ୍କ ସ୍ଥାନ ଯେଉଁଠି ତାଙ୍କୁ ସେଇଠି ରଖିଦିଅନ୍ତି।

ପରେ ଠାକୁର ଘରକୁ ସଜାଇ ଦିଅନ୍ତି। ସେହିଦିନ ରାତିରେ ହିଁ ଗାଁ ସାରା ସଜାଯାଏ। ଆମ ଗାଁ ମଝିରେ ଗୋଟାଏ ଆଖଳା ଥାଏ। ଆଖଳାରେ ହିଁ ଗଶାଣେ ଥାଏ। ଗଶାଣେ ଘରରେ କାଠରେ ଛୋଟ ଛୋଟ ମାଦଲ ଆଉ ଢୋଲ ତିଆରି କରାଯାଇଥାଏ। ତାକୁ ମଧ ପୂଜା କରାଯାଏ। ନାଇକେ ବାବା ଓ କୁଡ଼ମ୍ ନାଇକେ ବାବା ମାନେ ଦୁଇ ଦିନ ଉପାସ କରନ୍ତି। କୁଲା, ମାଟିହାଣ୍ଡି, କଳସ, କୁକୁଡ଼ା, ପୂଜା ସାମଗ୍ରୀ ଦରକାର ହୁଏ। ନାଇକେ ବାବା ଆଉ କୁଡ଼ମ୍ ନାଇକେ ବାବା ସକାଳୁ ପୂଜା କରିବାକୁ ଯାଆନ୍ତି। ଆମ ଗାଁର ପ୍ରତ୍ୟେକ ଘରର ଲୋକମାନେ କୁକୁଡ଼ା ନେଇକି ଶାଳକୁ ଯାଆନ୍ତି ଏବଂ ରୋଷେଇ କରିକି ଖାଆନ୍ତି। ଆମ ଶାଳରେ ରୋଷେଇ କରାଯାଏ। ତାକୁ ସଳେଦାକା କୁହାଯାଏ। ସଳେଦାକା କହିଲେ ଓଡ଼ିଆରେ ବିରୀୟାନୀ। ସଳେଦାକା ଖାଲି ପୁଅମାନେ ହିଁ ଖାଆନ୍ତି। ଝିଅମାନେ ସଳେଦାକା ଖାଆନ୍ତି ନାହିଁ ।

ଝିଅମାନେ ଶାଳରେ ପୂଜା କରାଯାଇଥିବା ଖାଦ୍ୟ ଖାଇପାରନ୍ତି ନାହିଁ। ଝିଅମାନେ କେବଳ ସରଗ ଫୁଲରେ ହିଁ ଖାଇପାରନ୍ତି। ପୂଜା ଓ ଖାଇବା ସରିଲେ ସନ୍ଧ୍ୟାବେଳେ ସମସ୍ତଙ୍କର ଗୋ ମାତାମାନଙ୍କୁ ଶାଳକୁ ନିଅନ୍ତି। ଗୋଟିଏ ପଡିଆ ମଝିରେ ଅଣ୍ଡା ରଖିଥାନ୍ତି। ଯାହାର ଗୋ ମାତା  ସେ ଅଣ୍ଡାକୁ ମାଡିବ ସେହି ଗୋ ମାତାକୁ ମୁଣ୍ଡରେ ସିନ୍ଦୂର ପିନ୍ଧାଇବେ। ଯାହାର ଗୋ ମାତା ଅଣ୍ଡାକୁ ମାଡିଥିବ ସେ ଆସନ୍ତା ବର୍ଷକୁ ଗୋଟିଏ ଡେକଚି ହାଣ୍ଡିଆ ଦେବ। ସେ ହାଣ୍ଡିଆ ଗାଁର ଲୋକମାନେ ପିଅନ୍ତି । ଗାଁର ପ୍ରତ୍ୟେକ ଲୋକଙ୍କ ଘରର ସନ୍ଧ୍ୟା ଦେବା ପୂର୍ବରୁ ଝୋଟି ଦେଇଥାନ୍ତି। ସେ ଝୋଟିରେ ଟିକେ ଟିକେ ଘାସ ଦେଇଥାନ୍ତି। ତା' ଉପରେ ଗୋ ମାତାମାନେ ଚାଲିକି ଗୁହାଳକୁ ଯାଆନ୍ତି । ଆମର ନୂଆ କୁଲା କିଣା ହୋଇଥାଏ, ଦୀପ, ଦୂବ ଘାସ, ଅରୁଆ ଚାଉଳ ପେରେଇ ଲଟାଦାଃରେ ମା' ଭଉଣୀମନେ ଗୋ ମାତାଙ୍କୁ ବନ୍ଦାପନା କରି ପୂଜା କରନ୍ତି। ଏମିତି ଆମର ଦୀପାବଳି ପାଳନ କରାଯାଏ।

ଦୀପାବଳି ପାଇଁ ଗୋଟିଏ ଗୀତ –

ବେଭାର ଲଟା ଗାସୱ୍ ଗଦ ମେ
ତି, ଜାଙ୍ଗାହ ଆରୁବ ଗଦମେ
ଅଲାଃ ବଙ୍ଗା ଗଲା ବଙ୍ଗାଲାଂ
ଆଚାର ବେଭାର କ ... (୨)
ଶୋହରାୟ ଞ୍ଜୁତୁମ୍ ବଙ୍ଗା ହାଣ୍ଡି
ହାପେ ଜୁରିଗୋ ଟାଙ୍ଗ ଗଦା
ଅଲଃ ବଙ୍ଗା ଗଲା ବଙ୍ଗାଲାଂ
ଆଚାର ବେଭାର କ୍ ...(୨)
ସୁର ତେ ଦେଲା ହୁଜିଃ ତିଞ୍ଜି ମେ
ବଙ୍ଗା ବୁରୁଞ୍ଜି  ଲାଇୟାମା
ଉନକୁ ବଙ୍ଗା ସେବା ଲେଖଖାନ୍
ସୁଖେମ୍ ତାହେନା
ରେଙ୍ଗେଞ୍ଜ ତେଣଂ ନିରଲିଞ୍ଜି ତାହେନା
ଦୁଃଖ ହାରକେତ୍ ଦତ ସାହାୱ୍ ।
ଏହନ ଜୁରିଗୋ
ଉନକୁ ବଙ୍ଗାଞ୍ଜି ସେବା ଜତନ୍ କ୍ ... (୨)

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ନରଣପୁର, କେନ୍ଦୁଝର

# ଆମ ଚନ୍ଦ୍ରଗିରି ଭାରି ସୁନ୍ଦର

**ପୁଷ୍ପଲତା ରଇତ**
ଦଶମ



ବାଳିକା ଉଚ୍ଚ ବିଦ୍ୟାଳୟ ଚନ୍ଦ୍ରଗିରି
କେତେ ଜିନିଷ ସେଠି ରହିଛି ଭରି,
ରହିଛି ଭରି ଲୋ...
ଦେଖି ମୁଣ୍ଡ ଯାଏ ଘୂରି ।

ଆମରି ପାହାଡ଼ ଚୂଳ,
ସବୁବେଳେ ସେଠି ଲତା ଗହଳ
ଲତା ଗହଳ ଲୋ...
ପଶୁପକ୍ଷୀ ମାଳ ମାଳ ।

ପଶୁପକ୍ଷୀଙ୍କର ସେ ବାସସ୍ଥାନ
ସେ ବାସସ୍ଥାନ ଲୋ ...
ପୁଲକିତ ହୁଏ ମନ ।

ଆମ ଜିଲ୍ଲା ଗଜପତି,
ଗଜରାଜଙ୍କର ଥିଲା ରାଜୁତି
ଥିଲା ରାଜୁତି ଲୋ ...
ନାହିଁ ଆଉ ଏବେ ହସ୍ତୀ ।

ଚନ୍ଦ୍ରଗିରି ଜଗନ୍ନାଥ,
ଏହି ଅଞ୍ଚଳରେ ଅଟେ ବିଖ୍ୟାତ
ଅଟେ ବିଖ୍ୟାତ ଲୋ ...
ଧନ୍ୟ ତାର ରଥ ଯାତ ।

ଜିରାଙ୍ଗ "ବୌଦ୍ଧ ମନ୍ଦିର",
ଦେଖିବାକୁ ଆହା କେତେ ସୁନ୍ଦର
କେତେ ସୁନ୍ଦର ଲୋ ...
ଧନ୍ୟ ସେହି କାରିଗର ।

ଖସଡ଼ା ଜଳ ପ୍ରପାତ,
ପ୍ରକୃତି ରାଣୀର ଅଟେ ସଂପଦ
ଅଟେ ସଂପଦ ଲୋ ...
ମନ ମୋହି ନିଏ ମିତ ।

ଆମ ତିବ୍ବତ ଯୋଜନା,
ସରକାରଙ୍କର ଅଟେ ନମୂନା,
ଅଟେ ନମୂନା ଲୋ...
ଉଡୁଛି ପ୍ରଗତି ବାନା ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଚନ୍ଦ୍ରଗିରି, ଗଜପତି

# ବାପା ମାଆ

**କୁମାରୀ ସାଇକ୍ରିଷ୍ଣା ମଲ୍ଲିକ**
ସପ୍ତମ



ବାପା ମା ମୋର ଚଳନ୍ତି ଠାକୁର
ତାଙ୍କୁ କେବେ ଭୁଲିବିନି,
ଜୀବନରେ ଯେତେ ଆସୁ ଦୁଃଖ ଝଞ୍ଜା,
ତାଙ୍କ ହାତ ଛାଡ଼ିବିନି ।
ମା' ଡାକରେ ତ ପେଟ ପୂରିଯାଏ,
ମା' ପରି କେହି ନାହିଁ,
ବାପା ଆମକୁ ତ ଶିଖାଇ ଅଛନ୍ତି,
ନ୍ୟାୟରେ ଚାଲିବା ପାଇଁ ।
ତାଙ୍କରି ପାଇଁ ମୁଁ ଦୁନିଆ ଦେଖିଲି
କେତେ ଯେ ପଢ଼ିଲି ପାଠ,
ତାଙ୍କରି ପାଇଁ ତ ବଡ଼ ମୁଁ ହୋଇଲି
ରଖିବି ତାଙ୍କରି ଟେକ ।
ତାଙ୍କପରି ସ୍ନେହ ଦୁନିଆରେ ମୋତେ
କେହି ପାରିବେନି କରି,
ଦୁନିଆରେ ଯେତେ ବ୍ୟକ୍ତିତ୍ୱ ଅଛନ୍ତି,
ହେବେ ନାହିଁ ତାଙ୍କ ସରି ।
କେଉଁ ଜନମରେ ପୁଣ୍ୟ କରିଥିଲି
ତାଙ୍କ କୋଳେ ଜନ୍ମ ହେଲି,
ଧନ୍ୟ ମୁଁ ମଣୁଛି ଆପଣାକୁ ଆଜି
ତା'ଙ୍କୁ ସବୁ ଶେୟ ଦେଲି ।


ସରକାରୀ ଆଶ୍ରମ ବିଦ୍ୟାଳୟ,
ନୟାପଲ୍ଲୀ, ଖୋର୍ଦ୍ଧା

**ପ୍ରଥମେ ନାର୍ଜିତା ବିଦ୍ୟା ଦ୍ୱିତୀୟେ ନାର୍ଜିତଂ ଧନମ୍**
**ତୃତୀୟେ ନାର୍ଜିତଂ ପୁଣ୍ୟଂ ଚତୁର୍ଥେ କିଂ କରିଷ୍ୟତି ।**

ମଣିଷଟିଏ ଜୀବନର ପ୍ରଥମ ଅବସ୍ଥାରେ ବିଦ୍ୟା, ଦ୍ୱିତୀୟ ଅବସ୍ଥାରେ ଧନ, ତୃତୀୟ ଅବସ୍ଥାରେ ପୁଣ୍ୟ ଅର୍ଜନ କରି ନ ପାରିଲେ ଚତୁର୍ଥ ଅବସ୍ଥା (ଶେଷ ସମୟରେ) ସୁଖଶାନ୍ତିରେ ବାସ କରିପାରେ ନାହିଁ ।

# ସଂସ୍କୃତ ଶିକ୍ଷା

ଅମର ହେମ୍ବ୍ରମ୍
ଦଶମ



ଗାନ୍ଧିଜୀ ପଢୁଥାନ୍ତି ଷଷ୍ଠ ଶ୍ରେଣୀରେ। ସଂସ୍କୃତ ପାଠଟା ତାଙ୍କ ଦ୍ୱାରା ହେଲାନାହିଁ। ତେଣୁ ସେ ସଂସ୍କୃତ ବଦଳରେ ପାର୍ସୀ ଭାଷା ଶିଖିବାକୁ ଠିକ କଲେ। ସଂସ୍କୃତ ଗୁରୁଜୀଙ୍କ କାନକୁ କଥାଟା ଯିବାରୁ ସେ ଗାନ୍ଧିଜୀଙ୍କୁ ଡାକି ପଚାରିଲେ ମୋହନ ତୁମର ଅସୁବିଧା କ'ଣ ହେଲା ଯେ ସଂସ୍କୃତ ଛାଡିଦେବ ?

ଗୁରୁଜୀ, ଯେତେ ଚେଷ୍ଟା କଲେ ବି ସେ ପାଠ ମୋର ମନେ ରହେ ନାହିଁ। ଅନ୍ୟ ପାଠ ମନେ ରହୁଛି। ଅଥଚ ଏହା କେତେ କଷ୍ଟ ଯେ ମନେ ରହୁନାହିଁ। ଗୁରୁଜୀ କହିଲେ, ଅନ୍ୟ ପାଠ ତୁମର ମନେ ରହୁଛି, ଅଥଚ ଏହା ମନେ ରହୁନାହିଁ ? ତୁମ ପାଇଁ ଏହା ଇଚ୍ଛାଧୀନ ବିଷୟ। ତେଣୁ ସଂସ୍କୃତ ପ୍ରତି ଶ୍ରଦ୍ଧା ନାହିଁ। ତୁମେ ନିଜେ ବୁଝିବା ଦରକାର ତୁମେ କେଉଁ ଘରର ପିଲା। ନିଜର ଧାର୍ମିକ ଭାଷା ସଂସ୍କୃତିକୁ ଛାଡ଼ି ପରଦେଶୀ ଭାଷା ଶିକ୍ଷା କରିବା କେତେଦୂର ସଙ୍ଗତ ?

ଗୁରୁଜୀଙ୍କ କଥା ଗାନ୍ଧିଜୀଙ୍କ ମନକୁ ଛୁଇଁଲା। ସଂସ୍କୃତ ଭାଷା ପଢ଼ିବା ତାଙ୍କର ଏକ କର୍ତ୍ତବ୍ୟ ବୋଲି ସେ ବିଚାର କଲେ। ମନକୁ ବୁଝାଇ ସେ ସଂସ୍କୃତ ଭାଷା ପଢ଼ିବା ଆରମ୍ଭ କରିଥିଲେ। ଏବେ ତାଙ୍କୁ ଆଉ ତାହା କଷ୍ଟ ଲାଗିଲା ନାହିଁ। ଏହି ସଂସ୍କୃତ ଭାଷା ତାଙ୍କ ପରବର୍ତ୍ତୀ ଜୀବନରେ ବହୁତ ସାହାଯ୍ୟ କରିଥିଲା। ଜଣେ ଭଲ ମଣିଷ ହେବା ପାଇଁ ମଧ୍ୟ ପ୍ରେରଣା ଦେଇଥିଲ। ତେଣୁ ସବୁବେଳେ ସେ କହୁଥିଲେ ପ୍ରତ୍ୟେକ ବ୍ୟକ୍ତି ସଂସ୍କୃତି ଅଧ୍ୟୟନ କରିବା ଉଚିତ। ଏହା ଜ୍ଞାନ ଲାଭ କରିବା ଓ ପରେ ଧାର୍ମିକ ହେବାରେ ସାହାଯ୍ୟ କରେ।

ତପୋବନ ଉଚ୍ଚ ବିଦ୍ୟାଳୟ,
ଖଣ୍ଡଗିରି, ଭୁବନେଶ୍ୱର

# ଆମ ସଂସ୍କୃତି

**ଆୟୁଷୀ ନାଏକ**
ନବମ

ଆମ ଓଡ଼ିଶା ଭାରି ବଢ଼ିଆ,
ସଂସ୍କୃତି ଆମ ତା'ଠୁ ବଢ଼ିଆ ।
ବାର ମାସେ ତେର ପରବ,
ଓଡ଼ିଆବାସୀଙ୍କ ଭାରି ଗରବ ।

ରଜ ମକର ହୋଲି ଭଳି କି ଭଳି,
ଘରେ ଘରେ ମାଣବସା ପାଳନ୍ତି ମିଳି ।
ପାଳୁ ଯେ ଆମେ ଜଗନ୍ନାଥ ସଂସ୍କୃତି,
ମିଳିମିଶି ନିତି ହରଷେ ମାତି ।

ଆମେ ଟିକି ଶୁଆ ଆମେ ହିଁ ଶାରୀ,
ପରମ୍ପରା ଆମ ପିଠା କ୍ଷୀରୀ ।
ହସିବ ଉତ୍କଳ ହସିବ ବିଶ୍ୱ,
ଟିକିଫୁଲଙ୍କର ଦେଖ ମହତ୍ତ୍ୱ ।

ଆମ ଲୋକକଳା ଆମ ପରମ୍ପରା,
ଚମକାଇ ଦିଏ ଏ ସାରା ଧରା ।
ଓଡ଼ିଶାବାସୀଙ୍କ ଦେଖି ଆଦର,
ଉଚ୍ଚରେ ରହିବ ସ୍ଥାନ ଆମର ।

ପି.ଏମ.ଶ୍ରୀ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ରାଇଡ଼ିହା, କେନ୍ଦୁଝର

○❖○



# ମୋ ସଂସ୍କୃତି

**ବିଷ୍ଣୁପ୍ରିୟା ସେଠୀ**
ଦଶମ



ଓଡ଼ିଆ ସଂସ୍କୃତି ଭାରି ନିଆରା,
ଯୋଡି ବାନ୍ଧେ ତା' ସଙ୍ଗେ ପରମ୍ପରା।
ବାର ମାସେ ତେର ପରବ ଯାତରା,
ଆମ ଜନଜାତି ମେଲାଏ ଖୁସି ପସରା।

ଜନଜାତି ସଂସ୍କୃତି ପରମ୍ପରା,
ନୃତ୍ୟ ସାଙ୍ଗକୁ କଥା ବି ଅମୃତଭରା।
ସଙ୍ଗୀତର ତାଳେ ତାଳେ ଅଣ୍ଟା ଧରା ନୃତ୍ୟ,
ଚମକେ ସତେ ଅବା ପ୍ରତିଭାର ସୂର୍ଯ୍ୟ।

ମକର ପିଠାରୁ ଆରମ୍ଭ ବରଷ,
ଦୋଳ ହୋଲି ସାଥେ ପଣାପରବ ରସ।
ରଜ ଦୋଳି ଆଉ ବନ୍ଧୁ ପାନ ପରଶ,
ଆମ ସଂସ୍କୃତିର ଇଏ ସୁନ୍ଦର ଆଭାସ।

ରଥେ ଦିଅଁ ଦେଖେ ସାରା ବିଶ୍ୱବାସୀ,
ଗୀତ ଗୋବିନ୍ଦରେ ଜଗାମନ ଖୁସି।
ବିଶ୍ୱରେ ଚର୍ଚ୍ଚିତ ଆମ ନୃତ୍ୟ ଓଡ଼ିଶୀ,
ଗହ୍ମା ପୂର୍ଣ୍ଣିମା ରାକ୍ଷୀ ଆଉ ନୂଆଖାଇ ଖୁସି।

ଆଶ୍ୱିନ ମାସେ ଦୁର୍ଗା ମା' ର ଆଗମନ,
ମନେ ଶ୍ରଦ୍ଧା ଭକତିର ଜାଗରଣ।
କାର୍ତ୍ତିକ ଧରମକୁ ବୋଇତ ବନ୍ଦାଣ,
ମାର୍ଗଶିରେ ଭକ୍ତି ଭରିଦିଏ ଅନୁକ୍ଷଣ।

ଆମେ ଓଡ଼ିଆ ଯେ ଭାରି ବଢ଼ିଆ,
ପଖାଳ ସାଙ୍ଗକୁ ଶାଗ ଭଜା ଖିଆ।
ହାତେ କଙ୍କଣ ଆଉ ମୁଣ୍ଡେ ଓଢ଼ଣା,
ମୋ ସଂସ୍କୃତି ଇଏ ଘର କରଣା।

ପାରେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ପାରାଦ୍ୱୀପଗଡ଼


୦❖୦

# କଥା ସୋନପୁରର ଚେପଟା ଢୋଲର

**କୁମାରୀ ତନୁଜା ଧରୁଆ**
ନବମ

ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖାଯାଏ ଦେବୀ ପୂଜା । କାହିଁ କେଉଁ ଆବହମାନ କାଳରୁ ଏଠାରେ ବାସ କରୁଥିବା ଆଦିମ ଅଧିବାସୀମାନେ ନିଜର ସୁଖଦୁଃଖ, ହାରିଗୁହାରି ସମୟରେ କରିଥାନ୍ତି ଦେବୀ ଉପାସନା । ଦେବୀଙ୍କ ସାନ୍ନିଧ ଲାଭ ପାଇଁ ତଥା ଦେବୀଙ୍କୁ ଖୁସି କରିବା ପାଇଁ ଦେଇଥାନ୍ତି ନର, ପଶୁ ଅବା ପକ୍ଷୀ ବଳି । ଅବଶ୍ୟ ଆଜିକାଲି ନର ବଳି ପାଳନ କରାଯାଉନାହିଁ । ଏସବୁ ଯାନି ଯାତ୍ରା ସେହି ପୁରୁଣା ଦିନ ହିସାବରେ ଚାଲିଛି । ଆଜି କର୍ପୂର ଉଡ଼ି ଗଲାପରେ ବି ରହି ଯାଇଛି କନା ଖଣ୍ଡିକ ।

ବଳି ଯାତ୍ରାରେ ପ୍ରାଚୀନ ତନ୍ତ୍ର ସାଧନାର ପୀଠ ସୁବର୍ଣ୍ଣପୁର ସହରରେ ଦେଖାଯାଇଥାଏ ଭିନ୍ନ ଏକ ପରମ୍ପରା ଯାହା ତିଳେ ମାତ୍ର କୌଣସି ଅଞ୍ଚଳରେ ପରିଲକ୍ଷିତ ହୋଇ ନଥାଏ । ଏହି ଅଷ୍ଟଚଣ୍ଡୀ ଦେବୀ ଶକ୍ତିପୀଠର ଆଦି ସ୍ଥାନ ହେଉଛି ମା ଖମ୍ବେଶ୍ୱରୀଙ୍କ ମନ୍ଦିର । ଦେବୀ ଆବାହନ ସମୟରେ ଏ ସବୁ ଅଞ୍ଚଳରେ ବାଜି ଉଠିଥାଏ ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର । ସେ ମଧ୍ୟରୁ "ଢୋଲ" ଅତି ମହତ୍ତ୍ୱପୂର୍ଣ୍ଣ । ସୁବର୍ଣ୍ଣପୁର ଗଡ଼ଜାତ



ରାଜ୍ୟର ରାଜଧାନୀରେ ଥିବା ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଥିବା "ଚେପଟା ଢୋଲ"ର ଆକର୍ଷଣ ଓ ମହତ୍ତ୍ୱ ରହିଛି  ସବୁଠୁ ଅଲଗା। ଐତିହାସିକ ବଳିଯାତ୍ରାର ପ୍ରାଚୀନତମ ପରମ୍ପରା ଏହି ଢୋଲ।

ଲୋକକଥା ଅନୁସାରେ ଯେତିକି ପୁରୁଣା ସୋନପୁର ସହରର ବଳି ଯାତ୍ରା, ସେତିକି ପୁରୁଣା ଏହି ଢୋଲ। ଲୋକକଥାନୁସାରେ ଖେମୁଣ୍ଡି ରାଜ୍ୟର ରାଜକୁମାରୀ ସୋନପୁର ରାଜାଙ୍କୁ ବାହା ହୋଇ ସୋନପୁର ରାଜ୍ୟର ପାଟରାଣୀ ହେଲେ। ଖେମୁଣ୍ଡି ରାଜା ରାଜକୁମାରୀଙ୍କ ସହିତ ଏକ ନବଧାତୁ ନିର୍ମିତ ଢୋଲ ଏବଂ କିଛି ଢୋଲିଆଙ୍କୁ ପଠାଇଥିଲେ। ଅନେକ ଦିନ ଧରି ଏହି ଢ଼ୋଲ ବଳିଯାତ୍ରାରେ ପାଟ ଢୋଲ ଭାବରେ କାମ କରିଆସୁଥିଲା। ଅନେକ ବର୍ଷପରେ ଅତି ପୁରୁଣା ହୋଇଯିବାରୁ ମହାରାଜା ବୀରମିତ୍ରୋଦୟ ସିଂଦେଓ ଏହି ଢୋଲକୁ ମରାମତି ନକରି ପାଣିରେ ଭସାଇ ଦେବା ପାଇଁ ଆଦେଶ ଦେଲେ। ସେ ଢୋଲ ପାଣିରେ ଭସାଇ ଦେଲାପରେ ମଧ୍ୟ ମହାନଦୀର ସ୍ରୋତରେ ଭାସି ନଯାଇ ରାଜ ଘାଟରେ ଲାଗି ରହିଥିଲା। ରାଜାଙ୍କୁ ସ୍ୱପ୍ନାଦେଶ ହେଲା ପାଣିରୁ ଉଦ୍ଧାର କରି ପୂଜା କରିବା ପାଇଁ।

ପରେ ମହାରାଜା ସୁଧାଂଶୁ ଶେଖରଙ୍କ ସମୟରେ ଏଥିରେ ଲାଗିହୋଇଥିବା ନବରତ୍ନର ମରାମତି କରାଯାଇଥିଲା। ମରାମତି ସମୟରେ ଦେବୀ ସ୍ୱୟଂ ଆବିର୍ଭୂତ ହୋଇ କାର୍ଯ୍ୟ ନିରୀକ୍ଷଣ କରୁଥିଲେ। କାରିଗରଙ୍କୁ କାହାର ମୁଖ ଭଳିଆ ଦେଖା ଯିବାରୁ ସେ ଛାନିଆରେ ଦଉଡ଼ି ପଳାଇଥିଲା ରାଜଗୁରୁଙ୍କ ପାଖକୁ। ସେଠାରେ ରାଜଗୁରୁ କାରିଗରଙ୍କୁ ଦେବୀଙ୍କ ମାହାତ୍ମ୍ୟ କଥା ବୁଝାଇଥିଲେ। ପରେ ସେ ରାଜି ହୋଇ ମରାମତି କାର୍ଯ୍ୟ ସମାପନ କରିଥିଲେ। ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମରାମତି କାର୍ଯ୍ୟ ସମାପନ ହୋଇଥିଲା।

ଆଜି ମଧ୍ୟ ଏହି ଢୋଲ ନ ବାଜିଲେ ବରୁଆ ଦେହରେ ଦେବୀଙ୍କର ଆବିର୍ଭାବ ହୋଇନଥାଏ। କାଳିସୀ (ବରୁଆ) ଦେହରେ ଦେବୀଙ୍କୁ ଆବାହନ କରିବା ସମୟରେ ଏହି ଢୋଲରେ ବାଜିଥାଏ ଷୋହଳ ଭରନି ବାଦ୍ୟରେ ମାଳେଶ୍ରୀ ଗାନ। ଏହି ପାଟ ଢୋଲର ବାଦ୍ୟ ଉପସ୍ଥିତ ଦର୍ଶକ ତଥା ବରୁଆଙ୍କୁ ଅଭିଭୂତ କରିଥାଏ। ଆଶ୍ୱିନ ମାସରେ ଷୋଳ ଦିନ ଧରି ପାଳିତ ହେଉଥିବା ମହାବଳି ଯାତ୍ରାର ନବମୀ ରାତିରେ ବରୁଆ ଏହି ଢୋଲ ଉପରେ ସବାର ହୋଇ କଳା ଧଳା ଛତ୍ର ଧରି ଖମ୍ବେଶ୍ୱରୀ ମନ୍ଦିରରୁ ମୁରେଶ୍ୱରୀ ମନ୍ଦିରକୁ ବିଜେ କରିଥାନ୍ତି। ପର୍ଶୁରାମଙ୍କ ମାଟି ସୁବର୍ଣ୍ଣପୁର ସହରର ଏହି ମହାବଳି ଯାତ୍ରା ସହିତ ଏହି ଚେପଟା ଢୋଲର ଇତିହାସ ଅତୀବ ନିଆରା।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ରାମପୁର, ବଲାଙ୍ଗୀର

# ପ୍ରକୃତି ସୁରକ୍ଷା

**ସୁଶାନ୍ତ ମୁଣ୍ଡା**
ଦଶମ



ଜଙ୍ଗଲ ମୋ ଭାଇ ବନ୍ଧୁ କୁଟୁମ୍ବ ସମାନ,
ତାହାରି କୋଳରେ ମୁଁ ନେଇଛି ଜନମ।
ବଢ଼ିଛି ତାହାରି କୋଳେ, ଶିଖିଛି ମୁଁ ଚାଲି,
ତା ଗଛ ଡାଳରେ କେତେ ଖେଳି ଅଛି ଦୋଳି।

ଦେଇଛି ସେ ମିଠା ଫଳ ପୂରାଇଛି ପେଟ,
ବିପଦୁ ବର୍ତ୍ତିବା ପାଇଁ ଦେଇଅଛି ଛାତ।
ନିଜେ ହଳାହଳ (ଅଙ୍ଗାରକାମ୍ଳ) ପିଇ ଅମୃତ ପରଷେ,
ଆମ ମୁଖେ ହସ ଦେଇ ନିଜେ ସିଏ ହସେ।

କରିଛି ଶପଥ ମୁହିଁ ରଖିବି ତା' ମାନ,
ଗଛ ଲଗାଇ ରଖିବି ସମୂହ ଜୀବନ।
ବୁଝାଇବି ଜଗତକୁ ଜଙ୍ଗଲ ମହତ୍ତ୍ୱ,
ପ୍ରକୃତି ସୁରକ୍ଷା ପରା ଆମରି ଦାୟିତ୍ୱ।

ସରକାରୀ ଉଚ୍ଚ ବିଦ୍ୟାଳୟ,
କାଦକଳା, କେଉଁଝର

○❖○

# ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ

**ରସ୍ମିତା ମୁଣ୍ଡା**
ଦଶମ




ଆମ ଓଡ଼ିଆ ଭାରି ବଢ଼ିଆ,
ଆମ ମାତୃଭାଷା ସବୁଠୁ ବଢ଼ିଆ।
ଆମ ନାଚ ଗୀତ ଆମରି ସାହିତ୍ୟ,
ଆମ ପରିଚୟ ପ୍ରଭୁ ଜଗନ୍ନାଥ।

ସବୁଠୁ ଭଲ ଆମ ଓଡ଼ିଆ ଭାଷା,
ଭାରି ଭଲ ଲାଗେ ପଖାଳ କଂସା ।
ବାର ମାସେ ଆମ ତେରଟି ପରବ,
ସେଇତ ଆମ ଓଡ଼ିଆ ଗରବ।

ରହିଛି ସଂସ୍କୃତି ଓଡ଼ିଶୀ ନାଚରେ
ଆଦର ଭାରି ଡାଲଖାଇ ନାଚରେ ।
କୁଆଁର ପୁନେଇଁ ରଜ ଦୋଳିଖେଳ,
ନୂଆଁଖାଇ, ମେଳ, ହୋଲି, ପଞ୍ଚଦୋଳ।

ଆମରି ଭାଷା ଆମରି ଗରବ,
ଧନୁ, ବାଲିଯାତ୍ରା କେତେ ଯେ ପରବ।
କଳା ସଂସ୍କୃତିର ଆଧାର ଉତ୍କଳ,
କୋମଳ ଓ ମଧୁରତା ଗାଥା ସବଳ।

ଭାଷା କହେ ଆମ ଜାତିର କଥା,
ସଂସ୍କୃତି ଗାଏ ପରମ୍ପରା ଗାଥା।
ନବ ଜାଗରଣେ ନୂଆ ଆଶା ନେଇ,
ଜାଗି ଉଠ ଜାତିପ୍ରେମେ, ହେ ଭଉଣୀ, ଭାଇ।

ସରକାରୀ ଉଚ୍ଚ ବିଦ୍ୟାଳୟ,
ରାମଲା, କେନ୍ଦୁଝର

○❖○

ନୀଚ ପ୍ରଶଂସାରୁ ମହତ ଭର୍ତ୍ସନା
ଶତଗୁଣେ ଶ୍ରେୟସ୍କର
କୁକ୍କୁଟ ମୁକୁଟେ କି କାର୍ଯ୍ୟ, ମୟୁର
ପୁଚ୍ଛରେ ସିନା ଆଦର।
– ସ୍ୱଭାବ କବି ଗଙ୍ଗାଧର ମେହେର

# ଯାଅ ଘେରାଏ ବୁଲି ଆସିବ

**ମଧୁସ୍ମିତା ପିଙ୍ଗାଲ**
ଦଶମ

ଜଙ୍ଗଲଟିଏ ସେ ଜଙ୍ଗଲରେ ଯେତେ ପଶୁପକ୍ଷୀ ଥାଆନ୍ତି ତାଙ୍କ ଭିତରେ କୁକୁଡ଼ାଟିଏ ଥାଏ। ଥୁକୁଲ ଥୁକୁଲ ଦେହ, ରାଜହଂସ ପରି ଚାଲି ତାକୁ ବେଶ୍ ମାନୁଥାଏ। ଦେହରେ ପରଗୁଡ଼ିକ ବି ଭାରି ସୁନ୍ଦର। ଜଙ୍ଗଲ ସାରା ସଭିଏଁ ତାକୁ ଡାକୁଥିଲେ କୁକୁଡ଼ା ନାନୀ। ସକାଳୁ ଉଠି କକ୍‌ରେ ... କକ୍...କକ୍‌ରେ ... କକ୍... ଡାକି ଜୀବଜନ୍ତୁମାନଙ୍କୁ ଉଠାଇବା ଥିଲା ତା'ର କାମ। ତା'ପରେ ସେ ଆହାର ଖୋଜିବାକୁ ବାହାରି ପଡେ।

ସବୁଦିନ ପରି ସେଦିନ କୁକୁଡ଼ା ନାନୀ ଆହାର ଖୋଜିବାକୁ  ବାହାରିଲା। ଏମିତି ସେ କିଛିବାଟ ଗଲା। ହେଲେ ତାକୁ କିଛି ବି ଆହାର ମିଳିଲା ନାହିଁ। ଏହାପରେ ସେ ଆଗକୁ ଚାଲିଲା। ସକାଳ ବେଳା ସୂର୍ଯ୍ୟଙ୍କ କିରଣ ଖେଳେଇ ହୋଇ ପଡୁଥିଲା ଜଙ୍ଗଲସାରା। ଆନନ୍ଦ ମନରେ କୁକୁଡ଼ା ନାନୀ ଆଗକୁ ଆଗକୁ ମାଡ଼ି ଚାଲୁଥାଏ। ହଠାତ୍ ଭୋ... ଭୋ... ଶବ୍ଦରେ କୁକୁଡ଼ା ଚମକି ପଡ଼ିଲା। ଆଗକୁ ଅନେଇ ଦେଖେତ ଗୋଟିଏ ବଡ଼ ବଲୁଆ କୁକୁର। କୁକୁରକୁ ଦେଖି କୁକୁଡ଼ା ଭୟରେ ଥରି  କଅଣ କରିବ ବୋଲି ବୁଦ୍ଧିବାଟ ଦେଖାଗଲା ନାହିଁ।



ଏତିକି ବେଳେ ବିଲୁଆଟିଏ କେଉଁଠି ଥିଲା କେଜାଣି ସେଇଠି ଆସି ହାଜର। ଆଖି ଆଗରେ ଦୁଇ ଦୁଇଟା ଶତ୍ରୁକୁ ଦେଖି ବିକଳରେ ସେ ଭଗବାନଙ୍କୁ ଡାକିଲା। ଯେତେବେଳେ ବିଲୁଆ କୁକୁଡ଼ାଟିକୁ ଖାଇବା ପାଇଁ ଆଗେଇଲା, କୁକୁର ତାକୁ ଅଟକାଇ ଦେଲା। ବିଲୁଆର ରାଗ ବଢ଼ିଗଲା। ସେ କୁକୁରକୁ ପେଲିଦେଲା। କୁକୁରର ରାଗ ଦେଖେ କିଏ । ବିଲୁଆ ଆଉ କୁକୁର ଭିତରେ ଘମାଘୋଟ ଲଢ଼େଇ ଚାଲିଲା।

ଏହା ଦେଖି କୁକୁଡ଼ା କହିଲା- "ରୁହରେ ରୁହ ! ଦୁହେଁ ଯାକ ଯାଅ। ବଣ ଚାରିପଟେ ଘେରାଏ ବୁଲି ଯିଏ ଆଗ ମୋ ପାଖକୁ ଆସିବ ସିଏ ମୋତେ ଖାଇବ। ମୋତେ ଖାଇବାକୁ ଯାହାର ଇଚ୍ଛା ଶୀଘ୍ର ଯାଅ।"

କୁକୁଡ଼ାର କଥା ଶୁଣି ବିଲୁଆ କୁକୁର ମାଡ଼ ଗୋଳ ଛାଡ଼ି ଠିଆ ହେଲେ। କୁକୁର ଭାବିଲା- "ଯାଉଛି, ମୁଁ ଏକ୍ଷଣି ବଣ ଚାରିପଟେ ଶୀଘ୍ର ଘେରାଏ ବୁଲି ଆସି କୁକୁଡ଼ାଟିକୁ ଖାଇବି"। ଏହାପରେ ସେ ଜୋରରେ ଧାଇଁବାକୁ ଲାଗିଲା। କୁକୁର ଧାଇଁବାର ଦେଖି ବିଲୁଆ କି ଆଉ ସମ୍ଭାଳେ ! ସେ ହୁଂକାର ଛାଡ଼ି ଧାଇଁଲା। କୁକୁଡ଼ା ଏଇ ମଉକା ପାଇ ସେଇଠୁ ପାର। ଲୁଚି ଲୁଚି ଆସି ନିଜ ଘରେ ହାଜର। ଏଣେ ବିଲୁଆ ଆଉ କୁକୁର ଆସି ଦେଖନ୍ତି କୁକୁଡ଼ା ସେଠି ନାହିଁ । ନିଜ ନିଜର ମୂର୍ଖାମି ଯୋଗୁଁ କେହି ଜଣେ ବି କୁକୁଡ଼ାକୁ ଖାଇ ପାରିଲେ ନାହିଁ। ଦୁହେଁ ନିରାଶ ହୋଇ ମୁଣ୍ଡ କାନ ଆଉଁସି ଘରକୁ ଫେରିଲେ।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
କନସାର, ଦେଓଗଡ



ତୃପ୍ତୀମୟୀ ନାଏକ, ଶ୍ରେଣୀ : ସରକାରୀ (ଏସ୍.ଏସ୍.ଡି) ବାଳିକା ଉଚ୍ଚ ବିଦ୍ୟାଳୟ, ବୈଦପାଲି, ବଣେଇ

# ବାପା

**ଚନ୍ଦୁ କୃଷିକା**
ଅଷ୍ଟମ

ସଂସାରକୁ ଆଣି ପରିଚୟ ଦେଲ
ସହିଲ କେତେ ଅଝଟ,
ଛୋଟ ପିଲାବେଳେ ଦୁଷ୍ଟ ହେଉଥିଲେ
କରିଛ କେତେ ଆକଟ।

ମାଡ଼ ଗାଳି ତୁମେ ଦେଇଥିଲ ବୋଲି
ସମ୍ମାନ ପାଉଛି ଆଜି,
ତୁମେ ଦେଖାଇବା ପଥେ ପଥେ ଯାଇ
ପାରିଛି ନିଜକୁ ଖୋଜି।

ଆମରି ଖୁସିକୁ ପ୍ରାଧାନ୍ୟ ଦେଇ
ଅନେକ କଷଣ ସହିଛ,
ବୈଶାଖ ଖରାକୁ ମାଘର ଶୀତକୁ
ଆମ ପାଇଁ ବରି ନେଇଛ।

ବାପା ଶବ୍ଦଟି ଯେ ସାର୍ଥକ ହୋଇଛି
ବଳିଦାନ ତ୍ୟାଗ ପାଇଁ,
ତୁମ ପ୍ରତିଦାନ ଅତୁଳନୀୟ ଯେ
ବର୍ଣ୍ଣନା ତାହାର ନାହିଁ।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ପୋଲମା, ରାୟଗଡ଼ା

୦❖୦



ସଚିନ୍ ତିଲ୍‌ମିଙ୍ଗ, ଶ୍ରେଣୀ : ସପ୍ତମ, ଆଶ୍ରମ ବିଦ୍ୟାଳୟ, ଅସୁରମୁଣ୍ଡା

# ବୃକ୍ଷ ପରି ବନ୍ଧୁ ଜଗତେ ନାହିଁ

**ବାଦଲ୍ କୁମାର ସାହୁ**
ଦଶମ

ବୃକ୍ଷ ପରି ବନ୍ଧୁ ଜଗତେ ନାହିଁ,
ଛୋଟ ବଡ଼ ତାକୁ ଭାବିବା କାହିଁ।

ଅମ୍ଳଜାନ ପାଇ ସମସ୍ତ ପ୍ରାଣୀ,
ବଞ୍ଚୁଛନ୍ତି ସବୁ ବୃକ୍ଷରୁ ଆଣି।

ଫୁଲରୁ ଶୋଭା ସମ୍ଭାର ନେଇ
ସୁନ୍ଦର ଦିଶୁଛି ଆମ ଏ ମହୀ।

ସେ ଫୁଲରେ ବାସ ମହକ ଭରା,
ଖେଳି ଯାଏ ଆମ ସଂସାର ସାରା।

ଫୁଲ, ଫଳ, ମୂଳ ତାହାର ଦାନେ,
ବଞ୍ଚିଛନ୍ତି ସବୁ ଜଗତେ ଜନେ।

ରୋଗ ବଇରାଗେ ଔଷଧ ଯେତେ,
ଦାନ କରେ ବୃକ୍ଷ ଜଗତ ହିତେ।

ଘର ସରଞ୍ଜାମ ତାହାରି ଦାନ,
ତା' ତ୍ୟାଗରେ ଗଢ଼ା ଆମ ଜୀବନ।

ତା' କପାସୂତାରୁ ହୁଏ ବସନ,
ମଣିଷ ପାଇଁ ଅତି ପ୍ରୟୋଜନ।

କାଟ ନାହିଁ ତାକୁ ଦିଅନା ଜାଳି,
ଗଛଟିଏ ଲଗା ରଖ ମୋ ଅଳି।



ସରକାରୀ ଉଚ୍ଚ ବିଦ୍ୟାଳୟ,
ଡେରଙ୍ଗ, ଅନୁଗୋଳ

○❖○

# ମୋ ଗାଁ ରାଣୀପୁର ଝରିଆଲ

**ଶ୍ରୁତି ପୂଝାରୀ**
ଦଶମ



ମୁଁ ଶ୍ରୁତି ପୁଝାରୀ, ଦଶମ ଶ୍ରେଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଏସ୍. ଏସ୍. ଡି) ସଇଁତଳା, ବଲାଙ୍ଗିରର ଅନ୍ତେବାସିନୀ ଛାତ୍ରୀ ଅଟେ। ବିଦ୍ୟାଳୟ- 'ବିଦ୍ୟାର ଆଳୟ'। ପାଠପଢ଼ା ସଙ୍ଗକୁ ରହିବା ଖାଇବାର ସୁବିଧା, ଶୋଇବା ପାଇଁ ଖଟ, ଖଟ ଉପରେ ମଖ୍‌ମଲି ଗଦି, ମଶାରି, ଆଲୋକିତ ପରିଷ୍କାର ପରିଚ୍ଛନ୍ନ ପରିବେଶ, ବିଶୁଦ୍ଧ ପାନୀୟ ଜଳ- ଏପରି ଆହୁରି ଅନେକ କିଛି ସରକାର ଆମ ପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ କାହିଁକି କେଜାଣି ଶୋଇଲା ପୂର୍ବରୁ ଅପାସୋରା ମୋ ମାଆ ଓ ମୋ ଜନ୍ମମାଟିର ସେହି ମନଲୋଭା ପରିବେଶ ମୋର ଭାରି ମନେ ପଡ଼େ।

ମଶାରି ଭିତରେ ମଶା ଭ୍ରମିଲା ପରି ମନ ଭ୍ରମୁଥାଏ। ଭ୍ରମି ଭ୍ରମି ପୂର୍ଣ୍ଣିମା ରାତିରେ ସଫା ଓ ତୋଫା ଜହ୍ନର ଜ୍ୟୋସ୍ନାରେ ମୋ ମନ ଆମ ଗାଁ ରାଣୀପୁର ଝରିଆଲ ଓ ଚଉଷଠି ଯୋଗିନୀର ପ୍ରାକୃତିକ ଦୃଶ୍ୟଭରା ପାହାଡ ନିକଟରେ ଅଜାଣତରେ ପହଁଚି ଯାଏ। ମନେ ପଡ଼େ ମୋର ପ୍ରଥମ ଥର ଚାରି ପାଞ୍ଚ ବର୍ଷ ବୟସରେ ମାଆ ବାପାଙ୍କ ସହ ଚଉଷଠି ଯୋଗିନୀ ମନ୍ଦିର ଭ୍ରମଣ ବେଳର କଥା। ହଳଦୀ ବସନ୍ତର ପକ୍ଷପରି ହଳଦୀ ରଙ୍ଗର ହାତୀକନିଆ ଫ୍ରକ୍, ଅଣ୍ଟା ପାଖ ମୁଣାରେ ଭୁଜା ଓ ଭଜା ମୁଂଗ୍‌ଫଲି ଆଉ ଗୁଗୁଚିଆ ଆଡ଼ିରୁ ପାଟପାନିଆ ଧରାର ଦୃଶ୍ୟ ଆଉ ପୁଣି ଏବେ ସାଙ୍ଗମାନଙ୍କ ସହ କିମ୍ବଦନ୍ତୀ ପଥରକୁ ନିରେଖି ଦେଖିବାର ଦୃଶ୍ୟ "ପିଲ୍ ପରୁଆ ମାଗୁର ମାଛ"। ମାଛ ଆକୃତିର ବିରାଟ ପଥର, ତା' ଉପରେ ଅପ୍ରାପ୍ତ ବୟସ୍କ ପାରା, ମାଛ ଆଖିକୁ ଖୁମ୍ପୁ ଥିବାର ଦୃଶ୍ୟ। ଆଉ ମନେପଡ଼େ ଶଙ୍ଖବ୍ୟୁହ ଓ ଚକ୍ରବ୍ୟୁହ ପଥର କଥା, ଶଙ୍ଖ ଓ ଚକ୍ର ଆକୃତି ଭିନ୍ନ ଭିନ୍ନ ବ୍ୟୁହର ନମୂନା ପଥର। ମହାଭାରତରେ ଅଭିମନ୍ୟୁ ଚକ୍ରବ୍ୟୁହରେ ପଶିବାଟା ସହଜ କିନ୍ତୁ ବୁଲି ବୁଲି ସେହି ସ୍ଥାନ ଦେଇ ପ୍ରସ୍ଥାନ କରିବାଟା ଭାରି କଠିନ। ଭାଗ୍ୟ ପଥର କଥା କହିଲେ ନ ସରେ। ଗୋଟିଏ ପାଖକୁ ହାତରେ ମାପିଲେ ଯେତେ ହାତ ହୋଇଥାଏ ଆରପଟୁ ମାପିଲେ ତାହା କମେ ବା ବଢ଼େ। ବଢ଼ିଲେ ଶୁଭ ଓ କମିଲେ ଅଶୁଭ ବୋଲି ବିଶ୍ୱାସ କରାଯାଏ।

"ଛଅ କୋଡ଼ି ବନ୍ଧକୁ ନଅ କୋଡ଼ି ଦେଉଳ" ଲୋକକଥା ଅନୁଯାୟୀ ପୂର୍ବକାଳରେ ମୋ ଗାଁ ରାଣୀପୁର ଝରିଆଲ ଓ ତା ଆଖପାଖ ଅଞ୍ଚଳରେ ୧୨୦ଟି ବନ୍ଧ ବା ପୋଖରୀ ସହିତ ୧୮୦ଟି ପଥର ନିର୍ମିତ ଦେଉଳ ଥିଲା। ରାଣୀପୁର ଓ ଝରିଆଲ ଦୁଇଟି ଅଲଗା ଗ୍ରାମ। ଏହି ଗ୍ରାମର ମଝିରେ ଦୁଇଟି ଛୋଟିଆ ପାହାଡ଼ ପୂର୍ବ ପଶ୍ଚିମ ହୋଇ ଲମ୍ବିଯାଇଛି। ପାହାଡ଼ର ଗୋଟିଏ ପଟେ ଝରିଆଲ ଗ୍ରାମ ଓ ଆର ପଟେ ରହିଛି ରାଣୀପୁର। ପାହାଡ଼ ଉପରେ ଓ ପଥର ଚଟାଣରେ ଅନେକ ପଥର ଦେଉଳ ରହିଥିଲା, ତନ୍ମଧ୍ୟରୁ ଅଧିକାଂଶ ଦେଉଳ ନଷ୍ଟ ହୋଇ ସାରିଛି। ଦେଉଳମାନଙ୍କ ମଧ୍ୟରେ ସୋମେଶ୍ୱର ଶିବଙ୍କର ଦେଉଳ ସବୁଠାରୁ ବଡ଼ ଓ ମୁଖ୍ୟ। ସୋମବଂଶୀ ରାଜା କେଶରୀ, ଅଷ୍ଟମ ଓ ଦଶମ ଶତାବ୍ଦୀ ମଧ୍ୟରେ ନିର୍ମାଣ କରିଥିଲେ। ଏହାକୁ ଲାଗିକରି ସୋମସାଗର।

ଏହାକୁ ସୋମତୀର୍ଥ କୁହାଯାଏ, କିନ୍ତୁ ଆମେ ଗାଁ ଲୋକ ଏହାକୁ ମସିଆ ବନ୍ଧ ବୋଲି କହୁଁ। ଏହି ସୋମସାଗର, ତା' ଭିତରେ ସ୍ୱର୍ଣ୍ଣ ମନ୍ଦିର । ସାତ ଭଉଣୀ ବା ଜଳ କାମିନୀ ଦଶବର୍ଷ ପିଲାର ମୃତ୍ୟୁ କାହାଣୀ ମନେପଡ଼ିଲେ ଭୟରେ ଲୋମଟାଙ୍କୁରି ଉଠେ।

ପୁଣି ବିରାଟ ପଥରର ଚଟାଣ, ଚଟାଣ ଉପରେ ଚଉଷଠି ଯୋଗିନୀ ମନ୍ଦିର। ଗୋଲାକାର ଖୋଲା ମନ୍ଦିର। ସମ୍ଭବତଃ ଅଷ୍ଟମ ଶତାବ୍ଦୀର ମହାଶିବ ଗୁପ୍ତ ଜନ୍ମେଜୟଙ୍କ ଦ୍ୱାରା ତିଆରି ହୋଇଥିଲା। ଚଉଷଠି ଯୋଗିନୀ ମୂର୍ତ୍ତି ମଧ୍ୟରେ ଅଧିକାଂଶ ଯୋଗିନୀ ମୂର୍ତ୍ତି ଭାଙ୍ଗି ନଷ୍ଟ ହୋଇଥିଲେ ହେଁ ସରକାରଙ୍କ ଉଦ୍ୟମରେ ଏହାକୁ ସୁରକ୍ଷିତ ରଖିବା ପାଇଁ ନୀଳ ରଙ୍ଗର ଲୁହା ବାଡ଼ ସହିତ ପ୍ରବେଶ ପଥରରେ ଫାଟକ ଲାଗିଛି। ଏହିଠାରୁ ଦେଖାଯାଏ ରାଣୀପୁର ଗ୍ରାମର ଇନ୍ଦ୍ରଲାଟ ମନ୍ଦିର। ପାଖକୁ ଗଲେ ଜଣାଯାଏ ଏହା ସପ୍ତମ ଶତାବ୍ଦୀରେ ରାଜା ଇନ୍ଦ୍ରବଳଙ୍କ ଦ୍ୱାରା ପୋଡ଼ା ଇଟାରେ ନିର୍ମିତ ଏକ ବିଷ୍ଣୁ ମନ୍ଦିର। ଇନ୍ଦ୍ରଲାଟ ମନ୍ଦିରର କଳା, ଭାସ୍କର୍ଯ୍ୟ ଓ ନିର୍ମାଣ ଶୈଳୀ ଉଚ୍ଚକୋଟୀର ଯାହା ଦର୍ଶକମାନଙ୍କୁ ବିମୁଗ୍ଧ କରିଥାଏ।

ଓଡ଼ିଶା କାହିଁକି, ସାରା ଭାରତରେ ଖ୍ୟାତି ସମ୍ପନ୍ନ ଶୈବ, ବୈଷ୍ଣବ ଓ ବୌଦ୍ଧ ଧର୍ମର ସମନ୍ୱୟ କ୍ଷେତ୍ର ମୋ ଗାଁ ରାଣୀପୁର ଝରିଆଲ ବଲାଙ୍ଗିରରୁ ୧୧୦ କି.ମି. ଟିଟିଲାଗଡ଼ରୁ ୪୦ କି.ମି. ଓ ବଙ୍ଗୋମୁଣ୍ଡା ବ୍ଲକ୍ ରୁ ମାତ୍ର ୧୧ କି.ମି. ଦୂରରେ ଅବସ୍ଥିତ। ଗତ ବର୍ଷ ଆମ ବିଦ୍ୟାଳୟର Tourism and Hospitality ନାନୀମାନେ ବଲାଙ୍ଗିର ଜିଲ୍ଲାର ଏହି ଦର୍ଶନୀୟ ସ୍ଥାନକୁ ପରିଭ୍ରମଣରେ ଯାଇଥିଲୁ।

କଥାରେ ନାହିଁ – "ଥିଲେ ଚିରାକନା, ହଜିଲେ ମଠା" ପାଖରେ ଥିଲେ ଯାହା ସାଧାରଣ ଦୂରରେ ରହିଲେ ତାହା ଦରକାରୀ ମୂଲ୍ୟବାନ ପାଟଶାଢ଼ୀ ପରି ଲାଗେ। ସ୍ମୃତିକୁ ରଖି ହୁଏ ନାହିଁ କି, ଫିଙ୍ଗି ହୁଏ ନାହିଁ। ମୋ ଗାଁ ରାଣୀପୁର ଝରିଆଲ କେତେକ ଦର୍ଶକଙ୍କୁ ଖାଁ ଖାଁ ନଣ୍ଡା ପଥର ପରି ଜଣା ପଡୁଥିଲେ ମଧ୍ୟ ଏହା ପଶ୍ଚିମ ଓଡ଼ିଶାର ବଲାଙ୍ଗିର ଜିଲ୍ଲାର ଏକ ଗର୍ବ ଗୌରବମୟ ଐତିହାସିକ ପୀଠ, ଏହା ଆଜି ମୁଁ ବୁଝି ପାରିଛି।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ସଇଁତଲା, ବଲାଙ୍ଗୀର

# ଆମ ପରିବେଶ

**ପ୍ରତିମା ପୂଜାରୀ**
ଦଶମ

ପରିବେଶ ଆମ ସରଗ ସୁନ୍ଦର
ସବୁଜ ଶ୍ୟାମଳ ଭରା,
ପଶୁପକ୍ଷୀଙ୍କ ସୁମଧୁର ସ୍ୱର
ମୋହି ନିଏ ମନ ପରା ।

ଗଛଲତା ସବୁ ଯୋଗାଇ ଦିଅନ୍ତି,
ଖାଦ୍ୟ, ବସ୍ତ୍ର, ବାସଗୃହ,
ଅମ୍ଳଜାନ ସହ ଫୁଲର ବାସନା
ଅଟଇ ଅମୃତମୟ ।

ଋତୁ ପରେ ଋତୁ, ଦିନ ପରେ ଦିନ
କହେ ଅନେକ କାହାଣୀ,
ଭିନ୍ନ ଭିନ୍ନ ରଙ୍ଗେ, ଭିନ୍ନ ଭିନ୍ନ ରୂପେ
ସାଜେ ସେ ପ୍ରକୃତି ରାଣୀ ।

ଲୋକ ବଢ଼ୁଅଛି, ଜଙ୍ଗଲ କଟୁଛି
ଜଳୁଛି ଏ ପରିବେଶ,
ବାୟୁମଣ୍ଡଳରେ ବିଷ ବଢ଼ୁଅଛି
ସରୁଛି ଆମ ଆୟୁଷ ।

ଆସ ହେ ଭଉଣୀ, ଆସ ହେ ଭାଇନା
ଗଢ଼ିବା ନୂଆ ଦୁନିଆ,
ପ୍ରକୃତି ରାଣୀକୁ ପୁଣି ହସାଇବା ।
ଦେଇ ଗଛ ନୂଆ ନୂଆ ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
କୋଟ୍ରାଗୁଡା, ନବରଙ୍ଗପୁର

**ଉଦ୍ୟମଃ ସାହସଂ ଧୈର୍ଯ୍ୟ ବୁଦ୍ଧି ଶକ୍ତି ପରାକ୍ରମ**
**ଷଟ୍ ଏତେ ଯତ୍ର ବର୍ତ୍ତନ୍ତେ ତତ୍ର ଦୈବଂ ସହାୟକୃତ୍ ।**

ଉଦ୍ୟମ, ସାହସ, ଧୈର୍ଯ୍ୟ, ବୁଦ୍ଧି, ଶକ୍ତି, ଆତ୍ମବଳ – ଏ ୬ଟି ଗୁଣ ଯାହା ପାଖରେ ଥାଏ ତାକୁ ଈଶ୍ୱର ସାହାଯ୍ୟ କରନ୍ତି ।

ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ
ତାଙ୍କୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?

– ସ୍ୱଭାବ କବି ଗଙ୍ଗାଧର ମେହେର

# ନ'ଭୁଲ କେବେ ଅତୀତ


**ଶୁଶାନ୍ତ ଧାରୁଆ**
ଦଶମ

ନହେଲେ ନହୁଅ ଧର୍ମପଦ ତୁମେ
ନହୁଅ ବାଜି ରାଉତ,
ନଭୁଲ ହେ ସେହି ପରମ କଷଣ
ନଭୁଲ ତୁମ ଅତୀତ ।

ନହେଲେ ନ ହୁଅ ଏକଲବ୍ୟ ତୁମେ
ନହୁଅ ହେ ଉପମନ୍ୟୁ,
ନଭୁଲ ତୁମର ଗୁରୁ ଅବଦାନ
ନଲିଭୁ ତୁମର ମନ୍ୟୁ ।

ନହେଲେ ନହୁଅ ଗାନ୍ଧୀ ଗୋପବନ୍ଧୁ
ନହୁଅ ହେ ଭୀମ ଭୋଇ,
ଦୁଃଖୀରଙ୍କ ସେବା ଦାନ ଧରମକୁ
ନା'ବୋଲି କୁହ ନାହିଁ ।

ନହେଲେ ନହୁଅ ଜୟୀ ରାଜଗୁରୁ
ନହୁଅ ଲକ୍ଷ୍ମଣ ବୀର,
ଦେଶ ମାତୃକାରେ ଆତ୍ମ ବଳିଦାନେ
ନହୁଅ କେବେ ଅଧୀର ।



କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ,
ବାଲିମେଳା, ମାଲକାନାଗିରି

ଠ❖ଠ

କଠିନ ପରିଶ୍ରମ କେବେ ଥକ୍କାପଣ ଦିଏନାହିଁ,
ଏହା ଶେଷରେ ଆତ୍ମସନ୍ତୋଷ ଦିଏ ।
– ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

# ମଧୁର ପଶ୍ଚାତାପ

**ପ୍ରତିମା ମୁଣ୍ଡା**
ଅଷ୍ଟମ

ଗୋଟିଏ ଗାଁରେ ରଘୁ ନାମକ ଜଣେ ଧନୀ ସୁନାରି ଥିଲେ। ତାଙ୍କ ପାଖରେ ବହୁତ ଟଙ୍କା ଥିଲା। ଦିନରାତି ପରିଶ୍ରମ କରି ସେ ବହୁତ ଟଙ୍କା ସଞ୍ଚୟ କରୁଥିଲେ। ରଘୁଙ୍କର ଗୋଟିଏ ପୁଅ ଥିଲା। ତା' ନାମ ସୋନୁ। ସେ ବହୁତ ଚଗଲା ଥିଲା । ସେ ସବୁବେଳେ ଟଙ୍କାର ବଦଖର୍ଚ୍ଚ କରୁଥିଲା। ତା'ର ଟଙ୍କା ପ୍ରତି କୌଣସି ଆଦର ନଥିଲା।

ଦିନେ ସୋନୁ ତା' ବାପାଙ୍କୁ ନୂଆ ସାଇକେଲ ପାଇଁ କହିବାରୁ ବାପା କହିଲେ- "ଗତ ମାସରେ ସାଇକେଲ କିଣିଥିଲୁ, ତାହା କ'ଣ ହେଲା ?" "ବାପା ତା' ଠାରୁ ଭଲ ସାଇକେଲ ଆସିଛି ବଜାରକୁ । ଗିୟର ବାଲା। ମୁଁ କିଣିବି"- ସୋନୁ କହିଲା। ରଘୁ ନିଜ ପୁଅର ଦାବି ଶୁଣି ଶୁଣି ହଇରାଣ ହୋଇଯାଇଥିଲେ। ତାଙ୍କୁ ଟଙ୍କାର ବଦଖର୍ଚ୍ଚ କରିବା ପସନ୍ଦ ନଥିଲା।



ସିଏ ଦିନେ ସୋନୁକୁ ପାଖକୁ ଡାକି କହିଲେ - "ମୁଁ ତୋ'ର ଦାବି ଶୁଣି ଶୁଣି ହଇରାଣ ହୋଇଗଲିଣି। ଏବେ ମୁଁ ତୋତେ ଟଙ୍କାଟିଏ ବି ଦେବିନାହିଁ। ତୋର ଯଦି ଏ ଘରେ ରହିବାର ଅଛି ଟଙ୍କା ରୋଜଗାର କର। ନହେଲେ ତୋତେ ଏ ଘରୁ ବାହାର କରିଦେବି"। ସୋନୁ ତା' ବାପାଙ୍କ ଗାଳି ଶୁଣି ଡରିଗଲା। ସେ କାନ୍ଦି କାନ୍ଦି ତା' ମାଆଙ୍କ ପାଖକୁ ଗଲା। କହିଲା ମା' ମୋର ଟଙ୍କା ଦରକାର, ନହେଲେ ବାପା ମୋତେ ଘରୁ ବାହାର କରିଦେବେ। ତା' ମାଆ ପୁତ୍ର ମୋହରେ ଅନ୍ଧ ହୋଇ ଗୋଟିଏ ସୁନା ମୁଦ୍ରା ଦେଲା। ସୋନୁ କହିଲା - "ମୁଁ ଯାଉଛି ଏବେ ବାପାଙ୍କୁ ଟଙ୍କା ଦେଇଦେବି। ସେ ମୋତେ ଆଉ ଘରୁ ବାହାର କରିବେନି"। ସୋନୁ ସନ୍ଧ୍ୟାରେ ତା' ବାପାଙ୍କ ପାଖକୁ ଗଲା ଓ କହିଲା - "ବାପା ମୁଁ ଟଙ୍କା ଆଣିଛି"।  "ଯା' ପୁଅ ଏ ଟଙ୍କା ନେଇ ବଗିଚାରେ ଥିବା କୂଅରେ ପକେଇ ଦେବୁ। କାଲି ପୁଣି ତୁ' ମୋତେ ଟଙ୍କା ଆଣିକି ଦେବୁ" - ବାପା କହିଲେ। ସୋନୁ ଯାଇ କୂଅରେ ଟଙ୍କା ପକେଇ ଦେଲା। ତା' ପରଦିନ ରଘୁ, ନିଜ ସ୍ତ୍ରୀକୁ ବାପ ଘରକୁ ପଠେଇଦେଲେ। ସୋନୁ ମା ନଥିବାରୁ କାନ୍ଦିଲା। ଆଜି କେଉଁଠାରୁ ଟଙ୍କା ଆଣିବି ? ତା'ର ତା ଦିଦି କଥା ମନେ ପଡ଼ିଲା। ଦିଦି ଠାରୁ ଟଙ୍କା ଆଣିବା ପାଇଁ ଗଲା। ସେ ଦିଦିଙ୍କୁ ଟଙ୍କା ମାଗିଲା। ଦିଦି ମନା ନକରି ସୋନୁକୁ ଏକ ରୁପା ଟଙ୍କା ଦେଲା। ସେ ଟଙ୍କା ନେଇ ବାପାଙ୍କ ପାଖକୁ ଗଲା।  ରଘୁ ଜାଣିପାରିଲା ଯେ ସୋନୁ ତା ଦିଦି ପାଖରୁ ଟଙ୍କା ଆଣିଛି। ସେ ପୁନର୍ବାର  ତାକୁ କୂଅରେ ପକେଇବାକୁ କହିଲା। ପରଦିନ ରଘୁ ନିଜ ଝିଅକୁ ଶାଶୁ ଘରକୁ ପଠେଇଦେଲେ। ସୋନୁ ଭାବିଲା ଏବେ ମୁଁ ଟଙ୍କା କେଉଁଠାରୁ ଆଣିବି ?

ସୋନୁ ପାଖରେ ଏବେ ଟଙ୍କା ଆଣିବାର କୌଣସି ମାଧ୍ୟମ ନଥିଲା। ପରଦିନ ସକାଳେ ସେ ବଜାରକୁ ଗଲା କିଛି କାମ ଖୋଜିବା ପାଇଁ। ତାକୁ କାମ ମିଳିଲା । ଗୋଟିଏ ଠେଲାରେ କିଛି ଚିନି ବସ୍ତା ରଖିବାର ଥିଲା। ସେ ବହୁତ ପରିଶ୍ରମ କରି ବସ୍ତା ସବୁ ଠେଲାରେ ରଖିଲା। ତା' ବଦଳରେ ଦୋକାନୀ ତାକୁ କିଛି ଟଙ୍କା ଦେଲା। ସେ ପୂରା କ୍ଳାନ୍ତ ହୋଇ ଘରକୁ ଫେରିଲା। ବାପାଙ୍କ ପାଖକୁ ଗଲା ଏବଂ କହିଲା - "ବାପା ମୁଁ ଟଙ୍କା ଆଣିଛି"। ସୋନୁର ଅବସ୍ଥା ଦେଖି ବାପା ବୁଝିଗଲେ ଯେ ପୁଅ ପରିଶ୍ରମ କରି ଟଙ୍କା ଆଣିଛି। ସେ ପୂର୍ବ ପରି କହିଲେ - "ଯା' ଏହି ଟଙ୍କା ସେହି କୂଅରେ ପକାଇଦେବୁ"। ସୋନୁ ରାଗିଯାଇ କହିଲା - "ନାଁ ମୁଁ ଏ ଟଙ୍କା କୂଅରେ ପକାଇବି ନାହିଁ। ମୁଁ ବହୁତ କଷ୍ଟ ଏବଂ ପରିଶ୍ରମ କରି ଟଙ୍କା ଆଣିଛି। ଏହି ଟଙ୍କା କୂଅରେ ପକାଇବି ନାହିଁ"।

ରଘୁ ତାଙ୍କ ପୁଅକୁ ନିଜ ପାଖକୁ ଡାକି କହିଲେ - "ପୁଅ ମୁଁ ତୋତେ ଏଇଆ ବୁଝାଇବାକୁ ଚାହିଁଥିଲି, ଯେ  ଆମେ ଟଙ୍କା ପରିଶ୍ରମ କରି ରୋଜଗାର କରୁଛେ। ତା'ର ମନ୍ଦ ଉପଯୋଗ କରିବା ନାହିଁ"। ସୋନୁ କହିଲା, "ହଁ ବାପା ମୁଁ ମୋର ଭୁଲ ବୁଝିପାରିଛି ମୋତେ କ୍ଷମା କରିଦିଅ। ମୁଁ ଏବେ ଟଙ୍କାର ମହତ୍ତ୍ୱ ବୁଝିପାରିଛି। ଆଉ ବେକାର ଟଙ୍କା ଖର୍ଚ୍ଚ କରିବି ନାହିଁ।" ସେହିଦିନ ଠାରୁ ସୋନୁ ବିବେକୀ ହୋଇଗଲା। ଆଉ ନିଜ ବାପାଙ୍କ ସହିତ କାମରେ ଲାଗିଲା।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ଗୋବରଘାଟି, ଯାଜପୁର

# ବହି

**ମାମି ସିଂ**
ଅଷ୍ଟମ

ଭାରି ଦରକାରୀ ବହି ଆମର,
ତା'ବିନା ଜୀବନ ହୁଏ ଅସାର।
ବନ୍ଧୁ ଭିତରେ ସେ ଉତ୍ତମ ବନ୍ଧୁ,
ଜ୍ଞାନର ଭଣ୍ଡାର ଅତଳ ସିନ୍ଧୁ।
ମଣିଷକୁ ଗଢ଼େ ମଣିଷ ପରି,
ହତାଦର କଲେ ନୁହେଁ କାହାରି।
ଗପ କହିଦିଏ ଗୀତ ଶିଖାଏ,
ପୁରାଣ, ମାଳିକା ସବୁ ବୁଝାଏ।
ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଅଙ୍କ,
ମନେ ଭରିଦିଏ ଜ୍ଞାନ ଆଲୋକ।
ବହି ପାଇଁ ଲୋକ ଜଗତଜିତା,
ଦୂର କରିଦିଏ ସକଳ ଚିନ୍ତା।
ଯତନେ ସାଇତି ବହିକୁ ରଖି,
ଜ୍ଞାନ ଲଭୁଥିବୁ ଜୀବନ ବ୍ୟାପି ।
ବହିର ମାହାତ୍ମ୍ୟ ଯିଏ ବୁଝିଛି,
ତା'ଠାରୁ ଜ୍ଞାନୀ କେ ସଂସାରେ ଅଛି ?




ରାଇକମା ଆଶ୍ରମ ବିଦ୍ୟାଳୟ,
ରାଇକମା, ମୟୂରଭଞ୍ଜ

ହେଉ ଗୃହ ନାଶ ଅବା କାରାବାସ
ଯାଉ ପଛେ ପ୍ରାଣ ନ ଯାଉ ବିଶ୍ୱାସ,
ସତ୍ୟ-ଶାନ୍ତି ପଥେ ଚାଲ ଅବିରତ
ଗ୍ରାମେ ଗ୍ରାମେ ସର୍ବେ କର ପଞ୍ଚାୟତ,
ଚୋରି ନାରୀ ନିଶା ଆଦି ଦୁରାଚାର
ନ କରୁ ଦୂଷିତ ଗ୍ରାମ ପରିବାର।
- ଉତ୍କଳମଣି ଗୋପବନ୍ଧୁ ଦାସ

# ବିଜ୍ଞାନ ଆଖିରେ ବଡ଼

**ନିର୍ମଳା ପ୍ରଧାନ**
ଦଶମ



ଗଛରୁ ଝଡ଼ିଲା ସେଓ ଫଳଟିଏ
ତଳକୁ ପଡ଼ିଲା ଖସି,
ଏଇ କଥା ଦେଖି ନିଉଟନ ଦିନେ
ମନରେ ଭାବିଲେ ବସି ।

ଉପରେ ନ ଯାଇ ତଳକୁ ଖସିଲା
ଏମିତି କାହିଁକି ହେଲା,
କଥାର ରହସ୍ୟ ଜାଣିବା ପାଇଁ କି
ଦିନ କେତେ ବିତିଗଲା ।

କଥା ସିନା ଛୋଟ, ଗଭୀର ତା' ତତ୍ତ୍ୱ,
କଲେ ବସି ଗବେଷଣା,
ମାଧ୍ୟାକର୍ଷଣ ଶକ୍ତି ଆବିଷ୍କର୍ତ୍ତା
ଭାବେ ହେଲେ ଜଣାଶୁଣା ।

ସେହି ଦିନ ଠାରୁ ବୁଝିଗଲେ ସିଏ
ପୃଥିବୀର ଅଛି ଶକ୍ତି,
ସେ ଶକ୍ତି ବଳରେ ଯେତେ ଦ୍ରବ୍ୟ ସବୁ
ତଳକୁ ଖସି ଆସନ୍ତି ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ପେନାଗୋବେର

ଆଳସ୍ୟେ ବୁଦ୍ଧିବଳ କ୍ଷୟ
ଉଦ୍ୟମେ ସର୍ବ କାର୍ଯ୍ୟ ଜୟ ।
- ଭକ୍ତକବି ମଧୁସୂଦନ ରାଓ

# ପରିଶ୍ରମର ଫଳ

**ନିର୍ମଳା ମୁର୍ମୁ**
ଦଶମ

ସୁନୀତାଙ୍କ ଗାଁ ଓଡ଼ିଶାର ଜଙ୍ଗଲ ମଧ୍ୟରେ ଘେରି ରହିଥିଲା, ଯେଉଁଠାରେ ଜୀବନ ସରଳ କିନ୍ତୁ କଷ୍ଟରେ ପରିପୂର୍ଣ୍ଣ ଥିଲା। ତାଙ୍କ ପିତାମାତା ଦିନ ମଜୁରିଆ ଥିଲେ ଏବଂ ପରିବାରର ପ୍ରତିପାଳନ ଏକ ନିରନ୍ତର ସଂଘର୍ଷ ଥିଲା। ଦାରିଦ୍ର୍ୟ ସତ୍ତ୍ୱେ, ସୁନିତାଙ୍କର ଏକ ଦୃଢ଼ ବିଶ୍ୱାସ ଥିଲା ଯେ ଶିକ୍ଷା ହେଉଛି ତାଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତର ପଥ, ଏକ ବିଶ୍ୱାସ ଯାହା ତାଙ୍କ ପାଠପଢ଼ା ପ୍ରତି ପ୍ରେମ ଏବଂ ତାଙ୍କର ତୀକ୍ଷ୍ଣ,କୌତୂହଳୀ ମନ ଦ୍ୱାରା ପ୍ରେରିତ ହୋଇଥିଲା। ସେ କିରୋସିନି ଡିବିରିର କ୍ଷୀଣ ଆଲୋକରେ ପାଠପଢ଼ା କରୁଥିଲେ, ଯାହା ସୂର୍ଯ୍ୟାସ୍ତ ପରେ ଉପଲବ୍ଧ ଆଲୋକର ଏକମାତ୍ର ଉତ୍ସ ଥିଲା। ତାଙ୍କର କଠିନ ପରିଶ୍ରମ ଫଳପ୍ରଦ ହୋଇଥିଲା। ସମ୍ମାନ ସହିତ ସ୍ନାତକ ସମାପ୍ତ କରିବା ପରେ, ସେ ତାଙ୍କ ପରିବାରକୁ ପ୍ରତିପାଳନ କରିବାର ଉପାୟ ଖୋଜୁଥିଲେ ଏବଂ ସେତିକିବେଳେ ସେ ଏକ ସରକାରୀ ବିଜ୍ଞାପନ ଦେଖିଲେ। ଓଡ଼ିଶାର ଏସ.ଟି ଏବଂ ଏସ୍.ସି ବିକାଶ ବିଭାଗ ଆଦିବାସୀ ସମ୍ପ୍ରଦାୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସିଭିଲ ସେବା ପରୀକ୍ଷା ପାଇଁ ମାଗଣା କୋଚିଂ ପ୍ରଦାନ କରୁଥିଲେ। ଏହା ତାଙ୍କ ଓଡ଼ିଶା ପ୍ରଶାସନିକ ସେବା (OAS) ଅଧିକାରୀ ହେବାର ସ୍ୱପ୍ନକୁ ପୂରଣ କରିବାର ଏକ ସୁଯୋଗ ଥିଲା ଏବଂ ସେ ତୁରନ୍ତ ଆବେଦନ କରିଥିଲେ।

କଠୋର ଚୟନ ପ୍ରକ୍ରିୟା ପରେ, ସୁନୀତା ଏହି କାର୍ଯ୍ୟକ୍ରମ ପାଇଁ ମନୋନୀତ କିଛି ଛାତ୍ରୀଙ୍କ ମଧ୍ୟରୁ ଜଣେ ଥିଲେ। ସେ ତାଙ୍କ ଜୀବନରେ ପ୍ରଥମ ଥର ପାଇଁ ସହରକୁ ଚାଲି ଆସିଥିଲେ। ଏହି ଯାତ୍ରା ତାଙ୍କୁ ଉତ୍ସାହ ଏବଂ ଚିନ୍ତା ଉଭୟରେ ଭରି ଦେଇଥିଲା। ବିଭିନ୍ନ ପୃଷ୍ଠଭୂମିର ଛାତ୍ରମାନଙ୍କ ଦ୍ୱାରା ଘେରି ରହିଥିବା ଏହି ବ୍ୟସ୍ତବହୁଳ ସହରରେ, ସେ ପ୍ରାୟତଃ ଉଦ୍‌ବିଗ୍ନ ଅନୁଭବ କରୁଥିଲେ। କିନ୍ତୁ ତାଙ୍କର ଦୃଢ଼ ନିଷ୍ପତ୍ତି ତାଙ୍କୁ ଧ୍ୟାନକେନ୍ଦ୍ରିତ କରିଥିଲା। ସେ ନିଜକୁ ପୁସ୍ତକରେ ସମାହିତ କରିଥିଲେ। ଘଣ୍ଟା ଘଣ୍ଟା ଧରି ଅଧ୍ୟୟନ କରିଥିଲେ ଏବଂ ମାଗଣା କୋଚିଂର ସର୍ବାଧିକ ଲାଭ ଉଠାଇଥିଲେ।

ପଥ ସହଜ ନଥିଲା। ସେ ନିଜ ପରିବାରକୁ ମନେ ପକାଇଥିଲେ ଏବଂ ପରୀକ୍ଷାର ଚାପ ପ୍ରବଳ ଥିଲା। କିନ୍ତୁ ତାଙ୍କର ସଂକଳ୍ପ ଅଟଳ  ଥିଲା। ସେ ନିଜ ସମ୍ପ୍ରଦାୟର ସେବା କରିବାର ସ୍ୱପ୍ନକୁ ଏକ ଆଲୋକ ବର୍ତ୍ତିକା ଭାବରେ ଦେଖିଥିଲେ, ଯାହା ତାଙ୍କୁ ଆହ୍ୱାନଗୁଡ଼ିକ ମଧ୍ୟରେ ମାର୍ଗଦର୍ଶନ ଦେଇଥିଲା। ଫଳାଫଳ ଘୋଷଣା ହେବା ଦିନ, ସୁନୀତାଙ୍କର ହୃଦୟ ଧଡ଼ଧଡ଼ କରୁଥିଲା। ସେ ତାଙ୍କ ନାମ ଦେଖିବା ପର୍ଯ୍ୟନ୍ତ ଲମ୍ବା ତାଲିକାକୁ



ତନଖି କରିଥିଲେ । ତାଙ୍କ ଉପରେ ଭାବନାର ଏକ ଲହରି ଭାସିଯାଇଥିଲା ଯେତେବେଳେ ସେ ଅନୁଭବ କରିଥିଲେ ଯେ ସେ କେବଳ ଉତ୍ତୀର୍ଣ୍ଣ ହୋଇନାହାନ୍ତି, ବରଂ ଏକ ସମ୍ମାନଜନକ ସ୍ଥାନ ପାଇଛନ୍ତି ।


ଗାଁକୁ ଫେରିବା ପରେ ତାଙ୍କୁ ଜଣେ ନାୟକର ସ୍ୱାଗତ କରାଯାଇଥିଲା । ତାଙ୍କ ଶିକ୍ଷା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିବା ତାଙ୍କ ପିତାମାତା ତାଙ୍କୁ ଆନନ୍ଦର ଲୁହରେ ଆଲିଙ୍ଗନ କରିଥିଲେ । ତାଙ୍କ ସମ୍ପ୍ରଦାୟ, ଯାହାଙ୍କ ପାଇଁ ସେ ଏବେ ଆଶାର ଆଲୋକ ଥିଲେ, ତାଙ୍କର ସଫଳତା ପାଳନ କରିଥିଲେ । ଜଣେ OAS ଅଧିକାରୀ ଭାବରେ ସୁନୀତା ଶେଷରେ ତାଙ୍କ ଲୋକମାନଙ୍କ ଉନ୍ନତି କରିବା ଏବଂ ଅନ୍ୟ ଆଦିବାସୀ ଝିଅମାନଙ୍କୁ ଆପଣା ଆକାଂକ୍ଷା ପୂରଣ କରିବା ପାଇଁ ପ୍ରେରଣା ଦେବାର ପଥ ପ୍ରଶସ୍ତ କରିଥିଲା । ଜୀବନବ୍ୟାପୀ ତାଙ୍କର ଯେ ଆଶା ତାହା ପୂରଣ ହୋଇଥିଲା ।

ପି.ଏମ୍. ଶ୍ରୀ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଅସନଯୋଡା, ମୟୁରଭଞ୍ଜ

୦❖୦

# ବାଘ ଓ ବିଲେଇ

**କେକେଶ୍ରୀ ମାଝୀ**
ନବମ



କୁକୁର ବସିଛି ଦୁଆର ମୁହଁରେ
କହିଲା ପୁଷିକୁ ଦେଖି,
ବିଲେଇ ନାନୀ ତୋ ମୁହଁଟା କାହିଁକି
ସକାଳୁ ଯାଇଛି ଶୁଖି।



ବିଲେଇ କହିଲା କୁକୁର ଭାଇରେ
ବାଘ ମାମୁଁ ଘର ଗଲି,
ଜ୍ୱରରେ ପଡ଼ିଛି ବାଘ ମାମୁଁ ବୋଲି
ସାଙ୍ଗରେ ଆଚାର ନେଲି।



ମାମୁଁ ପଚାରିଲା କ'ଣ ଲୋ ଏଇଟା
କହିଲି ଏଟା ଆଚାର,
ଟିକେ ଚାଟିଦେଲେ ଛାଡ଼ି ଯିବ ଯେତେ
ତୁଣ୍ଡର ଅରୁଚା ଜର।



ଅତି ସରାଗରେ ବାଘ ମାମୁଁ ଉଠି
ଆଚାରକୁ ଦେଲା ଚାଟି,
ମୁହଁଟାକୁ ତାର ଆମ୍ବିଳା କରିଲା
ବଙ୍କା ହୋଇଗଲା ପାଟି ।

ମାଉଁସ ଖିଆ ଏ ବାଘ ମାମୁଁକୁ ମୁଁ
ଆଚାରଟା ଖୁଆଇଲି,
ପସ୍ତେଇ ହେଉଛି କାହିଁକି କେଜାଣି,
ବାଘ ମୁହେଁ ଯାଇଥିଲି ।

ଗରଗର ହୋଇ ଚାପୁଡା ମାରିଲା
ମୁହଁ ମୋର ଗଲା ଫୁଲି,
ଜୀବନ ବିକଳେ ଦଉଡି ଆସିଲି
ମରଣରୁ ବଞ୍ଚିଗଲି ।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ଦାର୍ଲିପଡ଼ା, ନୂଆପଡ଼ା

○❖○




ଶିବପଣ୍ଡା ନାୟକ, ଶ୍ରେଣୀ : ଏକାଦଶ, ଏକଲବ୍ୟ ଆଦର୍ଶ ଆବାସୀୟ ବିଦ୍ୟାଳୟ
କଙ୍ଗା, ଜୟପୁର, କୋରାପୁଟ

# ଶିଶୁଟିଏ ମୁହିଁ

**ରଞ୍ଜନ ସାନ୍ତା**
ଦଶମ



ଶୁଖିଲା ବାଲିରୁ ଶାମୁକା ସାଉଁଟେ
କ୍ଷୁଦ୍ର ଶିଶୁଟିଏ ହୋଇ,
ପାରିବି କି ଦେଖି ପାଟିରେ ତମର
ବିଶ୍ୱ ବ୍ରହ୍ମାଣ୍ଡକୁ ମୁହିଁ।

ତପତ ମରୁରେ ପତ୍ରଫଳହୀନ
ଥୁଣ୍ଟା ନାଗଫେଣି ବ୍ୟଥା,
ପାରିବି କି କହି ଅବିଚାର ତମ
ଛୋଟେ ମୁହେଁ ବଡ଼କଥା।

ତମେ ଯେ ବିରାଟ ବିଶ୍ୱ ସମ୍ରାଟ
ମହାବଟ ବୃକ୍ଷ ହୋଇ,
ଦେଇଛ ଅଭୟ ଦେଇଛ ଆଶ୍ରୟ
ତାହା କି ଭୁଲିବି ମୁହିଁ।

ଦିଅ ମତେ ପ୍ରଭୁ ମନରେ ସାହସ
ଦେହେ ବଳ ଅପ୍ରମିତ
ଦୁଃଖୀ, ରଙ୍କି, ରୋଗୀ ସେବାରେ ମୋ ମନ
ନହେଉ ତିଳେ ବିଚ୍ୟୁତ।

ଆଶ୍ରମ ବିଦ୍ୟାଳୟ,
ବଡ଼ଓଲମା (ପୁରୁଣା), ନବରଙ୍ଗପୁର

○❖○

ତୋଷାମଦ ଅଟେ ଅନ୍ଧାର ଗୋହିରୀ
ସ୍ୱାର୍ଥ ତହିଁ ଲୁଚି ବସେ
ସରଳ ପଥିକ ବାଟରେ ଦେଖିଲେ
ଅଜ୍ଞାତରେ ତାକୁ ନାଶେ।

– ଉତ୍କଳ ଗୌରବ ମଧୁସୂଦନ ଦାସ

# ଓରାମ ସମାଜର ସାର୍‌ହୁଲ୍ ପର୍ବ

**ପୂଜା ଓରାମ**
ଦଶମ

ଓଡ଼ିଶା ପ୍ରଦେଶରେ ଓଡ଼ିଆମାନଙ୍କର ବାରମାସରେ ତେରପର୍ବ। ଓଡ଼ିଶାର ଓରାମ ଆଦିବାସୀମାନେ ମଧ୍ୟ ବାର ମାସରେ ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି। ସାର୍‌ହୁଲ୍ ପର୍ବ ଓରାମମାନଙ୍କର ଏକ ମୁଖ୍ୟ ପର୍ବ। ଏହା ଓଡ଼ିଶାର ପରମ୍ପରା ଓ ସଂସ୍କୃତିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ଏହି ପର୍ବ ନୂଆ ବର୍ଷର ପ୍ରତୀକ ଅଟେ। ଆଦିବାସୀ ଓ ଓରାମମାନେ ଏହି ପୂଜା କରି ନୂଆ ଫସଲ ଲଗାଇବା ଆରମ୍ଭ କରନ୍ତି। ସାର୍‌ହୁଲ ପର୍ବ ଝାଡ଼ଖଣ୍ଡ, ଓଡ଼ିଶା ଓ ଛତିଶଗଡ଼ର ଆଦିବାସୀ ସମ୍ପ୍ରଦାୟର ପ୍ରମୁଖ ପର୍ବ ଅଟେ। ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଏହି ପର୍ବ ଆଦିବାସୀ ଓରାମମାନଙ୍କ ମଧ୍ୟରେ ପାଳନ କରାଯାଏ।

ଏହି ପର୍ବ ପ୍ରତିବର୍ଷ ଚୈତ୍ରମାସର ଶୁକ୍ଳପକ୍ଷ ତୃତୀୟା ତିଥିରେ ପାଳନ କରାଯାଏ ବା ବସନ୍ତ ଋତୁରେ ଯେଉଁ ସମୟରେ ଶାଳଗଛରେ ନୂଆଫୁଲ ଫୁଟିଥାଏ ସେହି ସମୟରେ ପାଳନ କରାଯାଏ।

ସାର୍‌ହୁଲ୍ ପୂଜାରେ ଗଛ ଓ ପ୍ରକୃତିର ପୂଜା କରାଯାଏ। ଏହି ପର୍ବରେ ଶାଳଗଛ, ପତ୍ର ଓ ଫୁଲର ବହୁତ ମହତ୍ତ୍ୱ ରହିଛି। ସାର୍‌ହୁଲ୍ ପୂଜା ଗ୍ରାମର ଦେବତାଙ୍କୁ ସନ୍ତୁଷ୍ଟ କରିବାପାଇଁ କରାଯାଏ। ଦେବତାଙ୍କ ପୂଜା ଶାଳ ଫୁଲରେ କରାଯାଏ। ଗ୍ରାମର ପୂଜାରୀ ବା ପାହାନ ଏହି ପୂଜା କରିବା ପାଇଁ  କିଛିଦିନ ଉପବାସ ରହନ୍ତି। ସକାଳେ ସ୍ନାନ କରନ୍ତି। ଧଳା ସୂତାରେ ତିଆରି ନୂଆ ଧୋତି ପରିଧାନ କରନ୍ତି। ପୂଜାର ପୂର୍ବଦିନରେ ତିନୋଟି ମାଟିହାଣ୍ଡିରେ ଶୁଦ୍ଧପାଣି ଭରି ରଖାଯାଏ। ଏହି ହାଣ୍ଡିଗୁଡ଼ିକର ଜଳସ୍ତରକୁ ଦେଖି ଯଦି ପାଣିସ୍ତର କମିଥାଏ, ତେବେ ଅକାଳ ବା କମ୍ ବୃଷ୍ଟି ହେବାର ସମ୍ଭାବନା ଥାଏ ବୋଲି କୁହାଯାଏ । ପାଣି ସ୍ତର କମିନଥିଲେ ବା ବଢ଼ିନଥିଲେ ଭଲ ବର୍ଷା ହେବ ବୋଲି ଲୋକମାନେ ବିଶ୍ୱାସ କରିଥାନ୍ତି।

ପୂଜା ଆରମ୍ଭ ପୂର୍ବରୁ ପାହାନଙ୍କ ସ୍ତ୍ରୀ ତାଙ୍କ ଗୋଡ଼ ଧୋଇ ଆଶୀର୍ବାଦ ନିଅନ୍ତି। ପୂଜା ସମୟରେ ବିଭିନ୍ନ ରଙ୍ଗର ତିନୋଟି ଗଞ୍ଜା କୁକୁଡ଼ା ବଳିଦାନ ଦିଅନ୍ତି। ପ୍ରଥମ କୁକୁଡ଼ା ସର୍ବଶକ୍ତିମାନ ଈଶ୍ୱରଙ୍କ ପାଇଁ, ଦ୍ୱିତୀୟ ଗ୍ରାମଦେବତା ପାଇଁ ଓ ତୃତୀୟଟି ଗ୍ରାମର ପୂର୍ବପୁରୁଷମାନଙ୍କ ପାଇଁ ବଳିଦାନ ଦିଅନ୍ତି। ପୂଜା ସମୟରେ ଗ୍ରାମର ସାର୍ ନା (ପୂଜାସ୍ଥଳ)କୁ ଗ୍ରାମବାସୀମାନେ ଘେରି ଯାଆନ୍ତି।

ପୂଜା ସମୟରେ ଲୋକମାନେ ନଗଡ଼ା, ମାଦଳ ଇତ୍ୟାଦି ବାଦ୍ୟଯନ୍ତ୍ର ବଜାଇ ତା'ର ତାଳେ ତାଳେ ଗୀତ, ନୃତ୍ୟ କରନ୍ତି। ଏଥିରେ ଗ୍ରାମର ସମସ୍ତ ଗ୍ରାମବାସୀ ଯୋଗ ଦିଅନ୍ତି। ପୂଜାର ଶେଷ ପର୍ଯ୍ୟାୟରେ ଗ୍ରାମରେ

ପୁଅମାନେ ପାହାନଙ୍କୁ ନିଜ କାନ୍ଧରେ ବସାଇ ତାଙ୍କ ଘରକୁ ନେଉଥିବା ସମୟରେ ନାରୀମାନେ ଆଗପଛ ହୋଇ ନୃତ୍ୟ କରନ୍ତି । ପାହାନ ଘର ପହଞ୍ଚିଲେ ତାଙ୍କ ସ୍ତ୍ରୀ ତାଙ୍କ ଗୋଡ଼ ଧୋଇ ସ୍ୱାଗତ କରନ୍ତି । ସେତେବେଳେ ପାହାନ ନିଜ ପତ୍ନୀ ଓ ଗ୍ରାମବାସୀଙ୍କୁ ଶାଳଫୁଲ ଉପହାରରେ ଦିଅନ୍ତି । ଶାଳଫୁଲକୁ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟାଯାଏ ଓ ଘର ଚାଳରେ ଶାଳଫୁଲକୁ ଖୁଞ୍ଚିବାକୁ "ଫୁଲଖୋସି" ବୋଲି କୁହାଯାଏ ।

ସାର୍‌ହୁଲ୍ ପୂଜା ଏକତା ଓ ସୁରକ୍ଷାର ପ୍ରତୀକ ଅଟେ । ଏହି ପୂଜା କରିବା ଦ୍ୱାରା ଗାଁଟି ସୁରକ୍ଷିତ ହୋଇ ରହିଥାଏ ବୋଲି ଆଦିବାସୀ ଓରାମମାନଙ୍କର ବିଶ୍ୱାସ ରହିଛି ଏବଂ ଗ୍ରାମର ଲୋକମାନେ ଏକତା ସୂତ୍ରରେ ବାନ୍ଧି ହୋଇ ରହିଥାନ୍ତି । ଗ୍ରାମବାସୀମାନେ ପରସ୍ପର ମଧ୍ୟରେ ଥିବା ମତଭେଦକୁ ଭୁଲି ଭାଇଚାରା ବଜାୟ ରଖି ଖୁସିରେ ସହାବସ୍ଥାନ କରନ୍ତି । ଏହି ପର୍ବ ସମଗ୍ର ଭାରତବର୍ଷକୁ ଜାତୀୟ ସଂହତିର ବାର୍ତ୍ତା ଦିଏ ଓ ଏହାର ପରମ୍ପରା ଓ ସଂସ୍କୃତିକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ଲହଣ୍ଡା, ସୁନ୍ଦରଗଡ଼

ଠ❖ଠ



ବାପୁଜୀ ହେମ୍ବ୍ରମ୍, ଶ୍ରେଣୀ : ଦଶମ, ତପୋବନ ହାଇସ୍କୁଲ, ଖଣ୍ଡଗିରି

# ଆମ ଓଡ଼ିଶା ଭୂଇଁ

**ରମା ପୂଜାରୀ**
ଦଶମ

ଆମ ଓଡ଼ିଶା କେତେ ସୁନ୍ଦର
ସଭିଏଁ ଶୁଣ ଭଉଣୀ ଭାଇ,
ବଣ, ପାହାଡ଼, ଫୁଲରେ ଗଢ଼ା
ଆମ ଏ ଓଡ଼ିଶା ଭୂଇଁ।

ଆମ ଓଡ଼ିଶାରେ ଅଛି ଝରଣା,
ଅଛି ଦର୍ଶନୀୟ ସ୍ଥାନ,
ସମସ୍ତେ ଆସ ମିଳିମିଶି ଯିବା
ପୁରୀ ଜଗନ୍ନାଥ ଧାମ।

ଦେହ ସୁଖ ପାଇଁ ସାଇତିଛୁ କେତେ
ଚେର, ମୂଳ, ଗଛ, ଲତା,
ମନ ହସ ଲାଗି ନଇ ସମୁଦ୍ରରେ
ଭରି ଅଛୁ ହସ କଥା।

ଚାଷୀ ଭାଇମାନେ ଧାନ ବୁଣ
ବୁଣ, ମାଣ୍ଡିଆ, ଗହମ,
ଭୋକିଲା ଲୋକର ପେଟକୁ ପୂରାଅ
ନକରି ଜାତି, ବୈଷମ୍ୟ।

ସ୍ୱାଧୀନତା ପାଇଁ ଜୀବନ ଦେଲେ
ଆମ ଏ ଓଡ଼ିଆ ବୀର,
ତାଙ୍କ ପାଇଁ ଆଜି ସ୍ୱାଧୀନ ହୋଇଲୁ
କରିବା ତାଙ୍କ ଆଦର।

ତୁହି ଦେବ ଭୂମି, ତୁହି ବୀର ଭୂମି
ତୁହି ମୋ ଓଡ଼ିଶା ମା',
ତୋ' ପାଦ ଧୂଳି, ମୁଣ୍ଡେ ହୋଇ ବୋଲି
ରଖିବି ତୋହରି ନାଁ।


ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ(ଏସ୍. ଏସ୍. ଡି),
କୋଟ୍ରାଗୁଡ଼ା, ନବରଙ୍ଗପୁର

ଉଚ୍ଚେ ଥାଇ ମଧ୍ୟ ନମ୍ର ହୋଇଥା'ନ୍ତି
ସତତ ମହତ ଜନ,
ରବି ଶଶୀ ତାରା କେଡ଼େ ଉର୍ଦ୍ଧ୍ୱେସ୍ଥିତ
ସମସ୍ତେ ନତବଦନ।
– ସ୍ୱଭାବ କବି ଗଙ୍ଗାଧର ମେହେର

# 'ସରଗିଫୁଲ୍' ମୋ କଥା

**ତୃପ୍ତିମୟୀ ବେହେରା**
ଦଶମ

ସକାଳୁ ଆସିଲି ମୁଁ ହସହସ ମୁଖରେ,
'ସରଗିଫୁଲ୍' ମେଳା ଆଜି ଆମ ବିଦ୍ୟାଳୟରେ।
ଫୁଲର ସୁବାସେ ହସିଲା ପରିବେଶ
ମନେ ହେଲା ଏହା ମୋ ସ୍ୱପ୍ନର ଦେଶ।
ସହପାଠୀମାନେ ସବୁ ହେଉଛନ୍ତି ଖୁସି,
ନୂଆ ନୂଆ ଚିନ୍ତା ସୃଜନରେ ମିଶି।
ନାଚ,ଗୀତ, କବିତା, ଚିତ୍ର ଆଲୋକରେ,
ମଞ୍ଚ ମହକିଲା ଆନନ୍ଦ ଉଲ୍ଲାସରେ।
ଜିତିଲି କି ହାରିଲି, ତାର ମାନେ ନାହିଁ,
ଅନୁଭବ ସୁନ୍ଦର, କେବେ ଭୁଲିବି ନାହିଁ।



ଆତ୍ମବିଶ୍ୱାସେ ବଢ଼ିଲା ହୃଦୟେ ଆଶା,
ସରଗିଫୁଲ୍ ଶିଖାଇଲା ପ୍ରୟାସର ପଶା ।
ଶିକ୍ଷକମାନେ ହେଲେ ପଥ ପ୍ରଦର୍ଶକ,
ସହପାଠୀମାନେ ହେଲେ ପ୍ରେରଣା ଦାୟକ ।
ଗୀତ, ନୃତ୍ୟ ଜ୍ଞାନ, ଅଭିଭାଷଣର ଧାରା,
ଦେଖିଲୁ ସବୁ ବସି ସାଙ୍ଗସାଥୀ ସାରା ।
ସରଗିଫୁଲ୍, ସାହସ ଓ ଆନନ୍ଦର ମେଳା
ଶିଖିଲୁ ଆମେ ବଞ୍ଚିବାର କଳା ।
ସରଗିଫୁଲ୍ ଦିନଟି ସରସ ସୁନ୍ଦର,
ଅନନ୍ୟ ଅବସର ଏ ଶିକ୍ଷା-ଆନନ୍ଦର ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ବଡ଼ବନ୍ଧ, ବୌଦ୍ଧ

୦❖୦



ଚୌଧୁରି ଜୁଆଙ୍ଗ, ଶ୍ରେଣୀ : ଦଶମ, ସରକାରୀ (ଏସ୍.ଏସ୍.ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନରଣପୁର

# କୁମ୍ଭୀର ଓ ବିଲୁଆ

**ଦିବ୍ୟଶ୍ରୀ ପୂଜାରୀ**
ଦଶମ

ଗୋଟିଏ ଜଙ୍ଗଲରେ ପୋଖରୀଟିଏ ଥିଲା। ପୋଖରୀରେ କୁମ୍ଭୀରଟିଏ ରହୁଥିଲା। ଜଙ୍ଗଲରେ ବିଲୁଆଟିଏ ବି ରହୁଥିଲା। ଦୁହେଁ ଭାରି ସାଙ୍ଗ ଥିଲେ। କୁମ୍ଭୀର ଟିକେ ମୋଟା ବୁଦ୍ଧିଆ ଥିଲା। କିନ୍ତୁ, ବିଲୁଆ ଭାରି ଚାଲାକ ଥିଲା। ଯାହା ହେଲେ ବି  ସେମାନେ ସବୁବେଳେ ସାଙ୍ଗ ହୋଇ ବୁଲୁଥିଲେ, ଖେଳୁଥିଲେ ଓ ସୁଖ ଦୁଃଖ ହେଉଥିଲେ।

କିଛିଦିନ ପରେ କୁମ୍ଭୀର ଘରେ ଛ'ଟି ଛୁଆ ଜନ୍ମ ନେଲେ। କୁମ୍ଭୀର ଓ ତା ସ୍ତ୍ରୀ ଭାରି ଖୁସି ହୋଇ ଯାଇଥିଲେ। ଏହି ଖୁସିକୁ କୁମ୍ଭୀର ତା ସାଙ୍ଗ ବିଲୁଆକୁ ଜଣାଇଲା। ବିଲୁଆ ମଧ୍ୟ ବହୁତ ଖୁସି ହୋଇ କୁମ୍ଭୀର ଛୁଆଙ୍କୁ ଦେଖିବାକୁ ଗଲା। କାନ୍ଧରେ ଗାମୁଛା ପକାଇ, ଚଷମା ପିନ୍ଧି, ଛତା ଧରି ବିଲୁଆ ଯାଇ କୁମ୍ଭୀର ଘରେ ହାଜର। କୁମ୍ଭୀର ଛୁଆଙ୍କୁ ଦେଖି ବହୁତ ଗେଲ କଲା ଓ ସାଙ୍ଗରେ ନେଇଥିବା କିଛି ମାଛ କୁମ୍ଭୀର ଛୁଆଙ୍କୁ ଖାଇବାକୁ ଦେଲା।

ଧୀରେ ଧୀରେ କୁମ୍ଭୀର ଛୁଆ ବଡ଼ ହେଲେ। କୁମ୍ଭୀର ସେମାନଙ୍କୁ ଭଲ ଶିକ୍ଷା ଦେବା ପାଇଁ ଯୋଜନା କଲା। ସେ ଭାବିଲା, ବିଲୁଆ ତ ଭାରି ଚାଲାକ ଓ ଜ୍ଞାନୀ। ତା'ପରେ ସେ ବି ତାର ଘନିଷ୍ଠ ବନ୍ଧୁ। ତେଣୁ କୁମ୍ଭୀର ତାର ଛ'ଟି ଯାକ ଛୁଆଙ୍କୁ ସାଙ୍ଗ ବିଲୁଆ ଘରେ ରଖି ପାଠ ପଢ଼େଇବା ପାଇଁ ଚିନ୍ତା କଲା। ବିଲୁଆ ଘରେ



ରହି ବିଲୁଆଠାରୁ ଗୁରୁକୁଳ ଶିକ୍ଷା ପାଇଲେ ତା'ର ପିଲାମାନେ ବଡ଼ ଜ୍ଞାନୀ ଓ ପଣ୍ଡିତ ହୋଇ ପାରିବେ ବୋଲି ବିଶ୍ୱାସ ଥିଲା।

ଏ କଥାରେ ତା' ସ୍ତ୍ରୀ ମଧ୍ୟ ସହମତି ଜଣାଇଲା। ଶେଷରେ ମନକଥା ବିଲୁଆ ଆଗରେ କହିଲା। ବିଲୁଆ ମଧ୍ୟ ରାଜି ହେଲା। କୁମ୍ଭୀରର ଛ'ଟି ଯାକ ଛୁଆ ବିଲୁଆ ଘରେ (ଗାତରେ)ରହି ଶିକ୍ଷା ଗ୍ରହଣ କଲେ।

କୁମ୍ଭୀରର ପିଲାମାନେ ଭାରି ଡଉଲ ଡାଉଲ ହୋଇଥିଲେ। ଛ'ଟି ସୁନ୍ଦରିଆ କୁମ୍ଭୀର ଛୁଆଙ୍କୁ ପାଖରେ ପାଇ ବିଲୁଆର ଖରାପ ବୁଦ୍ଧି ଜାଗ୍ରତ ହେଲା। କୁମ୍ଭୀର ଛୁଆମାନଙ୍କୁ ମାରି ଖାଇବାକୁ ଇଚ୍ଛା କଲା ଏବଂ ଦୁଇଟିକୁ ମାରି ଖାଇଲା। ଦିନେ କୁମ୍ଭୀର ତାର ପିଲାମାନଙ୍କୁ ଦେଖିବାକୁ ଆସିଲା। କୁମ୍ଭୀର ଚାଲାକ କରି ଚାରିଟି କୁମ୍ଭୀରଙ୍କୁ ଏକା ସାଙ୍ଗରେ ନ ଆଣି ଗୋଟିଏ ପରେ ଗୋଟିଏ ଛୁଆକୁ ଦେଖାଇଲା। ସବୁଛୁଆ ଏକାପରି ହୋଇ ଥିବାରୁ ୪ଟି ଛୁଆଙ୍କୁ ୬ଥର କରି ବିଲୁଆ କୁମ୍ଭୀରକୁ ଦେଖାଇଲା। କୁମ୍ଭୀର ମଧ୍ୟ ଜାଣି ପାରିଲା ନାହିଁ। କୁମ୍ଭୀର ବାହାରେ ଥାଇ ବିଲୁଆ ସହିତ କଥା ହେଲା। କାରଣ ବିଲୁଆର ଘର ଅଣ ଓସାରିଆ ଗାତ ହୋଇଥିଲା। ଏହିପରି ଭାବେ ବିଲୁଆ କୁମ୍ଭୀରର ସବୁ ଛୁଆଙ୍କୁ ମାରି ଖାଇଦେଲା ଓ ଗାତ ଛାଡ଼ି ଅନ୍ୟତ୍ର ଲୁଚି ରହିଲା।

କିଛିଦିନ ପରେ କୁମ୍ଭୀର ଯାଇ ବିଲୁଆ ଘରେ ପିଲାମାନଙ୍କୁ ଖୋଜି ନିରାଶ ହେଲା। ସେ ଜାଣିପାରିଲା ବିଲୁଆ ତାକୁ ଧୋକା ଦେଇ ତା'ର ନିରୀହ ପିଲାମାନଙ୍କୁ ମାରି ଖାଇ ଦେଇଛି। ତାକୁ ଦେଖା ପାଇଲେ ସୁଧମୂଳ ହିସାବ କରିବ ବୋଲି ଭାବିଲା। କୁମ୍ଭୀର ସୁଯୋଗ ଖୋଜିଲା।

ଦିନେ ଗୋଟିଏ ବାଘ ଖାଦ୍ୟ ନପାଇ ବିଲୁଆକୁ ଦେଖି ତା' ଆଡ଼କୁ ଆସିଲା। ବିଲୁଆ ଭୟରେ ଦୌଡ଼ି ପଳାଇଲା। ବାଘ ମଧ୍ୟ ତାକୁ ଖାଇବ ବୋଲି ଗୋଡ଼ାଇଲା। ନଦୀ କୂଳରେ ସେହି କୁମ୍ଭୀର ଥିଲା। ଅନ୍ୟ ଉପାୟ ନପାଇ ବିଲୁଆ କୁମ୍ଭୀରର ସାହାଯ୍ୟ ମାଗିଲା। କୁମ୍ଭୀର ବିଲୁଆକୁ ପଛ କଥା ଭୁଲି ସାହାଯ୍ୟ କରିବାକୁ ଇଚ୍ଛାକଲା। ଗୋଟିଏ ବୁଦା ମୂଳରେ ଲୁଚିଯିବାକୁ ନିର୍ଦ୍ଦେଶ ଦେଲା। ବାଘ ଏଠି ସେଠି ଖୋଜି ବିଲୁଆକୁ ନପାଇ କୁମ୍ଭୀରକୁ ପଚାରିଲା। କୁମ୍ଭୀର ଜାଣେନି ବୋଲି କହିବାରୁ ବାଘ ଜଙ୍ଗଲ ଭିତରକୁ ଫେରିଗଲା। ବାଘ ଗଲାପରେ କୁମ୍ଭୀର ବିଲୁଆକୁ ବାହାରକୁ ଡାକିଲା। ତୁମେ ଏବେ ନିର୍ଭୟରେ ଯାଇପାର ବୋଲି କୁମ୍ଭୀର କହିଲା। ବିଲୁଆର ମୁଣ୍ଡ ତଳକୁ ହୋଇ ଯାଉଥାଏ। ସେ କୁମ୍ଭୀରର ଆଖିରେ ଆଖି ମିଶାଇ ପାରୁ ନ ଥାଏ। ଏପଟେ କୁମ୍ଭୀର ଆଖିରୁ ଧାର ଧାର ଅଶ୍ରୁ ବାହାରୁ ଥାଏ। ପିଲାମାନଙ୍କ କଥା ଓ ଦୋସ୍ତି କଥା ମନେପକାଇ ଚାଲିଥାଏ। ବିଲୁଆ ନିଜକୁ ଲଜ୍ଜିତ, ନୀଚ, ବିଶ୍ୱାସଘାତକ ମଣିବା ସହ ଓ ନିଜକୁ ଶତ ଧିକ୍କାର କରୁଥିଲା। ସଙ୍ଗେ ସଙ୍ଗେ କୁମ୍ଭୀରର ପାଦତଳେ ପଡ଼ି କ୍ଷମା ମାଗିଲା। କୁମ୍ଭୀର ବିଶାଳ ହୃଦୟରେ ବିଲୁଆକୁ କ୍ଷମା କରିଦେଲା। ବିଲୁଆ ଓ କୁମ୍ଭୀର କୋଳାଗ୍ରତ ହେଲେ। ବିଲୁଆ କେବେ ବି ଆଉ ସେ ଭୁଲ କରିବ ନାହିଁ ବୋଲି ନିଷ୍ପତ୍ତି ନେଲା। ପୂର୍ବପରି ଦୁଇ ଜଣ ସାଙ୍ଗ ହୋଇ ରହିଲେ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ଡାବୁଗାଁ, ନବରଙ୍ଗପୁର

୦❖୦

# ମୋ' ସାଙ୍ଗ

ରାନୁମା ଦେହୁରୀ
ଦଶମ

ବନ୍ଧୁତା ଏମିତିକା ଶବ୍ଦ
ଯାହା ପ୍ରେମ ଶିଖାଇ ଥାଏ,
ବନ୍ଧୁତ୍ୱକୁ ଯିଏ ଗୁରୁତ୍ୱ ଦିଏ
ପ୍ରକୃତ ମଣିଷ ସିଏ ।

ସବୁ ଆମକୁ ମିଳିଥାଏ
ବନ୍ଧୁତ୍ୱ ମିଳେ ନାହିଁ,
ଯାହା ପାଖରେ ବନ୍ଧୁ ଅଛି
ସବୁଠୁ ସୁଖୀ ସେଇ ।

ପ୍ରକୃତ ବନ୍ଧୁ ସବୁବେଳେ
ହସ ଦିଏ ଓଠରେ,
ବିପଦ ଯେତେ ଆସିଲେ
ରହିବ ତମ ସାଥିରେ ।

ସ୍ନେହ କରେ ଭଲ ପାଇଥାଏ
ଜୀବନ ଦେଇପାରେ,
ସେମିତି ବନ୍ଧୁକୁ ଭୁଲିବନି
ରହିବ ନ ହେଲେ ନର୍କରେ ।



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ପେନାଗୋବେରୀ, କନ୍ଧମାଳ

ଯଦି ୧୨୫ କୋଟି ଲୋକ,
ଏକ ସାଙ୍ଗରେ କାମ କରିବା
ତେବେ ଆମ ଦେଶ ଭାରତ
୧୨୫ କୋଟି ପାଦ ଆଗକୁ ବଢ଼ିଯିବ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଫୁଲ

**ବନ୍ଦନା ପ୍ରଧାନ**
ଦଶମ

ସୂରୁଜର ଆଲୋକରେ ରୂପ ତୋର ଝଟକେ,
ଆଖି ଆଗେ ପଡ଼ିଗଲେ ନଜର ବି ଅଟକେ।

ଟୋପା ଟୋପା କାକରରେ ଚକଚକ ଦିଶଇ,
ପାଖୁଡ଼ାର ଓଠ ମେଲି ଖିଲି ଖିଲି ହସଇ।

ଫୁଲଟିଏ ସିଏ ପରା ଦେହ ତା'ର କଅଁଳ,
ଛୁଇଁ ଦେଲେ ଜନ ମନ ପୁଲକଇ ସଅଳ।

ପବନର ପରଶରେ ବାସ ତା'ର ଛୁଟଇ,
ମହୁମାଛି ଉଡ଼ି ଆସି ରସ ତା'ର ଲୁଟଇ।

ଭଅଁର ବି  ବେଳେ ବେଳେ ପାଖେ ଆସି ବୁଲଇ,
ତା' ଉପରେ ବସି ପଡ଼ି ଖୁସି ମନେ ଝୁଲଇ।

ଝିଅଟିଏ ତୋଳି ନିଏ ତାକୁ ଏକ ଡାଲାରେ,
ମାଳ କରି ପକାଏ ସେ ଦିଅଁଙ୍କର ଗଳାରେ।

ଅତର ତିଆରି ପାଇଁ ଖୋଜା ପଡ଼େ ତାହାକୁ,
ଦିଏ ସବୁ କେବେ କିଛି ମାଗେ ନାହିଁ କାହାକୁ।



ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ଲିଙ୍ଗାଗଡ଼, କନ୍ଧମାଳ

ଜୟ ଯବାନ     ଜୟ କିଶାନ
ଜୟ ବିଜ୍ଞାନ  ଏବଂ  ଜୟ ଅନୁସନ୍ଧାନ

– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଖାଦ୍ୟ ସାର

**କୁମାରୀ ରୀତା ସିଂ**
ଅଷ୍ଟମ

ଆସରେ ଭାଇ ଖାଇବା ପାଇଁ,
ଶ୍ୱେତସାର ଦ୍ରବ୍ୟ ଆଣିଛି ମୁହିଁ।

ଭାତ, ରୁଟି, ଚୁଡ଼ା ଚକଟା,
ଖାଇଲେ ଜାଣିବ ଶ୍ୱେତସାର ଏଇଟା।

ସ୍ନେହସାର ବୋଲି ଗୋଟିଏ ସାର,
ଲହୁଣି, ତେଲ, ଘିଅ, ଅଣ୍ଡାର।

ଏ ସାର ଭାଇ ଯିଏ ଖାଇବ,
ଦେହକୁ ଚିକ୍କଣ ସୁନ୍ଦର କରିବ।

ଏହାପରେ ପୁଣି ପୁଷ୍ଟିସାର,
ଏହା ଭାଇ ସବୁ ଡାଲି ଜାତିର।

ଡାଲି, ଶିମ୍ବ ଆଉ ବୁଟ, ମଟର
ମାଛ, ମାଂସ, ଛେନା ଓ କ୍ଷୀର।

ତା'ପରେ ରହିଛି ଜୀବସାର,
ସାର ମଧ୍ୟରେ ସେ ଅଟଇ ସାର।

ଶାଗ, ପିଜୁଳି, କରମଙ୍ଗା,
ଗାଜର, ଅଁଳା, କଞ୍ଚାଲଙ୍କା।

ମନେରଖ ଭାଇ ଏହି ଚାରିଟି,
ତିଆରି କରିଛି ଆମ ପ୍ରକୃତି।

ଖାଇଲେରେ ଭାଇ ରୋଗରୁ ମୁକ୍ତି,
ନଖାଇଲେ ରୋଗ କରେ ରାଜୁତି।



ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ବାଲିଆଝର, ବାଲେଶ୍ୱର

୦❖୦

# ସମୟର ମୂଲ୍ୟ ବୁଝ

**ଅଞ୍ଜଳୀ ବାସ୍କେ**
ଦଶମ

ଜଣେ ବ୍ୟକ୍ତି ରାଜାଙ୍କ କୋର୍ଟକୁ ଆସିଥିଲେ। ସେ ରାଜାଙ୍କୁ ଅନୁରୋଧ କରି କହିଲେ, "ମହାରାଜା, ମୁଁ ବହୁତ ଗରିବ, ଦୟାକରି ମୋତେ ଏକ ସୁନା ମୁଦ୍ରା ଦିଅ । ସେହି ବ୍ୟକ୍ତି କହିଲେ, "ମୋତେ କେହି କାମରେ ରଖନ୍ତି ନାହିଁ ଏବଂ ସମସ୍ତେ ଅଳସୁଆ ବୋଲି ଡାକନ୍ତି ।" ରାଜା କହିଲେ - "ଠିକ୍ ଅଛି ଯାଅ ଏବଂ ଭଣ୍ଡାର ଘରୁ ଯେତିକି ସୁନା ନବା କଥା ନିଅ। କିନ୍ତୁ ନିଶ୍ଚିତ ଭାବରେ ଏହି ଜିନିଷକୁ ଧ୍ୟାନରେ ରଖିବ ଯେ ସୂର୍ଯ୍ୟ ଅସ୍ତ ହେବା ପରେ ଭଣ୍ଡାର ଘର ବନ୍ଦ ହୋଇଯାଏ। ତେଣୁ ଠିକ୍ ସମୟରେ ବାହାରି ଆସିବ।" ସେହି ବ୍ୟକ୍ତି ବହୁତ ଖୁସି ହୋଇଗଲେ। ଆଉ ସେଦିନ ରାତି ସାରା ଧନୀ ହେବା ଲୋଭରେ ଶୋଇ ପାରିଲେ ନାହିଁ। ପରଦିନ ସକାଳେ ସେ ଭଣ୍ଡାର ଆଡ଼କୁ ଗଲେ। ଚାଲିବାବେଳେ ସେ ଏକ ଛାଇ ଗଛ ପାଇଲେ। ଗଛର ଘନ ଛାୟା ଦେଖି ଭାବିଲେ, ସନ୍ଧ୍ୟା ହେବା ପାଇଁ ପୂରା ଦିନଟା ତ ପଡ଼ିଛି। ଟିକିଏ ଶୋଇପଡ଼ିଲେ କିଛି ଅସିବୁଧା ନାହିଁ। ସେ ସେଠାରେ ଶୋଇପଡ଼ିଲେ, କିନ୍ତୁ ଅପରାହ୍ନରେ ଉଠିବା ପରେ ସେ ଦେଖିଲେ ଆରେ ମୁଁ ତ ଏଠାରେ ବହୁତ ସମୟ ନଷ୍ଟ କରିଦେଲି ! ହଁ, ସନ୍ଧ୍ୟା ପାଇଁ ଆଉ କିଛି ସମୟ ବାକି ରହିଲା। ଏବେ ଚାଲିଯିବା, ତା' ପରେ ସେ ଚାଲିଲେ। ଯାଉ ଯାଉ ରାସ୍ତାରେ ଏକ ମେଳା ଦେଖିଲେ, ତେଣୁ ସେ ଭାବିଲେ, କିଛି ସମୟ ପାଇଁ ମେଳା ପରିଦର୍ଶନ କରିବି, ପୁନର୍ବାର ଭଣ୍ଡାରକୁ ଯିବି। ମେଳାରେ ବୁଲିବା ସମୟରେ ଅନେକ ସମୟ ଅତିବାହିତ ହୋଇଗଲା। ସୂର୍ଯ୍ୟ ଅସ୍ତ ହେବାକୁ ଯାଉଥିଲେ, ସେତେବେଳେ କେବଳ ରାଜା ଦେଇଥିବା ଚେତାବନୀ ମନେ ପଡ଼ିଗଲା। କୌଣସି ପ୍ରକାରେ ସେ ଦୌଡ଼ି ଦୌଡ଼ି ଆସି ଭଣ୍ଡାର ପାଖରେ ପହଞ୍ଚିଲେ। ସେତେବେଳକୁ ବହୁତ ଡେରି ହୋଇଯାଇଥିଲା ଏବଂ ସୂର୍ଯ୍ୟ ମଧ୍ୟ ଅସ୍ତ ହୋଇଗଲେ। ସେଠାରେ ଉପସ୍ଥିତ ଥିବା ସୈନିକମାନେ ତାଙ୍କୁ ଭିତରକୁ ଯିବାକୁ ମନା କରିଦେଇଥିଲେ



ଏବଂ କହିଥିଲେ- "ତୁମେ ବହୁତ ଧନୀ ହେବାର ଏକ ବଡ଼ ସୁଯୋଗ ହାତଛଡ଼ା କରିଛ। ଯଦି ତୁମେ ସମୟର ମୂଲ୍ୟ ବୁଝିଥା'ନ୍ତ ତେବେ ଆଜି ଜଣେ ଧନୀ ବ୍ୟକ୍ତି ହୋଇ ପାରିଥାନ୍ତ"।

ସରକାରୀ (ଏସ୍. ଏସ୍. ଡି)
ଉଚ୍ଚ ବିଦ୍ୟାଳୟ,
ଦେହୁରୀପଶି, କେଉଁଝର

୦❖୦

# ଆମ ବିଦ୍ୟାଳୟ

**ସୁମିତ୍ରା ପାଇକ**
ଅଷ୍ଟମ

ବିଦ୍ୟାଳୟ ଆମ କେତେ ସୁନ୍ଦର
ସତେ କି ବଗିଚାଟିଏ,
ଆମେ ଟିକି ଫୁଲ ଏହି ବଗିଚାର
ମାଳି ଜାଣିଛନ୍ତି କିଏ ?

ଗୁରୁଜୀ, ଗୁରୁମା ଅତି ସରାଗେ
ଦେଇଥାନ୍ତି ଜ୍ଞାନପାଣି,
ସେନେହେ ଗଢ଼ନ୍ତି ଆମ ଭବିଷ୍ୟ
ସଭିଙ୍କୁ ନିଜର ମଣି ।

ଆଶ୍ରମ ଜୀବନ ଅତି ସୁନ୍ଦର
ସଭିଙ୍କୁ ଏଠି ଆଦର,
ଫଳ, ଫୁଲ ଭରା ଏ ପରିବେଶ
ମନରେ ସୁଖ ସଞ୍ଚାର ।

ଝରଣା, ମନ୍ଦିର, ପାହାଡ଼ ଘେରା,
ଲାଗଇ ସରଗପୁର,
ଯେତେ ସୁନ୍ଦରତା ପ୍ରକୃତିର,
ଅଛି ଏଠି ଭରପୂର ।

ସଭିଏଁ ଆମେରେ ଗୋଟିଏ ମନ
ଆମ ମନ ସଦା ଫୁଲ ଚନ୍ଦନ,
ଆଶ୍ରମର ନାମ ରଖିଥା ଜାଣି
ପ୍ରସିଦ୍ଧ ଅଟେ ସେ ତପ୍ତପାଣି ।

ତପ୍ତପାଣି ଆଶ୍ରମ ବିଦ୍ୟାଳୟ,
ତପ୍ତପାଣି, ଗଞ୍ଜାମ

○❖○



# ଅଳସୁଆ ରାଜା

**କୁମାରୀ ରୀନା ସିଂ**
ଅଷ୍ଟମ

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ। ସେ ଅତି ଅଳସୁଆ। କୌଣସି ଶାରୀରିକ ପରିଶ୍ରମ କରୁନଥିବାରୁ ତାଙ୍କ ଦେହର ଓଜନ ଦିନ କୁ ଦିନ ବଢ଼ି ଚାଲିଲା। ଏହି କାରଣରୁ ରାଜାଙ୍କ ଅବସ୍ଥା ଦେଖି ରାଣୀ ବ୍ୟସ୍ତ ଓ ବିବ୍ରତ ହୋଇ ପଡ଼ିଲେ।

ଦିନେ ସକାଳୁ ରାଣୀ ବଗିଚା ଆଡ଼େ ବୁଲି ବାହିରାଲା ବେଳକୁ ସେଠାରେ ସେ ଦେଖିବାକୁ ପାଇଲେ ଗୁଡ଼ିଏ ସୁନ୍ଦର ପକ୍ଷୀ। ଏହା ଦେଖି ତାଙ୍କ ମୁଣ୍ଡକୁ ଗୋଟିଏ ଉପାୟ ଜୁଟିଲା। ସେଇଦିନ ସଞ୍ଜ ସମୟରେ ରାଣୀ ରାଜାଙ୍କ ନିକଟକୁ ଗଲେ ଏବଂ କହିଲେ – ମହାରାଜ ! ଆଜି ସକାଳେ ଆମ ବଗିଚାରେ ଗୁଡ଼ିଏ ଅତୀବ ମନୋରମ ପକ୍ଷୀ ଦେଖିବାକୁ ପାଇଲି। ମୋର ମନେ ହେଉଛି, ସେହି ପକ୍ଷୀମାନେ କୁହୁକ ବିଦ୍ୟାରେ ପାରଙ୍ଗମ। ସେମାନଙ୍କୁ ଦେଖିବା କ୍ଷଣି ତାଙ୍କ ପାଖକୁ ମୁଁ ଗଲି; କିନ୍ତୁ ସେମାନେ କିଛି କଥା କହି କୁଆଡ଼େ



ଉଡେଇ ଗଲେ। ମୁଁ ଆଉ ସେମାନଙ୍କୁ ଦେଖିବାକୁ ପାଇଲି ନାହିଁ। ଏହା ଶୁଣି ରାଜା ଆଶ୍ଚର୍ଯ୍ୟ ହୋଇ ରାଣୀଙ୍କୁ ପଚାରିଲେ- "ସେମାନେ କାହିଁକି କୁଆଡେ ଉଡେଇ ଗଲେ ?"

ରାଜାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ରାଣୀ କହିଲେ ପକ୍ଷୀମାନେ ମୋତେ କହିଯାଇଛନ୍ତି- "ତୁମେ କେବଳ ମୋ ସାଙ୍ଗରେ ବଗିଚାକୁ ଗଲେ, ସେମାନେ ପୁଣି ଆସି ଆମ ସହିତ କଥା ହେବେ"। ତେଣୁ ଆମେ ଦୁଇ ଜଣ କାଲି ସକାଳେ ସାଙ୍ଗ ହୋଇ ବଗିଚାକୁ ଯିବା ଏବଂ ସେମାନଙ୍କ ସହିତ କଥା ହେବା। ରାଜା, ରାଣୀଙ୍କ ପ୍ରସ୍ତାବରେ ରାଜି ହୋଇଗଲେ।

ତା' ପରଦିନ ସକାଳେ ରାଜା ଓ ରାଣୀ ସାଙ୍ଗ ହୋଇ ବଗିଚାକୁ ଗଲେ, ମାତ୍ର କୌଣସି ପକ୍ଷୀକୁ ଦେଖିବାକୁ ପାଇଲେ ନାହିଁ। ରାଜା ରାଣୀଙ୍କୁ ପଚାରିଲେ - "କାହିଁ ଏଠାରେ କୌଣସି ପକ୍ଷୀ ତ ନାହାନ୍ତି। କୁଆଡ଼େ ଗଲେ ସେହି କୁହୁକ ପକ୍ଷୀ" ?

ରାଣୀ କହିଲେ - "ମହାରାଜା ! ସେମାନେ କାଲି ସନ୍ଧ୍ୟାରେ ଉଡ଼ି ଯାଇଛନ୍ତି ଏବଂ ଗଲାବେଳେ ସେ ବଗିଚାର ମାଳୀକୁ କହିଛନ୍ତି, ପାଞ୍ଚ ମାସ ପରେ ଫେରିବେ। କିନ୍ତୁ ସେମାନେ ଏକଥା ବି କହିଛନ୍ତି, ଆମେ ଏ ବଗିଚାକୁ ପୁଣି ଆସିବା ପର୍ଯ୍ୟନ୍ତ ତୁମେ ଦୁଇଜଣ ପ୍ରତିଦିନ ଦୁଇଓଳି ବଗିଚାକୁ ଆସି ଏଇପରି ବୁଲିକରି ଯାଉଥିବ। ନଚେତ୍ ରାଜାଙ୍କର କ୍ଷତି ହେବ"।

ରାଜା ଏବଂ ରାଣୀ ପ୍ରତିଦିନ ବଗିଚାକୁ ଆସନ୍ତି । ଗଛପତ୍ର ଓ ଫୁଲ ଫଳର ତଦାରଖ କରି ପୁଣି ଉଆସକୁ ଫେରିଯାଆନ୍ତି। ଏଇପରି ନିୟମିତ ଚଲାବୁଲା କରିବା ଫଳରେ ରାଜାଙ୍କର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ବଦଳି ଗଲା। ରାଜା ସ୍ୱାସ୍ଥ୍ୟ ଫେରି ପାଇବାରୁ ଖୁସି ହେଲେ। କୁହୁକ ଚଢ଼େଇ କଥା ଦେଇଥିବା ପାଞ୍ଚମାସ ଗତ ହୋଇଗଲା। କିନ୍ତୁ ସେ ଚଢ଼େଇମାନେ ଆସିଲେ ନାହିଁ । ରାଜାଙ୍କର ଆଉ ଘଟଣା ସମ୍ପର୍କରେ ସନ୍ଦେହ ରହିଲା ନାହିଁ। ସେ ଜାଣିଗଲେ, ତାଙ୍କର ସ୍ୱାସ୍ଥ୍ୟର ପରିବର୍ତ୍ତନ ପାଇଁ ରାଣୀ ଏପରି ଉପାୟ ନିଜ ମନରୁ ସୃଷ୍ଟି କରିଥିଲେ। ତେଣୁ ମିଛ କହିବା ଫଳରେ ଯଦି କାହାର ଉପକାର ହେଉଛି, ତାହା ମିଛରେ ପରିଗଣିତ ହେବ ନାହିଁ; ବରଂ ଏହାକୁ କୁହାଯିବ ସମସ୍ୟାର ଏକ ସମାଧାନ।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ବାଲିଆଝର, ବାଲେଶ୍ୱର

୦❖୦

# ବଡ଼ କିଏ ?

**ରିଙ୍କି ନାୟକ**
ଦଶମ

ଥରେ ଆମ ହାତର ପାଞ୍ଚ ଆଙ୍ଗୁଠି ମଧ୍ୟରେ କିଏ ବଡ଼ ବୋଲି କଳି ଲାଗିଲା । ବୁଢ଼ା ଆଙ୍ଗୁଠି ଠାରୁ କାଣି ଆଙ୍ଗୁଠି ପର୍ଯ୍ୟନ୍ତ ସଭିଏଁ ନିଜେ ନିଜକୁ ଅନ୍ୟ ଚାରିଜଣଙ୍କ ଅପେକ୍ଷା ବଡ଼ ବୋଲି ପ୍ରମାଣିତ କରିବା ପାଇଁ ଯୁକ୍ତି ବାଢ଼ିଲେ ।

ସର୍ବ ପ୍ରଥମେ ଗମ୍ଭୀର ସ୍ୱରରେ ବୁଢ଼ା ଆଙ୍ଗୁଠି କହିବା ଆରମ୍ଭ କଲା, "ଦେଖିବାକୁ ଗଲେ ମୁଁ ହିଁ ବଡ଼ । କାରଣ ତୁମ ସମସ୍ତଙ୍କ ଠାରୁ ମୋ ଶରୀର ମୋଟା ଏବଂ ମୁଁ ବୟସରେ ବି ବଡ଼ । ସେଥିପାଇଁ ପରା ମୋତେ "ବୁଢ଼ା" କହନ୍ତି । ତୁମେ ଚାରି ଜଣ ପାଖାପାଖି ଏକାଠି ରହୁଥିଲେ ସୁଦ୍ଧା ମୋର ସାହାଯ୍ୟ ବିନା କିଛି କାମ କରି ପାରିବ ନାହିଁ । ଆଉ ଗୋଟିଏ ବଡ଼ କଥା ହେଉଛି ମୋର ଚିହ୍ନ "ଟିପ ଚିହ୍ନ" । ନାଁ ଲେଖି ପାରୁ ନଥିବା ଅନେକ ନିରକ୍ଷର ଲୋକ ପଇସା କାରବାର ତଥା ଜମିବାଡ଼ି କିଣାବିକା କରିବା ନିମନ୍ତେ ସମସ୍ତ ଦସ୍ତାବିଜ୍ ଗୁଡ଼ିକରେ ବଳିଷ୍ଠ ପ୍ରମାଣ ସ୍ୱରୂପ ଏଇ ଟିପ ଚିହ୍ନ ହିଁ ବ୍ୟବହାର କରିଥାନ୍ତି ।"



ଏହାପରେ ବିଶି ଆଙ୍ଗୁଠିର ପାଳି। ସେ କହିଲା, "ନା ନା ମୁଁ ହିଁ ବଡ଼। କାହିଁକି ନା ମୁଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଏ। ମୋର ଇଶାରାରେ ସମସ୍ତେ ସତର୍କ ହୁଅନ୍ତି। ମୁଁ ଯଦି ପାଟି ପାଖରେ ପହଞ୍ଚିଯାଏ, ତେବେ ସଭିଏଁ ଚୁପ୍ ହୋଇଯାଆନ୍ତି ଏବଂ  ସମସ୍ତଙ୍କ ପାଟି ବନ୍ଦ ହୋଇଯାଏ।"

ଏକଥା ଶୁଣି ମଝି ଆଙ୍ଗୁଠି କହିଲା "ସମସ୍ତଙ୍କ ଠାରୁ ମୋର ହିଁ ଉଚ୍ଚତା ଅଧିକ କାରଣ ଦୃଷ୍ଟିହୀନ ଲୋକଟିଏ ମଧ୍ୟ ଆମ ସମସ୍ତଙ୍କୁ ଛୁଇଁ ସହଜରେ କହି ଦେଇ ପାରେ ମୋ  ଉଚ୍ଚତା ଅଧିକ। ଏହା ଛଡା ମୋ ଦ୍ୱାରା ମଥାରେ ଚନ୍ଦନ ଓ ସିନ୍ଦୂର ଟୋପା ଲଗାଯାଇଥାଏ।"

ତା'ପରେ ଅନାମିକା ଆଙ୍ଗୁଠି ଗର୍ବରେ କହିବାକୁ ଲାଗିଲା "ତୁମେମାନେ ଭଲ ଭାବରେ ଜାଣିଛ ଯେ ଯାହା ପାଖରେ ଧନ ସମ୍ପତ୍ତି ଥାଏ ସେ ହିଁ ବଡ଼। ଦେଖ ମୋ ପାଖରେ ସୁନା ରୁପାର ଅଲଙ୍କାର ମୁଦି ଅଛି। ମୋ ନାଁ ରିଙ୍ଗ୍ ଫିଙ୍ଗର୍, ମାନେ ମୁଦି ଆଙ୍ଗୁଠି। ସେଥିପାଇଁ ମୁଁ ହିଁ ବଡ଼।"

ସମସ୍ତଙ୍କ କଥା ଶୁଣି ଶେଷରେ କାଣି ଆଙ୍ଗୁଠି କହିଲା, "ଏବେ ମୋ କଥା ବି ମନ ଦେଇ ଶୁଣ। ତୁମେ ସମସ୍ତେ କିଏ ବଡ଼ ବୋଲି ଯୁକ୍ତି କରୁଛ ତାହା ଠିକ୍ ନୁହେଁ କାରଣ ଶାରୀରିକ ଉଚ୍ଚତା ଓ ବଳରେ କମ ହେଲେ ମଧ୍ୟ ମୁଁ ବଡ।"

କାଣି ଆଙ୍ଗୁଠି କଥା ଶୁଣି ଅନ୍ୟ ଆଙ୍ଗୁଠି ହୋ ହୋ କରି ହସିଲେ ଓ କହିଲେ - ନ ଦେଖିଲା ଲୋକେ ଦେଖ, କଇଁଛ କାଢ଼ିଛି ବେକ।

କାଣି ଆଙ୍ଗୁଠି କହିଲା "ଆରେ ଏଥିରେ ହସିବାର କିଛି ନାହିଁ। ଆମ ଗାଁରେ ଯେତେବେଳେ ରାଜା, ମନ୍ତ୍ରୀ କିମ୍ବା ସେନାପତି ଆସନ୍ତି, ସେତେବେଳେ ଗାଁ ଲୋକଙ୍କ ସହିତ ସ୍ୱାଗତ କରିବାକୁ ସମସ୍ତଙ୍କ ଆଗରେ ବଡ଼ ଲୋକ। ସେହି ଭଳି ଦୁଇ ପାପୁଲି ଯୋଡ଼ିଲେ ଆମେ କାହାରିକୁ ନମସ୍କାର କରୁ। ସେତେବେଳେ ଆମ ସମସ୍ତଙ୍କ ଆଗରେ ପ୍ରଥମେ ଠିଆ ହୋଇଥାଏ କାଣି ଆଙ୍ଗୁଠି। ତମେ ସମସ୍ତେ ଯାହାକୁ ପରିହାସ କରୁଛ ସେ ହିଁ ସବୁଠୁ ବଡ଼। ଏବେ ବୁଝିଲ ତ କିଏ ବଡ଼ କିଏ ସାନ ?"

କାଣି ଆଙ୍ଗୁଠିର ଏହି ଯୁକ୍ତି ଶୁଣି ଅନ୍ୟ ଚାରି ଆଙ୍ଗୁଠି ତୁନି ହୋଇ ରହିଲେ। କିଛି ସମୟ ପରେ ବୁଢ଼ା ଆଙ୍ଗୁଠି କହିଲା - ବୁଝିଲ ପିଲାଏ, ଆମ ମନରେ ବଡ଼ ସାନର ଭାବନା ରହିବା ଉଚିତ୍ ନୁହେଁ । ଧନ, ସମ୍ପତ୍ତି, ଉଚ୍ଚତା, ବଳ, ବୟସ ଏସବୁ ଜଣେ ବଡ଼ ଲୋକର ମାପକାଠି ନୁହେଁ। ସଭିଏଁ ସମାନ। ମିଳି ମିଶି ରହିଲେ ହିଁ ଆମର ଏକତା ବଳରେ ସବୁ କାର୍ଯ୍ୟ ସମ୍ଭବ ହୋଇ ପାରିବ।


ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
କୋଟ୍ରାଗୁଡା, ନବରଙ୍ଗପୁର

# ଜୀବନର ପାଞ୍ଚଟି ଶିକ୍ଷା

**ଜୁଲି ହୁଇକା**
ଅଷ୍ଟମ

ଥରେ ଜଣେ ଶିଷ୍ୟ ଜ୍ଞାନ ଲାଭ ଆଶାରେ ଗୁରୁଙ୍କ ନିକଟକୁ ଗଲା । ସେ ଗୁରୁଙ୍କ ପାଖରେ ପହଞ୍ଚି କହିଲା ମୁଁ ନିଜକୁ ବଡ଼ ମଣିଷ ଭାବରେ ଗଢ଼ିବା ପାଇଁ କ'ଣ କରିବି ? ତା'ର ଏମିତି ଆଗ୍ରହ ଦେଖି ଗୁରୁ ତାକୁ ପରୀକ୍ଷା କରିବାକୁ ଚାହିଁଲେ । ତେଣୁ ସେ ତା'କୁ ଆଶ୍ରମରେ ରହିବାକୁ ଅନୁମତି ଦେଇ  କହିଲେ – "ଠିକ୍ ଅଛି, ଗୋଟିଏ ବର୍ଷ ଯାଏଁ କାହାକୁ କିଛି ନ ପଚାରି ତୁମେ ଏଠାରେ ରୁହ" ।  ଗୁରୁଙ୍କର ଆଦେଶ ମାନି ସେହି ଶିଷ୍ୟଟି ଆଶ୍ରମରେ ରହିଲା । ଏକ ବର୍ଷ ବିତି ଯିବା ପରେ ଶିଷ୍ୟଟି ଗୁରୁଙ୍କୁ ମନେ ପକାଇଦେଇ କହିଲା 'ଗୁରୁଦେବ ଆପଣଙ୍କର ଆଦେଶ ମାନି ମୁଁ ଗୋଟିଏ ବର୍ଷ ଏଠାରେ ରହିଲି । ଏବେ ମୋତେ ଜ୍ଞାନ ପ୍ରଦାନ କରନ୍ତୁ ।'

ଶିଷ୍ୟଟିର ଜାଣିବାର ଆଗ୍ରହକୁ ଦେଖି ଗୁରୁ ତାକୁ କହିଲେ ଜଣେ ଲୋକ ସହିତ ତୁମକୁ କୁସ୍ତି ଲଢ଼ିବାକୁ ପଡ଼ିବ । କୁସ୍ତି ପାଇଁ ଆଖଡ଼ାଶାଳ ପ୍ରସ୍ତୁତ କରାଗଲା । ତା'ପରେ ଗୁରୁ କହିଲେ- "ଏହି ପ୍ରତିଯୋଗିତାରେ ଯିଏ ହାରିବ ତା'କୁ ମୃତ୍ୟୁଦଣ୍ଡ ମିଳିବ" । ଏକଥା ଶୁଣି ଶିଷ୍ୟଟି  ବଡ଼ ଦ୍ୱନ୍ଦ୍ୱରେ ପଡ଼ିଗଲା । କୁସ୍ତି ଆରମ୍ଭ କରିବାର ବେଳ ହୋଇଯାଉଥାଏ । ମାତ୍ର ସେ ମନକୁ ମନ ଭାବିଲା, ଏହି ଲଢ଼େଇରେ ମୁଁ ହାରିବି ନାହିଁ । ମୋ ପ୍ରତିଦ୍ୱନ୍ଦ୍ୱୀକୁ ମଧ୍ୟ ହରାଇବି ନାହିଁ । ଯଦି ମୋ ବିପକ୍ଷରେ ଥିବା ଲୋକଟି ହାରିଯାଏ, ତେବେ ତାକୁ ମୃତ୍ୟୁଦଣ୍ଡ ମିଳିବ । ଏ ପରିସ୍ଥିତିରେ ଆମ ଦୁହିଁଙ୍କ ମଧ୍ୟରୁ ଜଣେ ତ ମରିବା ସୁନିଶ୍ଚିତ । ହେଲେ  ବି ମୁଁ ଏହା ଚାହୁଁ ନାହିଁ । ଏଣୁ ସେ ବୁଝିବିଚାରି ଏମିତି  କୁସ୍ତି ଲଢ଼େଇ  କଲା ଯାହା ଫଳରେ କେହିବି ଜଣେ ହାରିଲେ ନାହିଁ । ସେ ଦୁହେଁ ଘଣ୍ଟା ଘଣ୍ଟା ଧରି ଲଢ଼େଇ କରି ଚାଲିଲେ । ଦୁହିଁଙ୍କର ଲଢ଼େଇ ଭିତରେ କେତେବେଳେ ଦିନ ଯାଇ ସନ୍ଧ୍ୟା ହୋଇଗଲାଣି, ତାହା ସେ ଦୁହେଁ ଜାଣିପାରି ନଥିଲେ । ଏହି ସମୟରେ ଗୁରୁ ସେ ସ୍ଥାନକୁ ଆସି ସେମାନଙ୍କୁ ଅଟକାଇଲେ । ତା'ପରେ ଶିଷ୍ୟଟିକୁ କହିଲେ, ଆଜି ତୁମେ ଏହି କୁସ୍ତି ଲଢ଼େଇରୁ ପାଞ୍ଚଟି କଥା ଶିକ୍ଷା ଲାଭ କଲ । ତାହା ଶୁଣି ଶିଷ୍ୟଟି ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ସେ ତ ଖାଲି କୁସ୍ତି କରୁଥିଲେ । ହେଲେ ଗୁରୁ ଏମିତି କ'ଣ କହୁଛନ୍ତି । ଗୁରୁ ତା' ପିଠିକୁ ଆପୁଡ଼େଇ ଦେଇ କହିଲେ –  "ପ୍ରଥମ କଥାଟି ହେଲା ତୁମେ ଧୈର୍ଯ୍ୟ  ଗୁଣକୁ ଶିକ୍ଷା କଲ । ଏହା ତୁମେ ସବୁଠୁ ଆଗ ଶିଖିଲ । କାରଣ ମୁଁ ତୁମକୁ ଗୋଟିଏ ବର୍ଷ ରହିବାକୁ କହିଲି ଆଉ ତାହା ମାନିନେଇ ତୁମେ ଏଠାରେ ରହିଲ । ଏହାଠାରୁ ବଳି ବଡ଼ ଶିକ୍ଷା ଆଉ କ'ଣ ଅଛି ? ଆଉ ଚାରିଗୋଟି କଥା ତୁମେ ଏହି କୁସ୍ତି ଲଢ଼େଇରୁ ଶିକ୍ଷା  କଲ । ସେ ଚାରିଟି ହେଲା, ଦୟା, ନିରନ୍ତର ପ୍ରାର୍ଥନା.ଏକାଗ୍ରତା ଓ ମନନ ଚିନ୍ତନ ।" ଶିଷ୍ୟଟି ଏକଥା କିଛି ନବୁଝି ପାରି ଖାଲି ବୋକାଙ୍କ ପରି



ଗୁରୁଙ୍କ ମୁହଁକୁ ଚାହିଁ ରହିଲା। ଗୁରୁ ତାକୁ ବୁଝାଇବାକୁ ଯାଇ କହିଲେ- "ମୁଁ କହିଲି ଲଢ଼େଇରେ ହାରିଲେ ଜଣେ ମୃତ୍ୟୁଦଣ୍ଡ ପାଇବ। ତୁମେ ତୁମର ବିପକ୍ଷ ଲୋକକୁ ନ ହରାଇ ତା'ର ପ୍ରାଣରକ୍ଷା କଲ। ତୁମେ ମନରେ ଦୟା ଭାବ ଆସିବାରୁ ତୁମେ ଏମିତି କରିପାରିଲ।" ଶିଷ୍ୟଟି କହିଲା- "ଗୁରୁଦେବ ପ୍ରାର୍ଥନା କିପରି ଶିଖିଲି।" ଗୁରୁ କହିଲେ- "ତୁମେ ମନେ ମନେ ନିରନ୍ତର ପ୍ରାର୍ଥନା କରୁଥିଲ ଯେପରି ତୁମ୍ଭ ଦୁଇଜଣଙ୍କ ଭିତରେ କେହିବି ନ ହାରନ୍ତୁ। ଏହି ମହତ୍ କଥାଟି ତୁମେ ଶିକ୍ଷା କଲ। ଚତୁର୍ଥ ଶିକ୍ଷାଟି ହେଲା ତୁମେ ଏକାଗ୍ର ମନରେ ଲଢ଼େଇ କଲ। ଫଳରେ ନିଜେ ହାରିଲ ନାହିଁ କି ଅନ୍ୟ ଜଣଙ୍କୁ ମଧ୍ୟ ହାରିବାକୁ ଦେଲ ନାହିଁ। ଏହି ଏକାଗ୍ରତା ଶିକ୍ଷାଟି ତୁମେ ଏଥିରୁ ପାଇଲ। ଶେଷଟି ହେଲା - ମନନ ଚିନ୍ତନ। କୁସ୍ତି ଭିତରେ ତୁମ ମନ ମଧ୍ୟରେ ଏଇ ଭାବ ଚାଲିଥିଲା। କାରଣ କୁସ୍ତି ଭିତରେ ତୁମେ କ'ଣ କରିବ, କ'ଣ ନ କରିବ ଏଇ ମନନ ଚିନ୍ତନ ଭିତରେ ତୁମର ଲଢ଼େଇ ଚାଲିଥିଲା। ଖାଲି ତୁମେ କାହିଁକି ଯେ କେହି ଲୋକ ଏମିତି କାର୍ଯ୍ୟଟିଏ କଲାବେଳେ ମନନ ଚିନ୍ତନ ଭିତରେ କଲେ ସେ ଜୀବନରେ ହାରିବ ନାହିଁ।"

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ପୋଲମା, ରାୟଗଡ

୦❖୦

# ଭୁଲିବୁ ନାହିଁ

**ସ୍ମୃତି ମହାନନ୍ଦିଆ**
ଦଶମ

ଧନ୍ୟ ତୁମେ ମାତା ଧନ୍ୟ ତୁମେ ପିତା
ତୁମ ସମ କେହି ନାହିଁ,
ଜନମ ଦେଇଛ ଯତନେ ପାଳିଛ
ଆମେ ତା' ଭୁଲିବୁ ନାହିଁ।

ବିଦ୍ୟା ଆମ ମିତ ବିଦ୍ୟା ଆମ ବଳ
ବିଦ୍ୟା ତ ସବୁରି ଧନ,
ନବୁଝି ଏହାକୁ ଅବୁଝା ହୁଏ ଯେ
ମୂର୍ଖ ହୁଏ ସେହି ଜାଣ।

କର୍ତ୍ତବ୍ୟ ପାଳନ କରିବୁ ଆମେରେ
ଧନ ଯଶ ଲାଭ ପାଇଁ,
କାପୁରୁଷ ପରି ଭାଗ୍ୟକୁ ଆଦରି
ଦୁଃଖ ତ ଭୋଗିବୁ ନାହିଁ।

ପର ଦୁଃଖ ଦେଖି କାତର ହୋଇଲେ
ମଣିଷରେ ହେବୁ ଗଣା,
ପର ହିତ ଲାଗି ଜୀବନ ତେଜିଲେ
ଗୁଣ ହେବ ଆମ ଜଣା।

ସାଧୁ ସନ୍ଥ ସଙ୍ଗେ ବାସ ଯେ କରିବୁ
ସୁଶିକ୍ଷା ପାଇବା ପାଇଁ,
ହୀନଜନ ଠାରୁ ଦୂରେଇ ରହିବୁ
କୁଶିକ୍ଷା ଲଭିବୁ ନାହିଁ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ବରଗଡ

# ସେବା ଓ ଏକାଗ୍ରତା

**ଝାନ୍ସୀ ନାୟକ**
ଦଶମ



ମନୁଷ୍ୟ ଯେ କୌଣସି କାର୍ଯ୍ୟ କରୁ ନା କାହିଁକି ସେ କାର୍ଯ୍ୟ କରିବା ପାଇଁ ତା'ମନରେ ଏକାଗ୍ରତା ରହିବା ଉଚିତ। ସିଏ ଶିକ୍ଷା ଗ୍ରହଣ କ୍ଷେତ୍ର ହେଉ କି ଘରୋଇ କାର୍ଯ୍ୟ ହେଉ, କାର୍ଯ୍ୟାଳୟରେ କାର୍ଯ୍ୟ ହେଉ କି ଖେଳକୁଦ ହେଉ ସମାଜସେବା ହେଉ କି ବ୍ୟାବସାୟିକ କ୍ଷେତ୍ର ହେଉ। ପ୍ରତ୍ୟେକ କର୍ମରେ ନିଜର ଏକାଗ୍ରତା କାର୍ଯ୍ୟ ସଫଳତାରେ ସାହାଯ୍ୟ କରିଥାଏ। ସେହିପରି ନିଜର ସେବା ମନୋବୃତ୍ତି ନେଇ ଅନ୍ୟମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇଲେ ତାହାକୁ ପୁଣ୍ୟକାର୍ଯ୍ୟ କୁହାଯାଇଥାଏ। ମନୁଷ୍ୟର ସେବା ଓ ଏକାଗ୍ରତା ତାହାର ମଣିଷତ୍ୱର ପୂର୍ଣ୍ଣତା, ସେବା ଓ ବିକାଶ ବୋଲି କୁହାଯାଇଥାଏ। ସେବା ମନୋବୃତ୍ତି ମନୁଷ୍ୟର ଏକ ଭଲ ଗୁଣ ଅଟେ। ଏହି ଗୁଣ କେହି କହିଦେଲେ ହୁଏ ନାହିଁ। ଏହା ନିଜର ସ୍ୱତଃ ପ୍ରବୃତ୍ତ ଗୁଣ ଅଟେ। ଅବଶ୍ୟ ମନୁଷ୍ୟ ଏହା ନିଜ ନିଜ ପରିବାର, ସମାଜ ତଥା ରାଷ୍ଟ୍ରର ଆଦର୍ଶରୁ ଅନୁପ୍ରାଣିତ ହୋଇ ନିଜର ପ୍ରକୃତିକୁ ଭଲ କାର୍ଯ୍ୟରେ ଲଗାଇବା ପାଇଁ ଆଦରି ଥାଏ। ସେବାକାର୍ଯ୍ୟ ମାଧ୍ୟମରେ ମନୁଷ୍ୟ ବହୁ ଶାନ୍ତି ମଧ୍ୟ ପାଇଥାଏ। ଏହି ସେବାକାର୍ଯ୍ୟ ମାଧ୍ୟମରେ ସେ କରିଥିବା ପାପକାର୍ଯ୍ୟର କିଛି ପ୍ରାୟଶ୍ଚିତ୍ତ ହେଲା ବୋଲି ଭାବିଥାଏ। ନିଜର ଏକାଗ୍ର ମନୋଭାବ ଯୋଗୁଁ ମନୁଷ୍ୟ ତା'ର କାର୍ଯ୍ୟରେ ସଫଳତା ପାଇ ଶିଖର ସ୍ଥାନରେ ପହଞ୍ଚିପାରିଥାଏ। ଯେଉଁ ମନୁଷ୍ୟ ମନରେ ଏକାଗ୍ରତା ନ ଥାଏ, ସେ ତା'ର କୌଣସି କାର୍ଯ୍ୟରେ ପୂର୍ଣ୍ଣ ସଫଳତା ପ୍ରାପ୍ତି କରିନଥାଏ। କାର୍ଯ୍ୟରେ ପୂର୍ଣ୍ଣ ସଫଳତା ପାଇବା ପାଇଁ ଏକାଗ୍ର ମନୋଭାବ ନିହାତି ଆବଶ୍ୟକ ହୋଇଥାଏ। ମନୁଷ୍ୟ ଯେ କୌଣସି କାର୍ଯ୍ୟ କରୁ ନା କାହିଁକି ସେହି କାର୍ଯ୍ୟ କରିବାରେ ନିଷ୍ଠା ଓ ଏକାଗ୍ର ମନୋଭାବ ରହିବା ନିହାତି ଆବଶ୍ୟକ ହୋଇଥାଏ।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
କନସର, ଦେଓଗଡ

# କନ୍ୟା

**ସ୍ନେହା କାଙ୍ଗାଡ଼ୀ**
ଦଶମ



କନ୍ୟା ସନ୍ତାନ ଯେ ଅଟେ ପୁଣ୍ୟ ଫଳ
ସବୁରି ଭାଗ୍ୟରେ ନାହିଁ,
ଯା'ର ଭାଗ୍ୟେ ନାହିଁ ତାହାର ମହତ୍ତ୍ୱ
ବୁଝି ପାରିବେନି କେହି।

ପ୍ରଭୁ ନିର୍ଦ୍ଦେଶରେ କନ୍ୟା ରତ୍ନଟିଏ
ଯା ଘରେ ଜନମ ନିଏ,
ମମତା ଡୋରିରେ ସମସ୍ତଙ୍କୁ ବାନ୍ଧି
ଆନନ୍ଦରେ ଭରି ଦିଏ।

ଘରକାମ ପାଇଁ ମାଆଙ୍କୁ ସର୍ବଦା
ଝିଅ ହିଁ ସାହାଯ୍ୟ ଦିଏ,
ପ୍ରେମ-ଦୀପ ଜାଳି ପର ଘର ପୁଣି
ଆଲୋକିତ କରିଥାଏ।

ଝିଅର ସଂପର୍କ ବାପା ମାଆ ସାଙ୍ଗେ
ରହିଥାଏ ନିବିଡ଼ରେ,
ଏ ମାୟା ସଂସାରେ ବାନ୍ଧି ରଖେ ସିଏ
ସମସ୍ତଙ୍କୁ ହୃଦୟରେ।

କନ୍ୟାଦାନ ଏକ ମହାପୁଣ୍ୟ ଅଟେ
ପୂର୍ବ କର୍ମ ଫଳ ସେହି,
ଦୁଃଖ ବୁଝିବାକୁ ଝିଅ ସିନା ଥାଏ
ପାଖେ ପାଖେ ବସି ରହି।

ଝିଅ ତ ଦୁହିତା ଦୁଇ କୁଳ ହିତା
ପୂଜା ପାଏ ଜଗତରେ,
ପୁଅ ପରି ଝିଅ ହେଉ ଗ୍ରହଣୀୟ
ରହିଥାଉ ହୃଦୟରେ।

ସରକାରୀ (ଏସ୍.ଏସ୍.ଡି) ଉଚ୍ଚ ବିଦ୍ୟାଳୟ,
ଦେଓକରଣପୁର, ସୁନ୍ଦରଗଡ଼

# ବନାନୀର ଶେଷ ସ୍ୱର

**ରଞ୍ଜିତା ମାର୍ଣ୍ଡି**
ଦଶମ

ଅପରାହ୍ନର ସୂର୍ଯ୍ୟ କିରଣ ଗଛର ପତ୍ର ଦେଇ ଝରକା ବାଟେ ଘର ଭିତରକୁ ଆସୁଥିଲା । ଏହି କିରଣ ଝିଅ ମୁହଁରେ ପଡ଼ିବାରୁ ସେ ହଠାତ୍ ନିଦରୁ ଉଠିଗଲା । ତା'ର ଆଖି ସାମ୍ନାରେ ଦେଖାଯାଉଥିଲା ଗୋଟିଏ ନୀରବ ପରିବେଶ ।ସମୟ ସହ ଏହି ପରିବେଶର ବହୁତ ପରିବର୍ତ୍ତନ ହୋଇଛି, ଯାହା ତା'କୁ ବହୁତ କଷ୍ଟ ଦେଉଥିଲା । ଥରେ ସେ ଏହି ପରିବେଶର ଚମକ  ଓ ଜୀବନ ଦେଖିଥିଲା, କିନ୍ତୁ ଏବେ ସବୁ ଅଲଗା ।

କଥାଟା ମନେ ପକାଇ ସେ ଚିନ୍ତା କରୁଥିଲା ଛୋଟବେଳେ ତାଙ୍କ ଘର ପାଖରେ ଏକ ଛୋଟ ଜଙ୍ଗଲ ଥିଲା । ସେହି ଜଙ୍ଗଲରେ ବହୁତ ପକ୍ଷୀ ଗୀତ ଗାଉଥିଲେ । ସେଠାରେ ପବନ ଏତେ ଶୀତଳ ଥିଲା ଯେ ମନକୁ ଶାନ୍ତ କରିଦେଉଥିଲା । ଆଉ ସେ ଜଙ୍ଗଲରେ ଥିବା ଝରଣାର କୁଳୁକୁଳୁ ଶବ୍ଦ ଆଜି ବି ତା'ର ମନରେ ଅଛି । ସେତେବେଳେ ଜଙ୍ଗଲର ସବୁଜିମା ପରି; ଜୀବନ ଖୁବ୍ ସହଜ, ସୁନ୍ଦର ଓ ସରଳ ଥିଲା ।



ଏହି ସବୁ କଥା ଚିନ୍ତା କରି ତା'ର ମନ ଭାରି ହେଇଆସୁଥିଲା। ସେ ଅତୀତକୁ ଫେରିଯିବାକୁ ଚାହୁଁଥିଲା ଯେଉଁଠି ପରିବେଶ ଏତେ ସୁନ୍ଦର ଥିଲା। ବର୍ତ୍ତମାନର ଦୃଶ୍ୟକୁ ଦେଖି ତା'ର ହୃଦୟରେ ଦୁଃଖ ଭରି ଯାଉଥିଲା। ସବୁଜିମା ସବୁ ହଜି ଯାଇଛି, ପକ୍ଷୀମାନଙ୍କ ଗୀତ ଆଉ ଶୁଭୁ ନାହିଁ। ଏହି ସବୁ ଦେଖି ତାକୁ ଲାଗୁଥିଲା ଯେପରି ପ୍ରକୃତିର ହୃଦୟ ଚିରୁଡ଼ା ଚିରୁଡ଼ି ହୋଇଯାଇଛି।

ସେ ଉଠି ଝରକା ପାଖରେ ବସିଲା। ବାହାରକୁ ଚାହିଁ ଦେଖିଲା ବେଳକୁ ତାକୁ କେବଳ ଧୂଆଁମୟ ଆକାଶ ଦେଖାଯାଉଥିଲା। ସହରର ଉନ୍ନତି ପାଇଁ ଗଛ ସବୁ କାଟି ଦିଆଯାଇଥିଲା, ନଦୀରେ ମଇଳା। ସବୁ ପକାଇ ନଦୀକୁ  ପ୍ରଦୂଷିତ କରିଦିଆଯାଇଥିଲା। ଏହି କଥା ତା'ର ମନକୁ ବହୁତ କଷ୍ଟ ଦେଲା।

ସେ ଭାବିଲା, କାହିଁକି ଆମେ ଏତେ ସ୍ୱାର୍ଥପର ହୋଇଗଲୁ ? ଆମେ ଯେଉଁ ପରିବେଶରୁ ସବୁକିଛି ପାଇଛୁ, ତାକୁ ହିଁ କାହିଁକି ଏତେ ନଷ୍ଟ କରିଦେଉଛୁ ? ଆଜି ଯଦି ଆମେ ସବୁ କିଛି ବଦଳାଇ ପାରିବା ନାହିଁ, ତେବେ ଭବିଷ୍ୟତ କେମିତି ହେବ ?

ସେ ଭାବିବା ଆରମ୍ଭ କଲା। ଯଦି ସେ ଏହି ସବୁ ନଷ୍ଟ ହେଉଥିବା ଜିନିଷକୁ ବଦଳାଇ ପାରନ୍ତା, ସର୍ବପ୍ରଥମେ ସେ ଛୋଟ ପିଲାଙ୍କୁ ବୁଝାଇଥାନ୍ତା ଯେ ପରିବେଶକୁ କିପରି ସୁରକ୍ଷିତ ରଖିବା। ପୁଣି ସେ ବଡ଼ ଲୋକଙ୍କୁ ବୁଝାଇଥାନ୍ତା ଯେ ବହୁତ ଉନ୍ନତି କରିବା ଠାରୁ ସ୍ଥାୟୀ ବିକାଶ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ।

ତା'ମନରେ ଏକ ନୂଆ ଆଶା ଜାଗ୍ରତ ହେଲା। ସେ ଜାଣିଥିଲା ଯେ ଏହା ଏକ କଷ୍ଟକର ରାସ୍ତା, କିନ୍ତୁ ସେ ହାର ମାନିବାକୁ ଚାହୁଁ ନ ଥିଲା। ସେ ଏହି ସବୁକୁ ବଦଳାଇବାକୁ ଚାହୁଁଥିଲା, ନିଜର ହାତରେ। ଏହି ଇଚ୍ଛାକୁ ନେଇ ସେ ନୂଆ ଭାବନାରେ ଆଗକୁ ବଢ଼ିଲା। ବୁଝିପାରୁଥିଲା ଯେ ଏହା ବନାନୀର ଶେଷସ୍ୱର ନୁହେଁ ବରଂ ଏକ ନୂଆ ଯୁଗର ଶୁଭାରମ୍ଭ।

ପି.ଏମ୍. ଶ୍ରୀ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଅସନଯୋଡା, ମୟୁରଭଞ୍ଜ

ଠ❖ଠ

ଯଦି ତୁମ ଲକ୍ଷ୍ୟ ତୁମକୁ ଡରାଉ ନାହିଁ,
ତେବେ ତୁମର ଲକ୍ଷ୍ୟ ବଡ଼ ନାହିଁ।

– ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

# SUCCESS

**Sibani Singh**
9th

Read but write more
Talk but think more
Play but study more
You will succeed I am sure.
Eat but chew more
Weep but Iaugh more
Sleep but work more
You will succeed I am sure.
Punish but pardon more
Spend but save more
Consume but produce more
You will succeed I am sure.
Hate but love more
Speak but listen more
Quarrel but praise more
You will succeed I am sure.

Govt. (SSD) Girl's High School,
Baishnabhabandha, Balasore

❍❖❍

# ବୃକ୍ଷର ଅଭିଶାପ

**ସୁମଲିତା ରଉତ**
ଦଶମ



ଛୋଟିଆ ଗାଁକୁ ଲାଗି ଘଂଚଜଙ୍ଗଲ ଥିଲା । ସେହି ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଅର୍ଥାତ୍ ଶାଳ, ପିଆଶାଳ, ଆମ୍ବ, ବର, ପଣସ ଇତ୍ୟାଦି ଗଛ ଥିଲା । ପ୍ରତିଦିନ କାଠୁରିଆମାନଙ୍କ କାଠ ହାଣିବା ଶବ୍ଦରେ ଜଙ୍ଗଲ କମ୍ପିଉଠେ । ସନ୍ଧ୍ୟା ହେଲାବେଳକୁ ଅନେକ ବୃକ୍ଷ ଧରାଶାୟୀ ହୁଅନ୍ତି । ଧାରୁଆ ଉପକରଣରେ ବଲ୍କଳକୁ କାଟିବା ଦ୍ୱାରା ରସ ଝରିଝରି ଯାଉଥାଏ । ବୃକ୍ଷର ଶରୀର ଦେଖିଲେ କଷ୍ଟ ଲାଗୁଥାଏ । ବୃକ୍ଷଟିର କିଛି ଦିନ ପରେ ମୃତ୍ୟୁ ହୁଏ । ଏହିପରି ସବୁ ବୃକ୍ଷ ନଷ୍ଟ ହେବାକୁ ଲାଗିଲେ । ଏହି ସବୁ ଦୃଶ୍ୟ ଅନ୍ୟ ବୃକ୍ଷମାନେ ଦେଖି ଚିନ୍ତାଗ୍ରସ୍ତ ହୋଇ ମନୁଷ୍ୟର ଅତ୍ୟାଚାର ଅସହ୍ୟ ହେବାରୁ ସେମାନେ ପରସ୍ପର ସହ ପରାମର୍ଶ କଲେ ।

ପ୍ରଥମେ ଶାଳ ଗଛ କହିଲା "ଭାଇମାନେ ଆମ ବଂଶ ଲୋପ ହୋଇଗଲାଣି । ହାତ ଗଣତି ଗଛ ଆମ ବଂଶରେ ଅଛି । ସବୁ ବୃକ୍ଷ ମିଶି ଗୋଟିଏ ଜରୁରୀ ବୈଠକ ଡାକିବା ଚିନ୍ତା ପ୍ରକଟ କଲେ ଏବଂ କାଠୁରିଆମାନଙ୍କୁ ବୃକ୍ଷ ନ କାଟିବା ନିମନ୍ତେ ନିବେଦନ ପାଇଁ ସଭାରେ ସ୍ଥିର ହେଲା । ସଭା ସମାପ୍ତ ହେଲା

କିନ୍ତୁ ଚିନ୍ତା ରହିଥିଲା । ପୁଣି ଦିନେ ଦଳେ କାଠୁରିଆ ଆସି ଗଛ କାଟିବାକୁ ଲାଗିବାରୁ ପାଖରେ ଥିବା ଗଛମାନେ କହିଲେ- "ଆମକୁ କାହିଁକି ଏଭଳି ନିର୍ମମ ହତ୍ୟା କରୁଛ ? ଆମବଂଶ ନିପାତ ପରେ ତୁମେ କ'ଣ କରିବ" ? ତଥାପି ସେମାନେ କର୍ଣ୍ଣପାତ ନ କରି ହାଣି ଚାଲିଲେ । ଗୋଟିଏ ଶହେ ବର୍ଷର ଆମ୍ବଗଛ ଧରାଶାୟୀ ହେବାର ଦେଖି ଅନ୍ୟ ବୃକ୍ଷମାନେ ମନସ୍ତାପ କଲେ। ବୃଦ୍ଧ ବୃକ୍ଷର ପୁଅ ଉଠି କାଠୁରିଆମାନଙ୍କୁ ଅଭିଶାପ ଦେଲା। "ହେ ମନୁଷ୍ୟ ଜାତି ଅକାଳରେ ଆମକୁ ମୃତ୍ୟୁ ଦଣ୍ଡ ଦେଉଛ। ଦିନ ଆସିବ ସବୁଜିମା ହଜିଯିବା ସହିତ ବର୍ଷା ବନ୍ଦ ହେବ। ଆମେ ଯେମିତି ବୁକୁ ଫଟାଇ କାନ୍ଦୁଛୁ ତମେ ସେହିପରି କାନ୍ଦିବ"। ଏହା ଶୁଣି କାଠୁରିଆମାନେ ଅନୁତପ୍ତ ହୋଇ ଗଛମାନଙ୍କୁ କ୍ଷମା ପ୍ରାର୍ଥନା କଲେ। ଗଛ କହିଲା - "ନା; ଜମା ନୁହେଁ"। କାଠୁରିଆମାନେ ନେହୁରା ହୋଇ କହିଲେ- "ଆମ ଭୁଲ୍ ପାଇଁ ସମଗ୍ର ଜୀବଜଗତ କାହିଁକି ନଷ୍ଟ ହେବ। ତା ପରେ ଗଛଟି କହିଲା ତମେ ଯେତେ ଗଛ କାଟିଛ, ତାର ଦଶଗୁଣ ଗଛ ଲଗାଇ ଯତ୍ନ କଲେ ଜୀବଜଗତ ରକ୍ଷା ପାଇବ"। କାଠୁରିଆମାନେ ନୂଆ ଗଛ ଲଗାଇ ସେ ସବୁର ଯତ୍ନ ନେବାରୁ ଜଙ୍ଗଲର ସବୁଜିମା ପୁଣିଥରେ ଫେରିଆସିଲା।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,
ଟିପିସିଂ, ଗଜପତି

○❖○



ବାଦଲ ସଉରା, ଶ୍ରେଣୀ ଅଷ୍ଟମ, EMRS, କଙ୍ଗା

# MY DEAR SCHOOL

**Priyabrata Mirdha**
10th

Every Morning, I come to you
with smiling friends & skies so blue
Teachers guide me all the way
It makes me  bright everyday.

My dear School, My happy Place
Full of love & warm embrace
Where I learn & where I grow
My dear School, I love You.

In your rooms, my dreams take flight
You fill my world with hope & light
Memories sweet, foreever true,
My heart becomes happy  here with you.

My dear School, my happy place
Full of love & warm embrace
Where I learn & where I grow
My dear School, I love you So.

*Govt.  (SSD) High School,*
*Phulamba, Angul*

❍❖❍



ରାହୁଲ ମୁର୍ମୁ, ଶ୍ରେଣୀ : ଦଶମ, ସରକାରୀ (ଏସ୍.ଏସ୍.ଡି) ଉଚ୍ଚ ବିଦ୍ୟାଳୟ, କୋଣାର୍କ

# କୋହ୍ଲ ଜାତିର ସଂସ୍କୃତି ଓ ପରମ୍ପରା

**ପ୍ରମୋଦିନୀ ସିଂ**
ନବମ

ଓଡ଼ିଶାରେ ବିଭିନ୍ନ ଜାତିର ଲୋକେ ବାସ କରନ୍ତି। ତନ୍ମଧ୍ୟରୁ ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ସହ ଓଡ଼ିଆ ଭାଷାର ନିଜସ୍ୱ ଲିପି ରହିଛି। ତେଣୁ ଓଡ଼ିଶାରେ ଓଡ଼ିଆ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

କିନ୍ତୁ ଆମ ରାଜ୍ୟର କେତେକ ସ୍ୱତନ୍ତ୍ର ସଂପ୍ରଦାୟର ଅଧିବାସୀ ମଧ୍ୟ ବାସ କରୁଛନ୍ତି।

ଓଡ଼ିଶା ଏକ ପର୍ବପର୍ବାଣି ଭରା ରାଜ୍ୟ। ଏଠାରେ ପ୍ରତି ମାସ ଏବଂ ପ୍ରତି ଋତୁ ନିଜସ୍ୱ ପର୍ବ ଓ ଉତ୍ସବ ନେଇ ଖୁସିର ପରିବେଶ ସୃଷ୍ଟି କରିଥାଏ । ସେହିପରି ଗ୍ରାମ୍ୟ ଅଞ୍ଚଳରେ ପାଳିତ ହେଉଥିବା ଏକ ବିଶେଷ ପର୍ବ ହେଉଛି କୋହ୍ଲ ପର୍ବ।

କୋହ୍ଲ ଆଦିବାସୀମାନେ ଚାଷବାସ କରି ଜୀବିକା ନିର୍ବାହ କରିଥାନ୍ତି। କୃଷି ହେଉଛି କୋହ୍ଲମାନଙ୍କର ପ୍ରଧାନ କାର୍ଯ୍ୟ। ଏହି ଅଧିବାସୀମାନଙ୍କର ଘର ସାଧାରଣତଃ କାଠ, ବାଉଁଶ ଓ ମାଟିରେ ତିଆରି ହୋଇଥାଏ। ବିଭିନ୍ନ ରଙ୍ଗର ଚିତ୍ର ଆଙ୍କି ସେମାନେ ଘରର କାନ୍ଥକୁ ସୁସଜ୍ଜିତ କରିଥାନ୍ତି। ସେମାନେ ପିନ୍ଧୁଥିବା ଗହଣା, ହାଣ୍ଡି, ପାଣିପାତ୍ର ପରି ବ୍ୟବହାର କରୁଥିବା ଜିନିଷ, ଆଙ୍କୁଥିବା ଚିତ୍ର ଆଦିରେ ବିଶେଷତ୍ୱ ଅଛି। ଏସବୁ ସେମାନଙ୍କର କଳା ଓ ସଂସ୍କୃତିର ପରିଚୟ ଦିଏ।

କୋହ୍ଲମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ଏହି ପର୍ବଗୁଡ଼ିକ କୋହ୍ଲ ଜାତିର ମଙ୍ଗଳକାମନା ନିମନ୍ତେ ପାଳନ କରାଯାଇଥାଏ। ପରସ୍ପର ପ୍ରତି ସ୍ନେହ ମମତା ଭ୍ରାତୃତ୍ୱଭାବ ଓ ଏକତାର ସହାୟକ ଏହି ପର୍ବ। ଏହି ପର୍ବଗୁଡ଼ିକରେ ପ୍ରକୃତି ଓ ପୂର୍ବଜମାନଙ୍କୁ ଦେବତା ରୂପେ ପୂଜାଅର୍ଚ୍ଚନା କରାଯାଏ। ଏହା ଆଦିବାସୀମାନଙ୍କର ପର୍ବପର୍ବାଣି, ପ୍ରକୃତି ଓ କୃଷି ସହ ଗଭୀର ଭାବେ ଜଡ଼ିତ। ମାଗେ ପର୍ବ, ବା' ପର୍ବ, କରମ ପର୍ବ, ସୋହରାଇ ପର୍ବ ମୁଖ୍ୟ ପର୍ବ ଅଟେ।

### ମାଗେ ପର୍ବ

ଏହା କୋହ୍ଲ ଆଦିବାସୀମାନଙ୍କର ସବୁଠାରୁ ବଡ଼ ପର୍ବ । ଏହି ପର୍ବ ଜାନୁୟାରୀ-ଫେବୃୟାରୀ ମାସରେ ପାଳନ କରାଯାଏ। ଏହି ପୂଜା ମାଟି ମା'କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପାଳିତ ହୋଇଥାଏ। ଏହି ପର୍ବରେ ଧର୍ତି ମାଇ (ମାଟି ଦେବୀ) ଓ ପୂର୍ବଜ ଆତ୍ମାମାନଙ୍କୁ ପୂଜା କରାଯାଏ।

ଗୀତ, ନୃତ୍ୟ, ଢୋଲ, ମାଦଲ ବାଜା ସହ ସମସ୍ତ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। କେତେକ ସୁନ୍ଦର ଗୀତ ମାଟି ମା ଏବଂ କୋହ୍ଲ ଜାତିମାନଙ୍କ ଉଦ୍ଦେଶ୍ୟରେ ଗାନ କରିଥାନ୍ତି। ଯଥା –

"ନେନ୍ ଦିନ୍‌ରେ ଆବୁଏଃ ମାଗେ ପରବ
ମାଗେ ପୁନାଇ ଚାଣ୍ଡୁଃରେ
ଆବୁ ଦିଃଶୁମ୍‌ରେନ୍ ହାଗାମିସିକ
ତାଃହିନପେ ରାଁସାଃରେ।"

## ବା' ପର୍ବ

ଏହି ପର୍ବ ବସନ୍ତ ଋତୁରେ ପାଳିତ ହୋଇଥାଏ। ଏହି ପର୍ବରେ ଗ୍ରାମଦେବୀ, ଜଳଉତ୍ସ, ଚତୁଃପାର୍ଶ୍ୱସ୍ଥ ପାହାଡ଼କୁ ନିବେଦନ ଜଣାଇ ତାଙ୍କୁ ସନ୍ତୁଷ୍ଟ କରାନ୍ତି। ପୃଥିବୀକୁ ଦେଇଥିବା ନୂତନ ବେଶକୁ ଆପଣେଇ ନେବା ଏହି ପୂଜାର ମୂଳ ଉଦ୍ଦେଶ୍ୟ।

## ସୋହରାଇ ପର୍ବ

ଏହି ପର୍ବ ମୁଖ୍ୟତଃ ପଶୁ ଓ ଫସଲ ସହିତ ସମ୍ବନ୍ଧିତ ଅଟେ। ଗୃହପାଳିତ ପଶୁମାନେ ଆମର ଏକାନ୍ତ ଉପକାରୀ ଅଟନ୍ତି। ସେମାନଙ୍କର ମୂଲ୍ୟ ଆମେ କେବେହେଲେ ଶୁଝିପାରିବା ନାହିଁ। ତେଣୁ ସେମାନଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଏ।

## ଉପସଂହାର

କୋହ୍ଲ ପର୍ବ ମାନବ ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟର ପ୍ରତୀକ। ଏହି ପର୍ବ ଆମକୁ ଶିଖାଏ ଯେ, ପ୍ରକୃତି ଦେଇଥିବା ଦାନ ପାଇଁ ଆମେ ଋଣୀ ଓ କୃତଜ୍ଞ ରହିବା ଉଚିତ୍। ଏହା ସମାଜର ଏକତା, ଭାତୃତ୍ୱ ଓ ସହଯୋଗ ଭାବନା ବୃଦ୍ଧି କରେ।

କୋହ୍ଲ ଜନଜାତିର ପର୍ବ ଓଡ଼ିଶାର ଗ୍ରାମ୍ୟ ସଂସ୍କୃତିର ଜୀବନ୍ତ ପରିଚୟ। ଏହା କେବଳ ପର୍ବ ନୁହେଁ, ଏକ ସାମାଜିକ ଉତ୍ସବ, ଯେଉଁଥିରେ ମାନବ ଏବଂ ପ୍ରକୃତି ମିଶି ଖୁସିର ଉତ୍ସବ ପାଳନ କରିଥାନ୍ତି।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ତେଲିପାଳ, ବାଲେଶ୍ୱର

# Our Dear Mother Earth

**Pradeep Majhi**
8th

Mother Earth is big and round
So much beauty can be found
Green tall trees and skies so blue
She gives us life and water too.

Mountains, rivers, fields so wide
Animals and plants abide
She gives us food, she gives us air,
Her love and care are always there.

Let's not hurt her, keep her clean
Protect her grass, her lakes so green
If we care for her each day
She will smile in every way.

So let's plant trees and save the land
Work together, hand in hand.
She is our home, both yours and mine
Let's make her happy, safe and fine.

Govt. (SSD) High School,
Kauguda, Kalahandi

❍❖❍




# ଦିଗହରା ଓଡ଼ିଆ ସଂସ୍କୃତି

**ମାଳତୀ ମାଝୀ**
ଦଶମ

ମଣିଷର ଜୀବନଧାରା ଆଜି ପରିବର୍ତ୍ତିତ। ପୁରାଣ ଯୁଗରେ ମୁନି,ଋଷି,ତପସ୍ୱୀ, ସାଧୁସନ୍ଥମାନେ ଯେଉଁ ମହାନ୍ ସଂସ୍କୃତିର ପ୍ରତିଷ୍ଠା କରିଥିଲେ ତାହା ଆଜି ନଷ୍ଟ ହେବାକୁ ଯାଉଛି। ଆମ ଚତୁର୍ଦିଗରେ ପାଶ୍ଚାତ୍ୟ ସଭ୍ୟତାର ଗନ୍ଧ। ଚତୁପାର୍ଶ୍ୱରେ ବିଛେଇ ହୋଇଯାଇଛି ପାଶ୍ଚାତ୍ୟ ସଂସ୍କୃତି । ଓଡ଼ିଆ ସଂସ୍କୃତିର ସାବଲୀଳତା ଓ କୋମଳତା କୁଆଡ଼େ ଉଭେଇ ଯାଇଛି ।

ଗତିଶୀଳ ସମାଜ ପାଇଁ ଓଡ଼ିଆ ସଂସ୍କୃତି ଆଜି ପ୍ରଶ୍ନବାଚୀ ରୂପେ ଦଣ୍ଡାୟମାନ। ଓଡ଼ିଆ ସଂସ୍କୃତି ବିଲୁପ୍ତ ହେବାକୁ ବସିଲାଣି । ଓଡିଶାବାସୀ ନିଜ ସଂସ୍କୃତିକୁ ଛାଡ଼ି ଅନ୍ୟର ସଂସ୍କୃତିକୁ ଆଦରି ନେଇଛନ୍ତି । ଓଡ଼ିଆ ସଂସ୍କୃତି ବିଷୟରେ ଯଦି ଟିକିଏ ଚିନ୍ତା କରିବା ତେବେ ଜାଣିପାରିବା ଏହାର ଅବକ୍ଷୟ କାହିଁକି ଓ କିପରି ଘଟୁଛି ।

ଯଦି ଦଶ ଜଣ ଛାତ୍ରଙ୍କୁ ଓଡ଼ିଆ ନବବର୍ଷ କେବେ ବୋଲି ପଚାରାଯାଏ ତେବେ ବୈଶାଖ ମାସର ପ୍ରଥମ ଦିନ ଅର୍ଥାତ୍ ପଣା ସଂକ୍ରାନ୍ତି ବୋଲି ଉତ୍ତର ଆସିବା କଷ୍ଟକର। ଆହୁରି ମଧ୍ୟ ଯଦି ଓଡ଼ିଆର ବାର ମାସର ନାମ ପଚରାଯାଏ ତେବେ ପ୍ରଶ୍ନ ନ ସରୁଣୁ ଇଂରାଜୀ ମାସଗୁଡ଼ିକର ନାମ ଉତ୍ତର ଆକାରରେ ଆସିଯିବ ।



ଆମେ ଓଡ଼ିଆ ହୋଇ ଏ ସବୁ ପ୍ରଶ୍ନର ଉତ୍ତର ନ ଦେଇପାରିବା କ'ଣ ଲଜ୍ଜାକର କଥା ନୁହେଁ କି ? ଅଧୁନା ଓଡ଼ିଆ ନବବର୍ଷ ବଦଳରେ ଆମେ ଇଂରାଜୀ ନବ ବର୍ଷ ପାଳନ କରୁଛୁ। ଅବସର ସମୟରେ ଟିଭି, ଭିଡ଼ିଓ ଦେଖି ସମୟ ଅତିବାହିତ କରୁଛୁ। ଓଡ଼ିଶୀ ଗୀତ ଓ ଭଜନ ପ୍ରତି ଆଦର ହ୍ରାସ ପାଉଥିବା ସ୍ଥଳେ ଅତ୍ୟାଧୁନିକ ଗୀତ ଓ ଡ୍ୟାନ୍ସର ଆଦର ବଢୁଛି । ଆଗ କାଳରେ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା । ଭାଗବତ ପଢ଼ା ଯାଉଥିଲା କିନ୍ତୁ ଆଜି ସେ ସବୁ ବଦଳରେ କ୍ଲବ୍ ଘରମାନ ସ୍ଥାପନ କରାଯାଉଛି। ପୂଜାମଣ୍ଡପ ଗୁଡ଼ିକରେ ଭକ୍ତିହୀନ ସଂଗୀତ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ସାଜସଜାରେ ପୂଜାପାଠ ଚାଲିଛି। ଠାକୁରଙ୍କୁ ବିସର୍ଜନ ସମୟରେ ଯେଉଁ ହରିବୋଲ ଧ୍ୱନି ଏବଂ ଠାକୁରଙ୍କ ନାମ ଗାନ କରି ବିସର୍ଜନ କରାଯାଉଥିଲା ତାହା ଏବେ ଆଧୁନିକ ଗୀତ, ଡ୍ୟାନ୍ସ ଆଦି ମାଧ୍ୟମରେ କରାଯାଉଛି। ଏଥିରୁ ଦେବାଦେବୀଙ୍କ ପ୍ରତି ମଣିଷର କେତେ ମାତ୍ରାରେ ଭକ୍ତିର ହ୍ରାସ ଘଟିଲାଣି ଅନୁମାନ କରିହେବ। ଶ୍ରବଣ କୁମାର ନିଜ ପିତାମାତାଙ୍କୁ ବାହୁଙ୍ଗିରେ କାନ୍ଧେଇ ତୀର୍ଥ ଭ୍ରମଣ କରାଇଥିଲେ ମାତ୍ର ଆଜିର ପିଲାମାନେ ମାଆବାପାଙ୍କ କଥା ମାନିବାକୁ କୁଣ୍ଠାବୋଧ କରୁଛନ୍ତି। "ମାଆ"ଶବ୍ଦର କୋମଳତା ଏବଂ "ବାପା" ଶବ୍ଦର ସରଳତା କୁଆଡ଼େ ଉଭେଇ ଯିବାକୁ ବସିଲାଣି। ଆଜିକାଲିର ପିଲାଏ ମାଆକୁ 'ମମି' ବାପାକୁ 'ଡାଡି' ଡାକିଲେଣି। ଜନ୍ମଦିନମାନଙ୍କରେ ଦୀପ ବା ମହମବତି ଲିଭାଇ କେକ୍ କଟାଯାଉଛି । ଯଦି ଏ ବିଷୟରେ ଟିକେ ଚିନ୍ତା କରାଯାଏ, ତେବେ ଜାଣିପାରିବା ଜନ୍ମଦିନରେ ଆମେ ଜଣଙ୍କର ସୁଦୀର୍ଘ ଜୀବନ କାମନା କରି ଠାକୁରଙ୍କୁ ପ୍ରାର୍ଥନା କରି ଦୀପ ଜଳାଇବା ପରିବର୍ତ୍ତେ ଦୀପ ଲିଭେଇବା କେତେ ଦୂର ଯୁକ୍ତି ସଂଗତ ହୋଇପାରେ ?

ଓଡ଼ିଆ ସଂସ୍କୃତି କଥା ବିଚାର କଲେ ଦେଖିବା ଆମ ସଂସ୍କୃତି ପଛରେ ରହିଛି ମହତ ଉଦ୍ଦେଶ୍ୟ ଏବଂ କେତେକ କ୍ଷେତ୍ରରେ ରହିଛି ବୈଜ୍ଞାନିକ ସତ୍ୟ । ଧାର୍ମିକ ମତରେ କାର୍ତ୍ତିକ ମାସରେ ମାଛ ଖାଇବା କଥା ନୁହେଁ । ଏହାର ବୈଜ୍ଞାନିକ କାରଣ ହେଉଛି କାର୍ତ୍ତିକ ମାସରେ ପୃଥିବୀ ଓ ଚନ୍ଦ୍ରର ଆକର୍ଷଣ ଯୋଗୁଁ ମାଛମାନଙ୍କ ଦେହରେ ଏକ ପ୍ରକାର ରୋଗ ସୃଷ୍ଟି ହୁଏ । ଠାକୁରଙ୍କୁ ପୂଜା କଲାବେଳେ ଆମେ କପାଳରେ ଚନ୍ଦନ ଲଗାଉଛୁ, ଏହାର କାରଣ ହେଉଛି କପାଳରେ ଚନ୍ଦନ ଲଗାଇଲେ ମସ୍ତିଷ୍କ ଥଣ୍ଡା ରହେ ଏବଂ ମନକୁ ଦୁଃଶ୍ଚିନ୍ତା ଆସେ ନାହିଁ । ମନ ଠାକୁରଙ୍କ ପାଖରେ ଲାଗିରହେ । ସକାଳେ ତୁଳସୀ ଦେବୀଙ୍କୁ ପ୍ରଣାମ କରି ତାଙ୍କ ମୂଳରୁ ମାଟି ଆଣି ମୁଣ୍ଡରେ ଲଗାଇଲେ ଚନ୍ଦନ ପରି କାମ କରେ । ଆମେ ଶଙ୍ଖ ବଜାଇବା ଦ୍ୱାରା ଆମ ଚତୁଃପାର୍ଶ୍ୱରେ ଥିବା ଅନିଷ୍ଟକାରୀ ଅଣୁଜୀବାଣୁ ମରିଯାଆନ୍ତି। ଏସବୁ କଥା ଚିନ୍ତା କଲେ ଆମେ ଆମ ସଂସ୍କୃତି ଓ ପରମ୍ପରା ଠାରୁ ଦୂରେଇ ରହିବା ଉଚିତ ନୁହେଁ। ଆଧୁନିକ ସଭ୍ୟତାରେ ଚାରିତ୍ରିକ ବିଶୃଙ୍ଖଳା ସାଙ୍ଗକୁ ବିଭିନ୍ନ ଅଘଟଣ ନିତ୍ୟନୈମିତିକ କହିଲେ ଭୁଲ ହେବ ନାହିଁ । ତେବେ ଏସବୁ ପାଇଁ ଦାୟୀ କିଏ ? ପାଶ୍ଚାତ୍ୟ ସଭ୍ୟତା କିମ୍ବା ଅନ୍ୟ କିଛି ? ଏହି ପରିପ୍ରେକ୍ଷୀରେ ଆମ ମନରେ ଏକ ପ୍ରଶ୍ନ ଉଙ୍କିମାରେ। ଦିନେ ଆଧୁନିକ ସଭ୍ୟତାରୂପୀ କାଳ ସମୁଦ୍ରରେ ଆମ ସଂସ୍କୃତି ବିଲୀନ ହେବ ନାହିଁ ତ ?

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ବୈଷ୍ଣବ ବନ୍ଧ, ବାଲେଶ୍ୱର

ଠ❖ଠ

# ପରିଶ୍ରମ କରି ଗଢ଼ିବା ଦେଶ

ଲକ୍ଷ୍ମୀପ୍ରିୟା ରାଉତ
ନବମ



ଲଙ୍ଗଳ ଯୁଆଳି ବିଲେ ଥୋଇ ଦେଲେ
ଫସଲ ହୁଅନ୍ତା ଯେବେ,
ଏତେ ପରିଶ୍ରମ କରନ୍ତା କାହିଁକି
କୃଷକ ବାପୁଡ଼ା ତେବେ ?

ମାସିକ ଦରମା ପାଉଥାନ୍ତେ ବାପା
ଯେବେ ଘରେ ବସି ଶୋଇ,
ନିତି ଅଫିସ୍ କୁ ଯାଆନ୍ତେ କାହିଁକି
ଏତେ ତରତର ହୋଇ ?

ଚୁଲି ନ ଲଗାଇ ହେଉଥାନ୍ତା ଯେବେ
ଭାତ, ତରକାରି, ଭଜା,
ବୋଉ ତ ଆମର ଘରେ ବସି ବସି
କରୁଥାନ୍ତେ କେତେ ମଜା ।

ବହି କିଣି ଆଣି ଘରେ ଥୋଇଦେଲେ
ଆସୁଥାନ୍ତା ଯେବେ ପାଠ,
ପଢ଼ିବାକୁ ଆଉ ନ ଯାଇ ଆମେ ତ
କରୁଥାନ୍ତେ କେତେ ନାଟ ।

ଖାଇବା ଦରବ ଆପେ ଆପେ ଯେବେ
ପେଟକୁ ଯାଆନ୍ତା ଚାଲି,
ହାତ, ପାଟି ଦୁହେଁ ଏଇ କଥା ଦେଖି
ଝୁରି ହେଉଥାନ୍ତେ ଖାଲି ।

ପରିଶ୍ରମ ବିନା ହୋଇପାରି ନାହିଁ
କେବେ କେଉଁଠାରେ କାମ,
ପରିଶ୍ରମ କରି ଗଢ଼ିବା ଦେଶକୁ
ରଖିବା ତାହାର ନାମ ।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ବୋଡେନ, ନୂଆପଡ଼ା

୦❖୦

# ସେଇ ଦେଶେ ମୋର ଘର


**ସୁନାମଣି ବଦ୍ରା**
ଅଷ୍ଟମ

ସୁନେଲି କିରଣେ ଯେ ସପନ ଦେଶ
ଦିଶୁଥାଇ ଝଲମଲ,
ସେଇ ଦେଶ ମୋର ଏ ଭାରତ ଭୂଇଁ
ସେଇ ଦେଶେ ମୋର ଘର ।

ଧୀରେ ଧୀରେ ବାଆ ବହିଥାଏ ଯହିଁ
ଶିରି ଶିରି ଗୀତ ଗାଇ,
ଫଳ ଭାରେ ଡାଳ ନଇଁ ପଡୁଥାଏ
ବଣ ଭୂଇଁ କରି ଛାଇ ।

କେତେ ଭଲକାମ କରିବୁ ଆମେରେ
କଳହ ଦେବୁ ତୁଟାଇ,
ସବୁରି ଆଖିରୁ ଲୁହ ପୋଛି ଦେଇ
ମୁହଁରେ ହସ ଫୁଟାଇ ।

ଯେ ଦେଶ ଆକାଶେ ରବି ଶଶୀ ହସେ
ହସେ ପୁଣି କେତେ ତାରା,
ଯେ ଦେଶ ମାଟିରେ କଳ କଳ ସୁରେ
ବହେ ସୁଶୀତଳ ଧାରା ।



'ସୁଜଳା-ସୁଫଳା' ବୋଲି ଯଶ ପରା
ଏଇ ଦୁନିଆରେ ତା'ର,
ସେଇ ଦେଶ ମୋର ଅତି ଆପଣାର
ସେଇ ଦେଶେ ମୋର ଘର ।

ସରକାରୀ ଆଶ୍ରମ ବିଦ୍ୟାଳୟ,
ନୟାପଲ୍ଲୀ, ଖୋର୍ଦ୍ଧା

୦❖୦

ରାଜ୍ୟସ୍ତରୀୟ ସରଗିଫୁଲ୍ ୨୦୨୪ ଅବସରରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ସମାନ ବିଷୟ ଆଧାରିତ ସୃଜନଶୀଳ ଲିଖନୀ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନଙ୍କର ଲେଖାଗୁଡ଼ିକୁ ଏହିଠାରେ ଅନ୍ତର୍ଭୁକ୍ତ କରାଯାଇଛି।

# କ'ଣ ହୁଅନ୍ତା !

**ସଂଯୁକ୍ତା ପୂଜାରୀ,** ଅଷ୍ଟମ
(ପ୍ରଥମ ସ୍ଥାନ - କନିଷ୍ଠ ବର୍ଗ)

ବିଚିତ୍ର ଏ ସୃଷ୍ଟି, ବିଚିତ୍ର ତାର ଲୀଳା। ସବୁ ପୃଥିବୀକୁ ନିଜ ଚକ୍ରରେ ଘୂରାଉଛନ୍ତି ସ୍ୱୟଂ ଭଗବାନ ଏବଂ ଭଗବାନ ବିଭିନ୍ନ ପ୍ରକାରର ଜନ୍ମ ଦେଇଛନ୍ତି । ଯଥା:- ମଣିଷ, ପଶୁପକ୍ଷୀ, କୀଟପତଙ୍ଗ ଇତ୍ୟାଦି। ଏମାନଙ୍କ ଭିତରୁ ମନୁଷ୍ୟକୁ ହିଁ ସର୍ବଶ୍ରେଷ୍ଠ କରିଛନ୍ତି ଭଗବାନ। ତାକୁ କଥା କହିବାର ଶକ୍ତି ପ୍ରଦାନ କରିଛନ୍ତି। ତେଣୁ ଏ ପୃଥିବୀରେ ମନୁଷ୍ୟକୁ ଛାଡ଼ିଦେଲେ ଆଉ କୌଣସି ଜୀବ କଥା କହି ପାରିନଥାନ୍ତା। କିନ୍ତୁ ଏଠାରେ କୁହାଯାଇଛି ଏବଂ ବିଷୟବସ୍ତୁ ରହିଛି ଯଦି ମନୁଷ୍ୟ ଭଳି ପଶୁମାନେ ମଧ୍ୟ କଥା କହିଥାନ୍ତେ ତେବେ ସେମାନେ ଜଙ୍ଗଲରେ ନ ରହି ଗାଁ ରେ ବାସ କରିଥାନ୍ତେ। ଏମିତି ମଳ, ମୂତ୍ର, ପଚାସଢ଼ା ଜିନିଷ ନ ଖାଇ ଆମ ପରି ସେମାନେ ଭଲ ଖାଦ୍ୟ ଖାଇଥାନ୍ତେ। ମନୁଷ୍ୟ ଯଦି ତାକୁ ମାରିଥାନ୍ତା କି ପିଟିଥାନ୍ତା ତେବେ ସେମାନେ ପ୍ରତିବାଦ କରିଥାନ୍ତେ। ସମସ୍ତଙ୍କ ପରି ପଶୁମାନେ ମଧ୍ୟ ତାଙ୍କର ଗୋଟିଏ ସମାଜ ଗଢ଼ିଥାଆନ୍ତେ, ଗୋଟିଏ ରାଷ୍ଟ୍ର ନିର୍ମାଣ କରିଥାନ୍ତେ, ଗୋଟିଏ ଗୋଷ୍ଠୀ ନିର୍ମାଣ କରିଥାନ୍ତେ।

ସେମାନଙ୍କୁ ଆମେ ଏତେ ଯେଉଁ ଅତ୍ୟାଚାର କରୁଛୁ ସେମାନେ ନିଜ ଜୀବନ ସୁରକ୍ଷା ପାଇଁ ପ୍ରତିବାଦ କରିଥାନ୍ତେ। ଆମ ସହିତ, ଝଗଡ଼ା କରିଥାନ୍ତେ, ଆମକୁ ବିଭିନ୍ନ ପ୍ରକାର କ୍ଷତି ପହଞ୍ଚାଇ ଥାଆନ୍ତେ। କୁକୁର ଆଜି ଗାଆଁ ସହର - ସହର ବୁଲି ଲୋକଙ୍କ ଅଇଁଠା ଭାତ ଖାଉଛି, ଲୋକଙ୍କ ଢେଲା ପଥର ମାଡ଼ ଖାଉଛି, ସେ ଯଦି କଥା ହୁଅନ୍ତା ତେବେ ସେ ନିଜ କଥା ଦ୍ୱାରା ସେ ସବୁ ଅଟକାଇ ପାରିଥାନ୍ତା। ସେ ଟେକା ମାଡ଼ ଖାଇ ନ ଥାନ୍ତା। ଲୋକମାନଙ୍କର ଘରେ ଘରେ, ସାହି ସାହି ବୁଲିନଥାନ୍ତା।

ଯଦି ସବୁ କୁକୁର କଥା କହନ୍ତେ ତା'ହେଲେ ସେମାନେ ଗୋଟିଏ ଗୋଷ୍ଠୀ ତିଆରି କରିଥାନ୍ତେ। ସେମାନେ ମଧ୍ୟ ପାଠ ପଢ଼ିଥାନ୍ତେ। କାହା ଉପରେ ନିର୍ଭର ନ କରି ଖାଦ୍ୟ ପାଇଁ ନିଜ ଉପରେ ନିର୍ଭର କରିଥାନ୍ତେ। ଯେପରି ପୁଅ ଝିଅ ବଡ଼ ହେଲେ ନିଜ ବାପା ମାଆଙ୍କୁ ଛାଡ଼ି ନିଜ ହିସାବରେ ବଡ଼ ହେଉଛନ୍ତି ଠିକ୍ ସେମିତି ସେମାନେ ମଧ୍ୟ ବାପା ମାଆଙ୍କୁ ଛାଡ଼ି ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରିଥାନ୍ତେ। ନିଜେ ଖାଦ୍ୟ ପ୍ରସ୍ତୁତ କରିଥାନ୍ତେ। କିନ୍ତୁ କ'ଣ କରିବା ସେମାନେ ତ କଥା କହି ପାରୁନାହାନ୍ତି ! ତେଣୁ ଲୋକଙ୍କ ଉପରେ ନିର୍ଭର କରିବାକୁ ପଡୁଛି।

ଆମେ ଯେପରି ଘରଦ୍ୱାରକୁ ସଫାସୁତୁରା କରୁଛୁ ଠିକ୍ ସେହିପରି ସେମାନେ ମଧ୍ୟ ସେମାନଙ୍କର ପରିବେଶକୁ ସୁରକ୍ଷିତ ଏବଂ ସଫା ରଖିଥାନ୍ତେ। ଏପରି ଯଦି ପଶୁମାନେ ମଧ୍ୟ କରିଥାନ୍ତେ, ତାହେଲେ ସେମାନଙ୍କୁ କୌଣସି ପ୍ରକାର ରୋଗ ହୋଇନଥାନ୍ତା। ସମସ୍ତେ ସୁରକ୍ଷିତ ରହିଥାନ୍ତେ।

ଆମେ ଯେପରି ଆମର କଥା ଅନୁସାରେ ଅନ୍ୟକୁ ମନାଉଛୁ ଏବଂ କଥା ହେବା ପାଇଁ ମୋବାଇଲ ଫୋନ ବ୍ୟବହାର କରୁଛୁ ଠିକ୍ ସେହିପରି  ସେମାନେ ମଧ୍ୟ ଅନ୍ୟମାନଙ୍କ ସହିତ ଫୋନରେ କଥା ହେଇପାରିଥାନ୍ତେ।

ସେମାନଙ୍କ ମଧ୍ୟରେ ବି ଏମିତି ଭେଦ ଭାବ ରହିଥାନ୍ତା। ଯେମିତି ଆମ ପାଖରେ ରହିଛି। ସେମାନଙ୍କ ପାଖରେ ମଧ୍ୟ ଫୋନ ରହିଥାନ୍ତା। ଆମେ ଯେପରି ପର୍ବପର୍ବାଣି ପାଳନ କରୁଛୁ, ସେମାନେ ମଧ୍ୟ ଆମ ପରି କରିଥାନ୍ତେ। ସେମାନେ ଆମ ପରି ଖାଇଥାନ୍ତେ, ପିଇଥାଆନ୍ତେ, ଶୋଇଥାନ୍ତେ ଏବଂ ସଜେଇ ହୋଇଥାନ୍ତେ କିନ୍ତୁ ଏହା ହେଉଛି ଭଗବାନଙ୍କର ଲୀଳା। ହୀତା, ବାଘ, ଗାଈ, ଛେଳି, ମେଣ୍ଢା ଇତ୍ୟାଦି ପଶୁମାନେ ନିଜେ ପରିଶ୍ରମ କରି ନିଜେ ଖାଇଥାନ୍ତେ। ତାଙ୍କୁ ଯେତେବେଳେ ରୋଗ ହେଉଛି, ସେମାନେ ସେହିଠାରେ  ପଡ଼ି ନ ରହି ଡାକ୍ତରଖାନାକୁ ଯାଆନ୍ତେ ଏବଂ ନିଜେ ମଧ୍ୟ ଯାଇ ଚିକିତ୍ସିତ ହେଇଥାନ୍ତେ। ସୁନ୍ଦର ସମାଜ ଗୋଟିଏ ଗଠିତ ହେଇଥାନ୍ତା। ଖାଲି ପରିବାର, ପରିବେଶ ନୁହେଁ। ତାଙ୍କ ଭିତରେ ଆଉ ଆମ ଭିତରେ ଅନେକ ଭେଦ ଭାବ ରହିଥାନ୍ତା।

ସେମାନେ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରି ଖାଇଥାନ୍ତେ। ତାଙ୍କ ଇଚ୍ଛା ଅନୁସାରେ ଖାଇଥାନ୍ତେ ଏବଂ ପିନ୍ଧିଥାନ୍ତେ, ବୁଲିଥାନ୍ତେ। ଏମିତି ଦଉଡ଼ିରେ, ପିଞ୍ଜରାରେ ବନ୍ଦୀ ହୋଇନଥାନ୍ତେ। ତାଙ୍କୁ ଯେତେବେଳେ ଭୋକ ହୋଇଥାନ୍ତା ସେମାନେ ଆମକୁ ଖାଇବା ପାଇଁ ମାଗିଥାନ୍ତେ ଏବଂ ଆମେ ଯେମିତି ମନପସନ୍ଦର ଜିନିଷ ଖାଉଛୁ ପିଉଛୁ ସେମାନେ ମଧ୍ୟ ଖାଇଥାନ୍ତେ ଏବଂ ପିଉଥାନ୍ତେ ମଧ୍ୟ।

ସେମାନେ ଏମିତି ଲଙ୍ଗଳା ନ ରହି ଆମମାନଙ୍କ ପରି ପୋଷାକ ପିନ୍ଧିଥାନ୍ତେ । ଗାଁ ଗଣ୍ଡା, ପୋଖରୀ, ଜଙ୍ଗଲ ସବୁଠାରେ ବୁଲିଥାନ୍ତେ। ଠିକ୍ ଆମ ପରି ରହିଥାନ୍ତେ। ଗାଈକୁ ଆମେ ବିଭିନ୍ନ ଚାଷ କରିବାରେ ବ୍ୟବହାର କରୁଛୁ। ଗାଈ ଚାହିଁଲେ ମନା କରି ଦେଇ ପାରିଥାନ୍ତା । ସେ ଗାଈ ଚରାଳିଙ୍କ ମାଡ଼ ଖାଇ ପରିଶ୍ରମ କରୁଛି। ଚାହିଁଲେ ପ୍ରତିବାଦ କରିଥାନ୍ତେ ସେମାନେ। ଆମେ ପଶୁମାନଙ୍କୁ ଆମର ଅଇଁଠା ଖାଇବାକୁ ଦେଉଛୁ। ଚାହିଁଲେ ସେମାନେ ନଖାଇବା ପାଇଁ ପ୍ରତିବାଦ କରିଥାନ୍ତେ।

ଗାଈ ମଧ୍ୟ ନିଜ ଛୁଆମାନଙ୍କୁ ଧରି ଗୋଟିଏ ଗୋଷ୍ଠୀ ନିର୍ମାଣ କରିଥାନ୍ତା। ଗୋଟିଏ ସମାଜ ଗଢ଼ିଥାନ୍ତା, ପରିବାର କୁଟୁମ୍ବ କରି ଚଳିଥାନ୍ତା। ଗୋଟିଏ ସୁନ୍ଦର ପରିବେଶ କରି ରହିଥାନ୍ତା । ଏମିତି ଗାଈଶାଳରେ ବନ୍ଧା ହୋଇ ରହିନଥାନ୍ତା।

ପଶୁମାନେ ଜଙ୍ଗଲରେ ରହୁଛନ୍ତି। ସେ ଯଦି କଥା କହି ପାରିଥାନ୍ତେ ତାହେଲେ, ଶିକାରୀ ଯେତେବେଳେ ଶିକାର କରୁଛି, ସେ ତା' ସହ କଳିଗୋଳ କରିଥାନ୍ତେ।

ଆମକୁ ଯେତେବେଳେ କିଛି ଦରକାର ପଡୁଛି ଆମେ ତାଙ୍କର ସାହାଯ୍ୟ ନେଇପାରିଥାନ୍ତୁ। ତାଙ୍କ ସହିତ ଆମେ ଗୋଟିଏ କଥାକୁହା ସମାଜ ଗଢ଼ି ସାଥୀ ହୋଇଥାନ୍ତେ।

ଆମେ ଯେତେବେଳେ ସାଙ୍ଗ କରିଥାନ୍ତୁ କି, କୁଆଡେ ଖେଳିବା ଲାଗି ଯିବା ପାଇଁ ତାଙ୍କୁ କୁହନ୍ତେ, ସେମାନେ ରାଜି ହୋଇଥାନ୍ତେ।

ସେମାନେ ମଧ୍ୟ ନିଜ ଛୁଆପିଲାଙ୍କୁ ପାଠପଢ଼ାଇ ଚାକିରି କରାଇଥାନ୍ତେ। ସେମାନେ ଆମମାନଙ୍କ ପରି ଗୀତଗାଇ ଥାନ୍ତେ। କାହାଣୀ କହିଥାନ୍ତେ। ଆଉ ଲେଖାପଢ଼ା ମଧ୍ୟ କରିଥାନ୍ତେ। ସୁନ୍ଦର ସମାଜ ଗୋଟିଏ ଗଠିତ ହେଇଥାନ୍ତା। ସମସ୍ତେ ମିଳିମିଶି ଗୋଟିଏ ସମାଜରେ ନାଗରିକ ହୋଇ ବାସ କରିଥାନ୍ତୁ। ସାଙ୍ଗରେ ଖାଇଥାନ୍ତୁ ଆଉ ରହିଥାନ୍ତୁ।

ମନୁଷ୍ୟ ବ୍ୟତୀତ ଆଉ କୌଣସି ଜୀବ ନାହିଁ ଏ ପୃଥିବୀରେ ଯାହା ପାଖରେ ବୁଦ୍ଧି ବିଚାର କରିବାର ଅତ୍ୟଧିକ ଶକ୍ତି ରହିଛି। ତା' ପରି କିଏ ଆଉ ଏମିତି କାର୍ଯ୍ୟ କରିପାରିବ ନାହିଁ। ମନୁଷ୍ୟର ସ୍ମରଣ ଶକ୍ତି ଅଧିକ। ନିଜର  ଉପଯୁକ୍ତ ବୁଦ୍ଧି ପ୍ରୟୋଗ କରି ସେ କାର୍ଯ୍ୟ କରିଥାଏ।

ମନୁଷ୍ୟ ଛଡ଼ା ଅନ୍ୟ କୌଣସି ଜୀବ କଥା ହେଇପାରିବ ନାହିଁ ବୋଲି ଉଲ୍ଲେଖ ରହିଛି। ଜୀବ କଥା ହେଇପାରିଲେ ମଧ୍ୟ ସେ ଆମମାନଙ୍କ ପରି ଠିଆ ହୋଇ ପାରିନଥାନ୍ତି କି ଆମ ପରି ହେଇନଥାନ୍ତି। ଭଗବାନ ଯଦି ଚାହିଁଥାନ୍ତେ  ତାହେଲେ ପ୍ରଥମେ ଯେବେ ଏ ପୃଥିବୀ ସୃଷ୍ଟି ହେଲା ସେତେବେଳେ ତାଙ୍କୁ ଏ ଶକ୍ତି ପ୍ରଦାନ କରିପାରିଥାନ୍ତେ। ସେ ତାଙ୍କୁ ମଧ୍ୟ ଆମ ପରି ଜନ୍ମ ଦେଇଥାନ୍ତେ। ତାଙ୍କୁ ମଧ୍ୟ ଏମିତି ଆମମାନଙ୍କ ପରି ଶକ୍ତି ପ୍ରଦାନ କରିପାରିଥାନ୍ତେ । ସେମାନଙ୍କୁ କଥା କହିବା ଶକ୍ତି ସହିତ ଠିଆ ହେବାକୁ ଶକ୍ତି ପ୍ରଦାନ କରିଥାନ୍ତେ।

ଯେମିତି ହୋଇଥିଲେ ଆଜି ଏ ପଶୁମାନେ ଜଙ୍ଗଲରେ ରହି  ଏମିତି ମୁକ ହେଇନଥାନ୍ତେ। ଯଦି ହୋଇଥାନ୍ତେ ସେମାନଙ୍କର ଆଜି ଏହି ଦଶା ଘଟି ନଥାନ୍ତା। ସେମାନେ ଆମରି ପରି, ଆମରି ସହିତ ଏବଂ ଆମରି ଘରେ ଘରେ ସାହି କରି ରହିଥାନ୍ତେ । କିନ୍ତୁ ଭଗବାନଙ୍କ ଇଚ୍ଛା କୁ ବା କିଏ ଭାଙ୍ଗି ପାରିବ? ଯଦି ପଶୁମାନେ କଥାକହିଥାନ୍ତେ ତା'ହେଲେ ସେମାନେ ଆମର ଅଇଁଠା ଭାତଯାକ ଖାଇନଥାନ୍ତେ। ଆମର ଗାଳି ଗୁଲଜ ଶୁଣିନଥାନ୍ତେ ଏବଂ ଦଉଡ଼ିରେ ବାନ୍ଧି ହୋଇ ରହିନଥାନ୍ତେ।

ସମସ୍ତେ ଖୁସି ଆନନ୍ଦରେ ରହିଥାନ୍ତୁ। କାହାର ମାଂସକୁ ପଶୁମାନେ ଖାଇନଥାନ୍ତେ। ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରି ଖାଇଥାନ୍ତେ। କାହା ଉପରେ ନିର୍ଭର କରିନଥାନ୍ତେ।

ସମସ୍ତେ ପରିଶ୍ରମ କରି ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରି ଖାଇପାରନ୍ତେ। ପଶୁମାନେ ଯଦି କଥା କୁହା ଜ୍ଞାନ ପାଇଥାନ୍ତେ ତା'ହେଲେ ଆମେ ଆରମ୍ଭରୁ ଯନ୍ତ୍ରପାତି ଦ୍ୱାରା ଚାଷ କରିବା ପାଇଁ ଚେଷ୍ଟା କରିଥାନ୍ତୁ। ଏମିତି ପଶୁମାନଙ୍କୁ ଚାଷକାମରେ ବ୍ୟବହାର କରିନଥାନ୍ତୁ।

ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ
ନବରଙ୍ଗପୁର

୦❖୦

# ଯଦି ପଶୁମାନେ କଥା ହେବେ !

**ଅର୍ଚ୍ଚିତା ନାଏକ,** ଅଷ୍ଟମ
(ଦ୍ୱିତୀୟ ସ୍ଥାନ - କନିଷ୍ଠ ବର୍ଗ)

ବେଳେବେଳେ ଆମ ସମସ୍ତଙ୍କ ମନରେ ଗୋଟିଏ ଗୋଟିଏ ଅବାସ୍ତବ ବା ଅସମ୍ଭବ ଚିନ୍ତାଧାରା ଆସିଥାଏ।

"ମୂକଂ କରୋତି ବାଚାଳଂ
ପଙ୍ଗୁ ଲଙ୍ଘୟତେ ଗିରି
ଯତକୃପା ତମହମ୍ ବନ୍ଦେ
ପରମାନନ୍ଦ ମାଧବଂ"

ଏହାର ମାନେ ହେଉଛି ଈଶ୍ୱର କୃପାକଲେ କଥା କହି ନ ପାରୁଥିବା ଲୋକ ହଠାତ୍ ପ୍ରଗଲ୍‌ଭ ହୋଇପାରିବ। ଯିଏ ଛୋଟା ବା ଚାଲି ପାରୁନାହାନ୍ତି ସେ ଚାଲିପାରିବେ ଏବଂ ଗିରିକୁ ଚଢ଼ି ପାରିବେ। ଯଦି ଭଗବାନ ଚାହାନ୍ତି ତେବେ ଅସମ୍ଭବ ସମ୍ଭବ ହୋଇପାରିବ। ଆମେ ସମସ୍ତେ ଗୋଟିଏ ଗୋଟିଏ ସାମାଜିକ ପ୍ରାଣୀ। ପଶୁମାନଙ୍କର ମଧ୍ୟ ଗୋଷ୍ଠୀ ଅଛି। ମାତ୍ର ସେମାନେ କଥା କହିପାରନ୍ତି ନାହିଁ। ଯଦି ପ୍ରାଣୀ ବା ପଶୁମାନେ କଥା ହୁଅନ୍ତେ ସେମାନେ ତାଙ୍କର ମନର ଭାବକୁ ପରିପ୍ରକାଶ କରି ଜୀବନରେ ଯେତେ ଅତ୍ୟାଚାର ସହୁଛନ୍ତି ସେ ସବୁରୁ ମୁକ୍ତ ହୋଇ ପାରିନ୍ତେ। ସେମାନେ କେବେ କେଉଁଠି ଯିବେ କୁଆଡେ ଯିବେ ସବୁକିଛି ନିଜେ ନିଷ୍ପତ୍ତି ନେଇ ପାରନ୍ତେ। ପଶୁମାନେ ମନୁଷ୍ୟକୁ ତାଙ୍କ ମନର ଭାବ କହିପାରନ୍ତେ। ସମସ୍ତେ ଜାଣିଛେ ଏହି ବିଷୟର ମୁଖ୍ୟ କଥା ହେଉଛି ଯେ ଆମେ ମାନବ ! ଆମ୍ଭମାନଙ୍କର ଗୋଟିଏ କର୍ତ୍ତବ୍ୟ ଅଛି ଯେ ଆମେ ଆମ ପରିବେଶକୁ ସଫା ରଖିବୁ, ସ୍ୱଚ୍ଛ ରଖିବୁ ଏବଂ ସର୍ବପ୍ରଥମେ ଆମେ କେମିତି ଆମ ପରି ପଶୁମାନଙ୍କ କଥା ବୁଝିବୁ। ତାଙ୍କୁ କିପରି କିଛି ଅସୁବିଧାରେ ପକାଇବୁ ନାହିଁ ସେ ବିଷୟରେ ସମସ୍ତଙ୍କୁ ଧ୍ୟାନ ଦେବା ଉଚିତ୍। ପଶୁପକ୍ଷୀମାନଙ୍କର ବି ଅଧିକାର ଅଛି ଏ ଜଗତରେ ଶାନ୍ତିର ସହିତ ଜୀବନ ଯାପନ କରିବା ପାଇଁ।

ଜୀବନ ଆମର ଗୋଟିଏ
ଗୋଟିଏ ଆମର ମନ,
ମନୁଷ୍ୟ ହେଉ ବା ପଶୁ
ସର୍ବେ ପ୍ରକୃତି ସନ୍ତାନ।

ଇଂରେଜ ଶାସନ ସମୟରେ ଆମର ସ୍ୱାଧୀନତା ନଥିଲା। ଭାରତୀୟଙ୍କ ଉପରେ ସେମାନେ ଘୋର ଅତ୍ୟାଚାର କରୁଥିଲେ। ଠିକ୍ ସେହିପରି ଆମ ମନୁଷ୍ୟ ଜାତି ବି ପଶୁମାନଙ୍କ ଉପରେ ଅତ୍ୟାଚାର କରୁଛେ। ସେଇଟା ଜାଣିକି ବା ଅଜାଣତରେ ମଧ୍ୟ ଆମେ ସମସ୍ତେ ଏପରି ଅଧର୍ମ କରୁଛୁ। ଆମେ ପଶୁମାନଙ୍କ ଖାଦ୍ୟ ନେଇକି ତାଙ୍କ ଜୀବନ ଶୈଳୀ ଉପରେ ମଧ୍ୟ ଅତ୍ୟାଚର କରୁଛେ। ଆମେ ପଶୁମାନଙ୍କର ରହିବା ସ୍ଥାନକୁ, ଗଢ଼ିଥିବା ସ୍ଥାନକୁ ଭାଙ୍ଗି ଦେଉଛେ। ତାଙ୍କର ଖାଉଥିବା ଫଳକୁ ଆମେ ଖାଉଛୁ। ରହିବା ଜାଗାକୁ ଆମ ସ୍ୱାର୍ଥ ପାଇଁ ଉପଯୋଗ କରୁଛୁ। ତା'ହେଲେ ସେମାନେ କ'ଣ କରିବେ ? ଯଦି ତାଙ୍କ ପାଖରେ କଥା କହିବାର ଶକ୍ତି ଥା'ନ୍ତା ସେମାନେ ବି ମୁହଁ ଖୋଲି କହନ୍ତେ ଯେ ତମେ ଏପରି ଅତ୍ୟାଚାର ଆମ ସମସ୍ତଙ୍କ ଉପରେ କର ନାହିଁ। ସେମାନେ କହନ୍ତେ, ତମ ସ୍ୱାର୍ଥ ପାଇଁ ଆମର ଜୀବନକୁ ଖରାପ ନକର। ଆମର ସ୍ୱାଧୀନ ଜୀବନ ବଞ୍ଚିବାର ଅଧିକାର ଅଛି। ଆମକୁ ମଧ୍ୟ ଜୀବନ ଯାପନ କରିବା ପାଇଁ ଦିଅ। ସେମାନେ ତାଙ୍କ ସମସ୍ତ ପ୍ରକାର ମନର ଭାବକୁ ପ୍ରକାଶ କରିପାରନ୍ତେ। ସତ କହିବାକୁ ଗଲେ ମଣିଷମାନେ ନିଜ ସ୍ୱାର୍ଥରେ ପଶୁମାନଙ୍କ ଜୀବନ ନେଇଯାଉଛନ୍ତି। ସମସ୍ତେ ଜାଣିଛେ ଯେ ଆମେ ଯେପରି କାମ କରିବା ଠିକ୍ ସେହିପରି ଫଳ ଆମକୁ ମିଳିବ। ଆମେ ପ୍ରକୃତିକୁ ଯେପରି ଦେବା ଠିକ୍ ସେହିପରି ପ୍ରକୃତି ଆମକୁ ଫେରେଇବ। ସମସ୍ତେ ପଶୁମାନଙ୍କ ପ୍ରତି ଧ୍ୟାନ ଦେବାକୁ ପଡ଼ିବ କାରଣ ଯଦି ପଶୁମାନେ ଜଗତରେ ନ ରହିବେ ତା'ହେଲେ ଆମେ ମଧ୍ୟ ଜଗତରେ ବେଶୀ ଦିନ ରହିପାରିବା ନାହିଁ କାରଣ ଆମେ ସମସ୍ତେ ଜାଣିଛେ ଯେ ପଶୁ ଓ ମନୁଷ୍ୟ ଓ ଆମର ପ୍ରକୃତିରୁ ହିଁ ଏ ଜଗତ ଗଢ଼ା। ଭାରତରେ ଏମିତି ମହାନ ପୁରୁଷ ଅଛନ୍ତି ବା ଥିଲେ ଯିଏକି ପ୍ରାଣୀମାନଙ୍କର ମନ ଭାବନାକୁ ଜାଣିପାରୁଥିଲେ। ଯଦି ପଶୁମାନେ କଥା କହିବେ ତା'ହେଲେ ଆମର ମଣିଷ ଓ ପଶୁ ଭିତରେ କିଛି ପାର୍ଥକ୍ୟ ରହିବ ନାହିଁ ।

ଯଦି ପଶୁମାନେ କଥା ହୁଅନ୍ତେ ତା'ହେଲେ ସେମାନେ ମଧ୍ୟ ତାଙ୍କର ନିୟମ ଅନୁଯାୟୀ ସମସ୍ତ ପ୍ରକାରର କାର୍ଯ୍ୟ କରିବେ। ତାଙ୍କର ଗୋଟିଏ ଶ୍ରେଷ୍ଠ ସମାଜ ବନେଇ ପାରିବେ। ମହାପ୍ରଭୁ ସମସ୍ତଙ୍କୁ ଭିନ୍ନ ଭିନ୍ନ କାରଣ ପାଇଁ ଜୀବନ ପ୍ରଦାନ କରିଛନ୍ତି। ସେ ମନୁଷ୍ୟକୁ ବୁଝିବାର ଶକ୍ତି ଦେଇଛନ୍ତି ଅର୍ଥାତ୍ ବୁଦ୍ଧି ଦେଇଛନ୍ତି ପଶୁମାନେ କଥା ହେଲେ ମଧ୍ୟ ପଶୁମାନେ ମନୁଷ୍ୟର ସମାନ ହୋଇ ପାରିବେ ନାହିଁ। ଆମ ସମସ୍ତଙ୍କୁ ପଶୁମାନେ କଥା କହିଲେ ବା ନ କହିଲେ ବି ଆମ୍ଭମାନଙ୍କୁ ତାଙ୍କ ମନର ଭାବକୁ ଜାଣିବା ପାଇଁ ପଡ଼ିବ। ଏମିତି ସମୟ ନ ଆସୁ ଯେମିତି କି ପଶୁମାନେ କଥା କହିବାରେ ଲାଗିବେ ବା ଭଗବାନ ମଧ୍ୟ ତାଙ୍କୁ ସେଭଳି ଶକ୍ତି ନ ଦିଅନ୍ତୁ। ଯଦି ପଶୁମାନେ କଥା ହୋଇ ପାରନ୍ତେ ତା'ହେଲେ ସେମାନେ ମନୁଷ୍ୟକୁ ମଧ୍ୟ ତାଙ୍କର ବଳ ସାହାଯ୍ୟରେ ପଦାନତ କରି ରଖନ୍ତେ। ଯଦି ପଶୁମାନେ କଥା କହିପାରନ୍ତେ, ତା'ହେଲେ ଯାହା ସେମାନେ ମନୁଷ୍ୟ ଅଧୀନରେ ରହୁଅଛନ୍ତି ତାକୁ ଛାଡ଼ି ନିଜର ଜୀବନ ଯାପନ ସ୍ୱାଧୀନ ଭାବରେ କରନ୍ତେ। ପଶୁ ଯେମିତି କି କୁକୁର, ଗାଈ, ବିଲେଇ ଏମାନେ ସମସ୍ତେ ଘର ଜଗୁଆଳି ହେବା ଛାଡ଼ି

ଆପଣା ଜୀବନ ଅନ୍ୟ ଆଡ଼େ ଯାଇ ସ୍ୱାଧୀନତାର ସହିତ ବଞ୍ଚିରହନ୍ତେ। ସନ୍ତୁଳନ ରହନ୍ତା ନାହିଁ। ସବୁଠୁ ବଡ଼ କଥା ଯେ ମନୁଷ୍ୟକୁ ସବୁ କିଛି ବିଷୟରେ ଧ୍ୟାନ ଦେବାକୁ ଭଗବାନ ଭିନ୍ନ କରି ବନାଇଛନ୍ତି।

ଯଦି ଆମେମାନେ ଆମର କାମ ନ କରିବା ତା'ହେଲେ ଜଗତରେ ଆମରି ଭିନ୍ନ ହେବାର କିଛି ମୂଲ୍ୟ ରହିବ ନାହିଁ। ଶେଷରେ ମୁଁ କହିବି ଯେ ଯେତେ ମନୁଷ୍ୟ କୁ ଆଧୁନିକତା କ୍ଷେତ୍ରରେ ଯେତେ ଉପରକୁ ଗଲେ ମଧ୍ୟ, ଯେତେ ଶକ୍ତିଶାଳୀ ହେଲେ ବି ପ୍ରକୃତିକୁ ଭୁଲିବା ଅନୁଚିତ।

ଇ. ଏଲ୍. ମିଶନ ସ୍କୁଲ
କଳାହାଣ୍ଡି

○❖○




ପ୍ରିୟଙ୍କା ମୁଣ୍ଡା, ଶ୍ରେଣୀ : ଦଶମ, ସରକାରୀ (ଏସ୍.ଏସ୍.ଡି) ବାଳିକା ଉଚ୍ଚ ବିଦ୍ୟାଳୟ, ବୈଦପାଲି, ବଣେଇ

# ତା' ହେଲେ କ'ଣ ହେବ !

**ସୁରଜ ଖିଲ,** ସପ୍ତମ
(ତୃତୀୟ ସ୍ଥାନ - କନିଷ୍ଠ ବର୍ଗ)

ପଶୁ ହେଉଛି ମଣିଷ ପରି ଏକ ପ୍ରାଣୀ। ତା'ର ମଧ୍ୟ ରକ୍ତ, ହାଡ଼ ଓ ଅସ୍ଥିରେ ଦେହ ଗଢ଼ା। ସେ ଗୋଟିଏ ଅବଦାନ ଭଗବାନଙ୍କ ଠାରୁ ପାଇ ନାହିଁ। ତାହା ହେଲା କଥା କହିବା। ଯଦି ପଶୁ ମଧ୍ୟ କଥା କହିପାରନ୍ତା ତା' ହେଲା ସେ ମଣିଷ ପରି ବୁଦ୍ଧିମାନ ଓ ଚାଲାକ୍ ହୋଇପାରନ୍ତା। ପଶୁ କଥା କହି ପାରିଲେ ମଣିଷଙ୍କ ସହିତ ସଂପର୍କ ସ୍ଥାପନ କରିପାରନ୍ତା। ଯାହାଦ୍ୱାରା ମଣିଷ ଶିକାର କରିବା ସମୟରେ ସେମାନେ ନିଜର ପାରିବାରିକ ଦୁଃଖର କଥା ସେମାନଙ୍କ ଆଗରେ ପ୍ରକାଶ କରିପାରନ୍ତେ।

ପଶୁ ନିଜ ଅନ୍ତରର ବେଦନାକୁ ମଧ୍ୟ ମନୁଷ୍ୟ ବା ପ୍ରାଣୀଙ୍କ ଆଗରେ ପରିପ୍ରକାଶ କରିପାରନ୍ତା। ସେମାନେ କଥାବାର୍ତ୍ତା ହେଲେ ତାଙ୍କ ବଂଶ ଲୋପ ପାଇ ପାରନ୍ତା ନାହିଁ।

ପଶୁମାନେ କଥା କହିଲେ ସେମାନେ ଅନେକ ପ୍ରକାର କାର୍ଯ୍ୟ ଦଳଗତ ଭାବରେ କରିପାରନ୍ତେ। ଏବେ ପଶୁପକ୍ଷୀମାନଙ୍କୁ ଦେଖିବା ପାଇଁ ଅନେକ ଦୂର ଦୂରାନ୍ତର  ଯିବାକୁ ପଡୁଛି। ଯଥା- ଭୁବନେଶ୍ୱର ନନ୍ଦନକାନନ ଇତ୍ୟାଦି ଚିଡ଼ିଆଖାନାମାନଙ୍କୁ ଆମେ ଯାଉଛେ। ପଶୁମାନେ ଆମକୁ ଡରିଯାଇ ଘଞ୍ଚ ଅରଣ୍ୟ ମଧ୍ୟରେ ଲୁଚି ରୁହନ୍ତି। କାରଣ ସେମାନେ ଭାବନ୍ତି ଆମେ ତାଙ୍କୁ କେବଳ ଶିକାର କରିବୁ। ସେମାନେ କଥା କହି ପାରିଲେ ଆମ ମନୁଷ୍ୟମାନଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ରହନ୍ତା। ଆମକୁ ସେମାନେ ଡରିମରି ରହନ୍ତେ ନାହିଁ। ଯାହା ଫଳରେ ଆମେ ତାଙ୍କୁ ସହଜରେ ଦେଖି ପାରନ୍ତେ।

ପଶୁମାନଙ୍କ ବଂଶ ଲୋପ ପାଇପାରିନଥାନ୍ତା। କାରଣ ଆମେ ତାଙ୍କୁ ଶିକାର କରିବାକୁ ଗଲେ ସେମାନେ କଥାବାର୍ତ୍ତା ହୋଇ ଆମକୁ ଆକ୍ରମଣ କରି ଜଙ୍ଗଲରୁ ବିଦା କରିଦେଇଥାନ୍ତେ। ସହର ବା ଗ୍ରାମମାନଙ୍କରେ ଲୋକସଂଖ୍ୟା ଅଧିକ ହେତୁ ଆମେ ତାଙ୍କ ବସତିରେ ଯାଇ ତାଙ୍କୁ କିଛି କରିପାରିନଥାନ୍ତେ।

ପଶୁମାନଙ୍କ ବସତି ହେଉଛି ଜଙ୍ଗଲ। ଯାହା ମନୁଷ୍ୟ କାଟି କାଟି ଲୋପ କରିବାରେ ବସିଛି। ଯଦି ପଶୁ କଥା କହି ପାରନ୍ତା ତା'ହେଲେ ମନୁଷ୍ୟକୁ ବିଭିନ୍ନ ପଦ୍ଧତିରେ ଜଙ୍ଗଲରୁ ବିଦା କରିଦେଇପାରନ୍ତା। ଯାହାଦ୍ୱାରା ଅଂଶୁଘାତ କିମ୍ବା ମରୁଡ଼ି ହୋଇ ନଥାନ୍ତା।

ଭଗବାନ ଆମକୁ କୌଣସି ପ୍ରାଣୀକୁ ଖାଇବା ପାଇଁ ଜନ୍ମ ଦେଇନାହାନ୍ତି। ପଶୁମାନଙ୍କୁ ମନୁଷ୍ୟ ହତ୍ୟା କରି ଖାଉଛି। ମନୁଷ୍ୟ କୁ ପଶୁ ହତ୍ୟା କରି ଖାଉଛି। ଯଦି କଥା କହି ପାରନ୍ତେ ତା'ହେଲେ ସେମାନେ ମଧ୍ୟ

ଏକତ୍ରିତ ହୋଇ ଏକ ଆଇନ୍ ପ୍ରଣୟନ କରିଥାନ୍ତେ। ଯେପରି କି ପ୍ରାଣୀମାନଙ୍କୁ ହତ୍ୟା କଲେ ଜୋରିମାନା ସହିତ କାରାଦଣ୍ଡ ଭୋଗିବାକୁ ପଡୁଛି ସେହିପରି ସେମାନେ ମଧ୍ୟ ଆଇନ ପ୍ରଣୟନ କରିଥାନ୍ତେ। ଯାହା ଦ୍ୱାରା କିଏ ଆଉ ପାପୀ ହୋଇପାରି ନଥାନ୍ତେ।

ଯଦି ପଶୁମାନେ କଥା କହି ପାରନ୍ତେ ତା' ହେଲେ ଜଙ୍ଗଲ ସଂପଦରେ କ୍ଷତି ହୋଇପାରିନଥାନ୍ତା। କାରଣ ଜଙ୍ଗଲ ସଂପଦକୁ ରକ୍ଷା କରିବା ଦାୟିତ୍ୱ ସମସ୍ତଙ୍କର। ପଶୁମାନଙ୍କୁ ହତ୍ୟା କରିବା ଫଳରେ ଜଙ୍ଗଲର କ୍ଷତି ହେଉଛି।

ପଶୁମାନେ କଥା କହିବା ଦ୍ୱାରା ଆହୁରି ମଧ୍ୟ ଅନେକ ଉପକାର ହୋଇପାରନ୍ତା। ପଶୁମାନଙ୍କ ସହିତ ଆମେ ବାଣିଜ୍ୟ କାରବାର କରିପାରିଥାନ୍ତେ। କିପରି ? ମାନେ ସେମାନେ କୌଣସି ଅର୍ଥ ଦେଇ ପଶୁଜାତ ଦ୍ରବ୍ୟ କିଛି କିଣି ନେଇପାରନ୍ତେ। ଏହା ସହିତ ପଶୁ ଓ ମନୁଷ୍ୟମାନଙ୍କ ଭିତରେ ନିବିଡ଼ ସଂପର୍କ ବଢ଼ି ପାରିଥାନ୍ତା।

ପଶୁ କଥା କହିଲେ ସେ ନିଜ ପସନ୍ଦର ଖାଦ୍ୟ ଖାଇବାକୁ ମନୁଷ୍ୟକୁ ପ୍ରେରଣା ଯୋଗାଇଥାନ୍ତା। କାରଣ ଅନେକଙ୍କ ଗୃହରେ ପାଳିତ ପଶୁ ଥିବେ। ସେମାନେ ଏକ ଖାଦ୍ୟ ଖାଇବାକୁ ଇଚ୍ଛା କରୁଥିବେ। କିନ୍ତୁ ତାଙ୍କୁ ଅନ୍ୟ ଏକ ଖାଦ୍ୟ ଜବରଦସ୍ତ ଖାଇବାକୁ ପଡୁଛି।

ପଶୁ କଥା ହେବା ଦ୍ୱାରା ମଣିଷର ଯେତିକି ଉପକାର ହୋଇଥାନ୍ତା ସେତିକି ଅପକାର ମଧ୍ୟ ହୁଅନ୍ତା ।

ସେମାନେ କଥା କହିଲେ ଆମକୁ ମାଂସ ଖାଇବାକୁ ମିଳି ନଥାନ୍ତା। କାରଣ ସେମାନେ କଥା କହି ପାରୁନାହାନ୍ତି ବୋଲି ଆମେ ତାଙ୍କ ଅନ୍ତରର କଥା ବୁଝିପାରୁ ନାହୁଁ। ଆମେ ତାଙ୍କ ଅନ୍ତରର କଥା ବା ସେମାନଙ୍କ ଘର ପରିବାରର ଅସୁବିଧା କଥା ଶୁଣିଲେ ମନୁଷ୍ୟ ଖାଇ ପାରିବ କେମିତି ?

ଆମେ ଯେପରି କଥା ହୋଇ ଜଙ୍ଗଲରେ ପଶୁ ଶିକାର କରିବାକୁ ଯାଉଛେ ସେହିପରି ସେମାନେ ମଧ୍ୟ ନିଜ ଜୀବନ ଓ ବଂଶକୁ ସୁରକ୍ଷା କରିବା ପାଇଁ ଦଳଗତ ହୋଇ ମନୁଷ୍ୟଙ୍କ ଉପରେ ଆକ୍ରମଣ କରିଥାନ୍ତେ। ଯାହାଦ୍ୱାରା ଆମର ବହୁଳ କ୍ଷତି ହୁଅନ୍ତା।

ଜଙ୍ଗଲରେ କାଠ, କାଜୁ କୌଣସି ଔଷଧୀୟ ବୃକ୍ଷ ଲତା ଆଣିବାକୁ ଯିବା ସମୟରେ ସେମାନେ କଥା ବାର୍ତ୍ତା ହୋଇ ଆମକୁ ମାରି ଖାଇଦେଇଥାନ୍ତେ। ଯାହାଦ୍ୱାରା ସେମାନଙ୍କର ଶକ୍ତି ଅତ୍ୟଧିକ ମାତ୍ରାରେ ବଢ଼ି ଯାଆନ୍ତା ଓ ସେମାନେ ମନୁଷ୍ୟଙ୍କୁ ଡରି ନଥାନ୍ତେ।

ଆମେ ଯେ କୌଣସି ବନ୍ୟପ୍ରାଣୀ ପାଳି ନଥାନ୍ତେ। କାରଣ ଆମେ ଯେଉଁ ପଶୁକୁ ଗୃହରେ ପାଳିବା ପାଇଁ ଆଣିଥିବା ତାହା ସେମାନଙ୍କ ବାପା, ମାଆ କିମ୍ବା ତାଙ୍କ ବଂଶ ଆସି ତାକୁ ପୁନର୍ବାର ନିଜ ବସତିକୁ ନେଇଯାଇଥାନ୍ତେ।

ପୁରାତନ ସମୟରେ ପଶୁମାନେ କଥା କହି ପାରୁଥିଲେ। ଏହା ମୋ ମତରେ ହଁ କାରଣ ଆଗ ଯୁଗରେ ମନୁଷ୍ୟ ମଧ୍ୟ କଥାବାର୍ତ୍ତା ଜାଣି ନଥିଲା। ସେମାନେ ପରସ୍ପର ମଧ୍ୟରେ ଏକ ଇସାରାରେ ନିଜର ମନର

ଭାବକୁ ଅନ୍ୟ ଆଗରେ ପ୍ରକାଶ କରି ପାରୁଥିଲେ। ପୁରାତନ ଯୁଗରେ ମନୁଷ୍ୟ/ଆଦିମ ମଣିଷ ଚାଷ କରିପାରୁନଥିଲା ବା ଜାଣି ନଥିଲା ବୋଲି ପଶୁ ଶିକାର କରି ଖାଉଥିଲା। କିନ୍ତୁ ଏବର ଯୁଗରେ ମନୁଷ୍ୟ ଶିକାର ଆଦୌ ଛାଡ଼ି ନାହାନ୍ତି। ସେମାନେ ଚାଷ କାର୍ଯ୍ୟ ଜାଣି ଚାଷ କରୁନଥିଲେ ମଧ୍ୟ ଏତିକିରେ ସନ୍ତୁଷ୍ଟ ନ ହୋଇ ଶିକାର କରିବାକୁ ଯାଉଛନ୍ତି।

ପଶୁମାନେ କଥା ହେବା ଜାଣିଲେ ବହୁତ ପ୍ରକାର ଭଲ ହୁଅନ୍ତା ବୋଲି ମୋର ମତ। ପଶୁମାନେ କଥା କହିଲେ ଆମେ ତାଙ୍କ ସହିତ ବହୁତ ସଂପର୍କ ସ୍ଥାପନ କରିପାରନ୍ତେ।

ସେମାନେ କଥା କହିଜାଣିଲେ ଆମେ ଅନେକ ପ୍ରକାର ଆଲୋଚନା ମାଧ୍ୟମରେ ମଜା କରିପାରିଥାନ୍ତେ। ଯଦି ସତରେ ପଶୁ କଥା ହୁଏ, ମୁଁ ବହୁତ ଖୁସି ଅନୁଭବ କରିପାରିବି।

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଗୋବିନ୍ଦପାଲି, ମାଲକାନଗିରି



ମମତା ମୁର୍ମୁ, ଶ୍ରେଣୀ : ଦଶମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅସନଯୋଡ଼ି

# ପଶୁମାନେ ଯଦି କହିବେ

**ତପସ୍ୱିନୀ ଦେହୁରୀ,** ଅଷ୍ଟମ
(ତୃତୀୟ ସ୍ଥାନ - କନିଷ୍ଠ ବର୍ଗ)

"ସୃଷ୍ଟିର ପ୍ରାରମ୍ଭ ସୃଷ୍ଟିର ବିଳୟ ଯେଉଁଠି,
ପ୍ରାଣର ସଂଚାର ପ୍ରାଣର କ୍ଷୟ ଯେଉଁଠି,
ସଦାସର୍ବଦା ଚଳଚଞ୍ଚଳ କାଳଚକ୍ର ଯେଉଁଠି,
ପ୍ରତିଟି କ୍ଷଣ ନିଶ୍ଚିତ ପରିବର୍ତ୍ତନ ଯେଉଁଠି,
ପ୍ରଭୁଙ୍କ ଆଦେଶରେ ଯାହାର ସ୍ଥିତି
ତାହା ପ୍ରକୃତି ।"

ପ୍ରକୃତିରେ ବାସକରିଥାନ୍ତି ଜୀବଜଗତ । ସେଥିମଧ୍ୟରୁ ପଶୁମାନେ ଅନ୍ୟତମ । କେତେକ ପଶୁ ଗୃହରେ ରହିଥାନ୍ତି ଓ କେତେକ ଜଙ୍ଗଲରେ ବାସକରନ୍ତି । ଗୃହପାଳିତ ପଶୁ ରୂପେ ଗୃହରେ ରହିଥାନ୍ତି- ଗାଈ, ଛେଳି ଓ ମେଣ୍ଢା ଆଦି ପଶୁଗଣ ।

ପ୍ରାଣୀ ଅଟନ୍ତି ମନୁଷ୍ୟର ବନ୍ଧୁ ସହଚର । ଇତିହାସ ଯୁଗରୁ ଅଛି ଯେ ରାଣା ପ୍ରତାପଙ୍କ ପାଇଁ ତା'ଙ୍କ ଘୋଡା ଚେତକ ଜୀବନ ଦେଇଥିଲା । ସେ ରାଣା ପ୍ରତାପଙ୍କର ଏତେ ବିଶ୍ୱସ୍ତ ଥିଲା ଯେ ତାଙ୍କ ପାଇଁ ନିଜର ପ୍ରାଣକୁ ତ୍ୟାଗ କରିଥିଲା । ପଶୁ ଅଟଇ ମନୁଷ୍ୟର ସେହି ବନ୍ଧୁ ଯାହାପାଖରେ ରାଗରୁଷା, ଲୋଭ ଓ ମୋହମାୟା ବୋଲି କିଛି ନାହିଁ । ସେଇଥିପାଇଁ ତ, ପୋଲିସ ବିଭିନ୍ନ ସମୟରେ କୁକୁରର ସହାୟତା ଆବଶ୍ୟକ କରିଥାଏ ।

"ଅମୃତ ବିନୟ ବଚନ
କହି ତୋଷିବ ପ୍ରାଣୀ ମନ" ।

ନିଜର ଅମୃତ ବଚନ ପ୍ରୟୋଗ କରି ମନୁଷ୍ୟ ଯେତେ୍‌ବେଳେ ପ୍ରାଣୀର ମନକୁ ଜିଣି ପାରେ' ସେତେବେଳେ ସେ ଆନନ୍ଦରେ ବିମୁଗ୍ଧ ହୋଇଯାଏ ।

ପୃଥିବୀରେ ସବୁ ପ୍ରାଣୀମଧ୍ୟରୁ ମନୁଷ୍ୟକୁ ଜ୍ଞାନୀ ବୋଲି ଆଖ୍ୟା ଦିଆଯାଇଥାଏ । ମନୁଷ୍ୟ ନିଜର ବୁଦ୍ଧି ପ୍ରୟୋଗ କରି ଅସାଧ କାର୍ଯ୍ୟକୁ ସାଧ କରିବାରେ ସକ୍ଷମ ହୋଇପାରିଛି । ତେଣୁ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି -

"ଗଜ ସିଂହ ବ୍ୟାଘ୍ର ଦେହେ ଅଛି ବଳ,
ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ" ।

ଯଦି ପଶୁମାନେ କଥା କହନ୍ତି -

- ପଶୁମାନଙ୍କ ବାବଦରେ ମନୁଷ୍ୟ ଅଧିକ ତଥ୍ୟ ସଂଗ୍ରହ କରିପାରନ୍ତା।
- ସେମାନଙ୍କର ମନୋଭାବକୁ ପ୍ରକାଶ କରିପାରନ୍ତେ।
- ସେମାନେ ନିଜର ପାଶବିକ ଶକ୍ତି ପ୍ରୟୋଗ କରି ମନୁଷ୍ୟକୁ ବିଭିନ୍ନ ସଂକଟରୁ ରକ୍ଷା କରନ୍ତେ।
- ପଶୁମାନେ ମନୁଷ୍ୟଠାରୁ ଅଧିକ ଉଚ୍ଚତର ହେବାରେ ସକ୍ଷମ ହୋଇପାରନ୍ତେ।
- ସେମାନେ ନିଜର କଳ୍ପନା, ଅନୁଭୂତି ଓ ମନୋଭାବକୁ ଅନ୍ୟ ସାମନାରେ ପ୍ରକାଶ କରିପାରନ୍ତେ।

ପଶୁପ୍ରତି ମନୁଷ୍ୟର କର୍ତ୍ତବ୍ୟ ରହିବା ଉଚିତ।

ମଣିଷ ନିଜର ଯତ୍ନ ନେହା ସହିତ ପଶୁର ଠିକ୍ ଯତ୍ନ ନେଇ ତା'ର ଲାଳନ ପାଳନ କଲେ ପଶୁ ମଧ୍ୟ ମଣିଷକୁ ସେହିଭଳି ବ୍ୟବହାର ଦେଖାଇ ଦିଅନ୍ତା। ବଣରେ ରହୁଥିବା ପଶୁମାନଙ୍କୁ ରକ୍ଷା କରିବା ପାଇଁ ବନ୍ୟଜନ୍ତୁ ସୁରକ୍ଷା ନିୟମ ରହିଛି। ବନ୍ୟଜନ୍ତୁମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାରୀ ଓ ବେସରକାରୀ ସଂଗଠନ ତରଫରୁ ଉଦ୍ୟମ ଜାରି ରହିଛି। ଅକ୍ଟୋବର ମାସର ପ୍ରଥମ ସପ୍ତାହକୁ 'ବନ୍ୟଜନ୍ତୁ ଦିବସ' ରୂପେ ପାଳନ କରାଯାଏ।

ଆମେ ପ୍ରତି ବର୍ଷ ବନ୍ୟଜନ୍ତୁ ଦିବସ ପାଳନ କରି ଶପଥ ନେବା, "ଜଙ୍ଗଲ ସୁରକ୍ଷା  ଜୀବନ ରକ୍ଷା"।

"ବାଘ ଭାଲୁ ହାତୀ ଗଣ୍ଡାଗୟଳ
ଏହି ସବୁ ଆମ ଦେଶ ସମ୍ବଳ"।

ତେଣୁ ଆମେ ଏହି ମୂଲ୍ୟବାନ ସମ୍ବଳଗୁଡ଼ିକର ଯତ୍ନ ନେବା। ଏହି ସମ୍ବଳଗୁଡ଼ିକର ସଂରକ୍ଷଣରେ ମନୁଷ୍ୟ ଆଗଭର ହେବା ଉଚିତ୍।

ମୋର ଏହି ମାତୃଭୂମିରେ ପଶୁମାନଙ୍କୁ ସୁବିଧା ଓ ସହଯୋଗରେ ଲାଳନପାଳନ କରାଯାଇଥାଏ। ପଶୁମାନଙ୍କ ମଧ୍ୟରୁ ଗାଈଙ୍କୁ ଆମେ ଗୋମାତା ରୂପେ ପୂଜା କରିଥାଉ। କଥାରେ ଅଛି ଯାହାକୁ ଯେତେ ଦେବ ତାହାଠାରୁ ସେତେ ପାଇବ। ସେହିପରି ଭାବରେ ପଶୁମାନଙ୍କୁ ଆମେ ଯେତିକି ଭଲ ଭାବରେ ପାଳନ କରିବା ଓ ଯେଉଁପରି ବ୍ୟବହାର ଦେଖାଇବା ସେମାନେ ଆମମାନଙ୍କୁ ସେତିକି ଭଲପାଇବେ ଓ ବ୍ୟବହାର ଦେଖାଇବେ। ଆମେ ଯେପରି ଆମ କାର୍ଯ୍ୟ ପ୍ରତି ଟିକେ ମଧ୍ୟ ଅବହେଳା କରିବା ନାହିଁ, ସେଥିପ୍ରତି ଧ୍ୟାନ ଦେବା।

"ଉଠ ଭାଇ ଉଠ ନବୀନ ଆଲୋକେ
ଶୋଇଥିଲେ ଚେଇଁ ହସୁଥିବେ ଲୋକେ।"
(ଗଙ୍ଗାଧର ମେହେର)

ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଗୁଗୁଡ଼ା, ନୟାଗଡ଼

# ବିକଶିତ ଓଡ଼ିଶା ଗଠନ ପାଇଁ ମୋର ଦୂରଦୃଷ୍ଟି

**ଆଶା ପ୍ରିୟଦର୍ଶିନୀ ନାଏକ,** ଦଶମ
(ପ୍ରଥମ ସ୍ଥାନ - ବରିଷ୍ଠ ବର୍ଗ)

ବର୍ଷାଣାଂ ଭାରତ ଶ୍ରେଷ୍ଠଂ ଦେଶାଣାଂ ଉତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମୋଦେଶଃ ଦେଶନାସ୍ତି ମହୀତଳେ ।

ସବୁଜ ସୁନ୍ଦର ଓଡ଼ିଶାର ପ୍ରକୃତି ଯେତେ ସୁନ୍ଦର ସେତେ ମନଲୋଭା । ଏଠାରେ ରହିଛି ଅନେକ ସୁରମ୍ୟ ମନ୍ଦିର, ସୁଗଭୀର ସାଗର ଇତ୍ୟାଦି ।

ଓଡ଼ିଶାର ପୁନଃଜନ୍ମ ତଥା ସ୍ୱତନ୍ତ୍ରତାର ପରିପାଟୀରେ ଏ ମାଟି ପ୍ରସ୍ଫୁଟିତ ହୁଏ ୧୯୩୬ ମସିହା ଏପ୍ରିଲ ମାସ ୦୧ ତାରିଖରେ । ଦୀର୍ଘ ବର୍ଷ ଅନୁଯାୟୀ ଅନୁମେୟ ଯେ - ଓଡ଼ିଶା ଗଠିତ ହୋଇଛି ସତ କିନ୍ତୁ ବିକଶିତ ଓଡ଼ିଶା ଏକ ସ୍ୱପ୍ନ ପ୍ରାୟ । ଓଡ଼ିଶାର ଐତିହ୍ୟ, ପରମ୍ପରା, ସଂସ୍କୃତି ଆଭିଜାତ୍ୟ ଏବେ ରସାତଳଗାମୀ । ଓଡ଼ିଶାର ଐତିହ୍ୟ ଓ ପରମ୍ପରାର ସ୍ୱତନ୍ତ୍ର ପରିଚୟ ଦେବାରେ ଆମ ଓଡ଼ିଶା ଚିରନମସ୍ୟ । ନିଜର ସ୍ୱତନ୍ତ୍ର ପରିଚୟ ଦେବାରେ ଉତ୍କଳବାସୀ ପ୍ରସିଦ୍ଧ । ମୋ ମତରେ ଓଡ଼ିଶା ଏପରି ଏକ ରାଜ୍ୟରେ ପରିଣତ ହେଉ ଯେଉଁଠି ଥିବ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଏବଂ ନମ୍ବର - ୧ ରାଜ୍ୟ ଭାବେ ବିକଶିତ ହେବାର ପରିକଳ୍ପନା ।

ଆମେ ଯଦି ନିଜର ଦୃଷ୍ଟିକୁ ସାମୂହିକ ଦୃଷ୍ଟିରେ ପରିଣତ କରିପାରିବା ତେବେ ଆମର ପ୍ରିୟ ଓଡ଼ିଶା ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିପାରିବ ।

ବିକଶିତ ଓଡ଼ିଶା ହେଉଛି ଓଡ଼ିଆ ଜୀବନର ମୂଳଦୁଆ । ବ୍ୟକ୍ତିଗତ ଏବଂ ସାମାଜିକ ପ୍ରଗତିର ପ୍ରଥମ ଚାଳକ । ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା, ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ନାଗରିକମାନଙ୍କ ପାଇଁ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାର ଏକ ସ୍ୱତନ୍ତ୍ର ପ୍ରୟାସ ଜାରି ରହିବା ଆବଶ୍ୟକ ।

ଓଡ଼ିଶାକୁ ଏକ ବିକଶିତ ଓଡ଼ିଶାରେ ପରିଣତ କରିବାର ପ୍ରୟାସ ବହୁମୁଖୀ ହେବା ଆବଶ୍ୟକ । ଓଡ଼ିଶା ଏକ ପରମ୍ପରା ସମ୍ପନ୍ନ ରାଜ୍ୟ, ଯାହାର ରାଜଧାନୀ ମନ୍ଦିରମାଳିନୀ ଭୁବନେଶ୍ୱର । ମୁଁ ଚାହେଁ ଏପରି ଏକ ବିକଶିତ ଓଡ଼ିଶା ଯେଉଁଠାରେ ଶିଳ୍ପ କ୍ଷେତ୍ରରେ, ସ୍ୱାସ୍ଥ୍ୟ କ୍ଷେତ୍ରରେ, ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ହେଉ ଅନ୍ୟାନ୍ୟ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଚରମ ସୀମାରେ ପହଞ୍ଚିପାରୁଥିବ ।

ସତରେ ଏତେ ସୁନ୍ଦର ରାଜ୍ୟ ଓଡ଼ିଶାରେ ମୋର ଜନ୍ମ ହୋଇଥିବାରୁ ମୁଁ ନିଜକୁ ଗୌରାବନ୍ୱିତ ମନେ କରୁଅଛି । ମୁଁ ଚାହେଁ ଏପରି ଏକ ବିକଶିତ ଓଡ଼ିଶା ଯେଉଁଠାରେ ନଥିବ ଛନ୍ଦ, କପଟ, ଛଳନା । ଆମ ଓଡ଼ିଶା ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଜକୁ ଉଚ୍ଚରେ ରଖିବାକୁ ହେଲେ ନିଜର ଦୂରଦୃଷ୍ଟିକୁ ସାମୂହିକ ଦୃଷ୍ଟିରେ ପରିଣତ କରିବାକୁ ପଡ଼ିବ ।

"ବିକଶିତ ଓଡ଼ିଶା ଆମ ସମ୍ମୁଖରେ
ବଞ୍ଚାଇ ରଖିବା ତାକୁ ନିଜ ଯତନରେ।"

ଆମ ଓଡ଼ିଶା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଶେଷ ସୀମାରେ ପହଁଞ୍ଚିସାରିଛି। ନବମ ଓ ଦଶମ ଶ୍ରେଣୀରେ ବଡ଼ ବଡ଼ ସ୍ମାର୍ଟ ଟିଭି, କମ୍ପ୍ୟୁଟର୍ ଆଦି ସରକାର ଛାତ୍ର ଛାତ୍ରୀମାନଙ୍କୁ ମାଗଣାରେ ଯୋଗାଇ ଦେଲେଣି। ଯଦି ଆମ ସରକାର ଆମକୁ ଏତେ ସୁବିଧା ଦେଇପାରୁଛନ୍ତି ତେବେ ଆମେ ଆମ ନିଜକୁ ସଫଳ କରିପାରିବା। ଆମେ ଆମ ରାଜ୍ୟକୁ ଏକ ବିକଶିତ ଓଡ଼ିଶାରେ ପରିଣତ କରିପାରିବା। ଦେଶର ପ୍ରଥମ ନାଗରିକ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆମ ଓଡ଼ିଶାର ଏକ ଜ୍ୱଳନ୍ତ ଉଦାହରଣ। ବିକଶିତ ଓଡ଼ିଶା ପାଇଁ ପ୍ରଯୁକ୍ତି ବିଦ୍ୟା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

ଆମ ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁ ଦାସ , ଉତ୍କଳ ଗୌରବ ମଧୁସୂଦନ ଦାସ, ନାରୀ ନେତ୍ରୀ ନନ୍ଦିନୀ ଶତପଥୀ ଇତ୍ୟାଦିଙ୍କର ନେତୃତ୍ୱ ପାଇଁ ଆଜି ଓଡ଼ିଶା ବିକଶିତ ହୋଇ ପାରିଛି।

ଏହା ଆମ ପାଇଁ ଗୌରବର ବିଷୟ। ଆମ ଓଡ଼ିଶା କେବଳ ପ୍ରଯୁକ୍ତି ବିଦ୍ୟାରେ ନୁହେଁ ଶିଳ୍ପ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଆମର ପ୍ରିୟ ଓଡ଼ିଶାରେ ରାଉରକେଲା ଠାରେ ଏକ ଇସ୍ପାତ ଶିଳ୍ପ ପ୍ରତିଷ୍ଠିତ ହୋଇଅଛି। ଏହିପରି ମଧ୍ୟ ଅନେକ କଥା ଆମ ଓଡ଼ିଶାରେ ଭରପୂର ହୋଇ ରହିଅଛି।

ପ୍ରକୃତରେ କହିବାକୁ ଗଲେ ଶିକ୍ଷା କ୍ଷେତ୍ରରେ ଆମ ଓଡ଼ିଶା ଅଧିକ ବିକଶିତ ହୋଇପାରେ। ଓଡ଼ିଶାରେ ଆଇ.ଆଇ.ଟି, ଉନ୍ନତ ମାନର ମେଡ଼ିକାଲ କଲେଜ, ମେଟ୍ରୋ ପାଇଁ ବର୍ତ୍ତମାନ ଯୋଜନା ହୋଇ କାର୍ଯ୍ୟ ଆରମ୍ଭ ହୋଇଛି।

ପରିଶେଷରେ ମୁଁ ଏତିକି କହିବି ଯେ ଅଧିକ ବିକଶିତ ହେବାପାଇଁ ଆମ ରାଜ୍ୟ ଅଧିକ ପ୍ରୟାସ ଜାରି ରଖିବା ଉଚିତ୍। ସେବା କ୍ଷେତ୍ରରେ ଉନ୍ନତି ଆଣିବା, ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ଏବଂ କୃଷି ତଥା ଶିଳ୍ପ କ୍ଷେତ୍ରରେ ଉନ୍ନତି ଆଣିପାରିଲେ ଆମ ଓଡ଼ିଶା ଆହୁରି ଅଧିକ ବିକଶିତ ହେବ।

ଆମର ପ୍ରିୟ ଓଡ଼ିଶା ସମାଜ କ୍ଷେତ୍ରରେ କିମ୍ବା ବିଶ୍ୱ ମାନଚିତ୍ରରେ ଆହୁରି ଅଧିକ ବିକଶିତ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ।

"ଜୟ ଭାରତ, ଜୟ ବିକଶିତ ଓଡ଼ିଶା"।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କପିଳାସ, ଢେଙ୍କାନାଳ

୦❖୦

# ବିକଶିତ ଓଡ଼ିଶା ଗଠନ

**ଅର୍ଚ୍ଚନା ଜାକେଶିକା,** ଦଶମ
(ଦ୍ୱିତୀୟ ସ୍ଥାନ - ବରିଷ୍ଠ ବର୍ଗ)

ମୁଁ ଚାହେଁ ଓଡ଼ିଶା ବିକଶିତ ହେଉ। ମୋ ଓଡ଼ିଶା ଆମ ଭାରତରେ ସଂପୂର୍ଣ୍ଣ ବିକଶିତ ରାଜ୍ୟରେ ପରିଣତ ହେଉ।

ଓଡ଼ିଶାରେ ୭୦ ପ୍ରତିଶତ ଲୋକ କୃଷିକୁ ଜୀବିକା ରୂପେ ଗ୍ରହଣ କରନ୍ତି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଓଡ଼ିଶାର କୃଷି ପାରମ୍ପରିକ ପଦ୍ଧତିରେ କରାଯାଉଛି। ରାଜ୍ୟର ବିକାଶ ପାଇଁ ହେଲେ, କୃଷିର ଉନ୍ନତି ମଧ୍ୟ ହେବା ଦରକାର। ତେଣୁ ମୁଁ ଚାହେଁ ମୋ ରାଜ୍ୟର କୃଷକ ବୈଜ୍ଞାନିକ ପଦ୍ଧତି ବା ଅଣପାରମ୍ପରିକ ପଦ୍ଧତି ଅବଲମ୍ବନ କରି ତା'ର କୃଷିକାର୍ଯ୍ୟ କରୁ। ଯାହା ଫଳରେ ଓଡ଼ିଶା ବିକଶିତ ହୋଇପାରିବ। ଅମଳରେ ଉନ୍ନତି ଆସିବ।

ଆମ ରାଜ୍ୟ ଓଡ଼ିଶା ନଦୀମାତୃକାର ଦେଶ। ଏହି ରାଜ୍ୟରେ ପ୍ରବାହିତ ହୁଏ ପବିତ୍ର ଜଳ। ନଦୀମାତୃକାର ଦେଶ ହୋଇଥିବାରୁ, ଏହା କୃଷିକାର୍ଯ୍ୟର ଉନ୍ନତି ପାଇଁ ସାହାଯ୍ୟ କରିବ। ମୋ ମତରେ ଆମେ ନଦୀର ଜଳକୁ ବ୍ୟାରେଜ୍ , ଆନିକଟ, ଡ୍ୟାମ ମାଧ୍ୟମରେ ସଂରକ୍ଷଣ କରି ରଖିପାରିବା। ଓଡ଼ିଶା ବହୁ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଆହତ ହୁଏ। ତେଣୁ ଜଳକୁ ସଂରକ୍ଷଣ କରି ମରୁଡି ସମୟରେ ବ୍ୟବହାର କରିବା। ଯାହା ଫଳରେ ଓଡ଼ିଶାର ବିକାଶ ଆଗକୁ ଯାଇପାରିବ।

ଆମ ରାଜ୍ୟରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟସେବା କେନ୍ଦ୍ର ରହିଛି। ତଥାପି କିଛି ଲୋକ ତାହାକୁ ଉପଭୋଗ କରିପାରୁନାହାନ୍ତି। ତେଣୁ ଲୋକମାନଙ୍କୁ ସଚେତନ କରାଇବା ଦରକାର। ସେମାନଙ୍କୁ ସ୍ୱାସ୍ଥ୍ୟାବୀମା କାର୍ଡ ଏବଂ ଆୟୁଷ୍ମାନ ଯୋଜନା ବିଷୟରେ ବୁଝାଇବା ଆବଶ୍ୟକ। ଫଳରେ ରାଜ୍ୟର ସମସ୍ତ ବ୍ୟକ୍ତି ସୁସ୍ଥ ରହିବେ।

"ଯଦି ଓଡ଼ିଶା ହେବ ସଂପୂର୍ଣ୍ଣ ରୋଗମୁକ୍ତ
ତେବେ ହୋଇବ ଓଡ଼ିଶାର ବିକାଶ ।"

ମୋ ରାଜ୍ୟରେ ବିକାଶ ପାଇଁ ମୁଁ ସଂପୂର୍ଣ୍ଣ ରୂପେ ଗମନାଗମନକୁ ସ୍ୱାଗତ କରିବି। ସମସ୍ତ ଗ୍ରାମକୁ ସଡ଼କର ସୁବିଧା ହେବା ଉଚିତ୍। ଗମନାଗମନ ପାଇଁ ରାଜ୍ୟ ବିଭିନ୍ନ ଦେଶରୁ ଜିନିଷ ଆମଦାନୀ ଏବଂ ରପ୍ତାନୀ କରୁଛି। ତେଣୁ ମୁଁ ମୋ ରାଜ୍ୟର ଉନ୍ନତି ପାଇଁ ସଡକ ସୁରକ୍ଷାର ନିୟମ ସମସ୍ତଙ୍କୁ କହିବି ଏବଂ ଏହାକୁ ସୁରକ୍ଷା ଦେବା ପାଇଁ ଲୋକମାନଙ୍କୁ ସଚେତନ କରାଇବି।

ରାଜ୍ୟରେ ଅଧିକାଂଶ ଲୋକ ଅଶିକ୍ଷିତ ରହିଛନ୍ତି । ଯାହାଫଳରେ ସେମାନେ ଉତ୍ତମ ଲୋକପ୍ରତିନିଧିଙ୍କୁ ଚୟନ କରିପାରୁନାହାନ୍ତି । ତେଣୁ ଓଡ଼ିଶାର ବିକାଶ ପାଇଁ ରାଜ୍ୟର ଅଶିକ୍ଷିତ ଲୋକମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରିବା ଓ ସଚେତନ କରାଇବା ଆବଶ୍ୟକ ।

ଓଡ଼ିଶାରେ ବିଭିନ୍ନ ପ୍ରକାରର ଧର୍ମ ବିଶ୍ୱାସୀ ବ୍ୟକ୍ତି ବସବାସ କରନ୍ତି । ଦେଶ ସ୍ୱାଧୀନ ହେଲା ପରେ ମଧ୍ୟ ଉଚ୍ଚ-ନୀଚ, ଧନୀ-ଦରିଦ୍ର ଏବଂ ଜାତି ଭେଦର ଭାବ ଭରି ରହିଛି । ମୁଁ ଚାହେଁ ଓଡ଼ିଶାରେ ପ୍ରତ୍ୟେକ ନାଗରିକ ସମାନ ପ୍ରକାର ସୁବିଧା ଉପଭୋଗ କରନ୍ତୁ । ଓଡ଼ିଶାରେ "ବସୁଧୈବ କୁଟୁମ୍ବକମ୍" ଭାବ ଭରି ରହୁ । ଯାହା ଫଳରେ ଓଡ଼ିଶା ବିକଶିତ ହେବ ଏଥିରେ କୌଣସି ସନ୍ଦେହ ନାହିଁ ।

ଓଡ଼ିଶା ଯେତେ ଆଧୁନିକତା ସହ ତାଳ ଦେଇ ଆଗକୁ ବଢ଼ୁଚି, ସେତେ ତା'ର ସଂସ୍କୃତି ଲୋପ ପାଇଯାଉଛି ଯାହା ରାଜ୍ୟକୁ ବିଶ୍ୱ ଦରବାରରେ ଖଣ୍ଡିତ କରୁଛି । ତେଣୁ ଓଡ଼ିଶାର ସଂସ୍କୃତିକୁ ବଜାୟ ରଖିବାକୁ ଅନୁରୋଧ କରୁଛି । ମୁଁ ଜଣେ ଜନଜାତି (ଆଦିବାସୀ) ସଂପ୍ରଦାୟର ଛାତ୍ରୀ । ମୋ ପାଇଁ ମୋ ଜନଜାତିର ସଂସ୍କୃତି ମହାନ୍ । ମୁଁ ମୋ ସଂସ୍କୃତିକୁ ଲୋପ ପାଇବାକୁ ଦେବିନାହିଁ । ଆମ ସଂସ୍କୃତିର ବିଭିନ୍ନ ତଥ୍ୟକୁ ବିଦେଶରେ ପ୍ରସାର କରିବାକୁ ଚାହେଁ । ଯାହା ଫଳରେ ମୋ ଓଡ଼ିଶାର ବିକାଶ ସୁନିଶ୍ଚିତ ହେବ ।

ମୋ ରାଜ୍ୟ ଓଡ଼ିଶାରେ ବହୁତ ଖେଳାଳି ଅଛନ୍ତି । ସେମାନେ ରାଜ୍ୟର ନାମକୁ ଅଲମ୍ପିକ୍ସ୍‌ରେ ଭଲ ଭାବରେ ପ୍ରଦର୍ଶିତ କରୁନାହାନ୍ତି । ମୁଁ ଚାହେଁ ଓଡ଼ିଶାର ବିକାଶ ପାଇଁ ସରକାର ଖେଳୁଆଡ ମନଭାବ ଥିବା ପିଲାଙ୍କୁ ବିଭିନ୍ନ ତାଲିମ୍ ଦିଅନ୍ତୁ । ଯାହା ଫଳରେ ଓଡ଼ିଶା ଅଲମ୍ପିକ୍ସ୍‌ରେ ଉତ୍ତମ ଭାବରେ ଖେଳ ପ୍ରଦର୍ଶନ କରି ଓଡ଼ିଶାର ନାମକୁ ବିଶ୍ୱରେ ପ୍ରସାରିତ କରିବ ।

ପ୍ରାକୃତିକ ସଂପଦରେ ଭରପୂର ମୋ ରାଜ୍ୟ । ଏଠାରେ ବିଭିନ୍ନ ପ୍ରକାର କଞ୍ଚାମାଲ ମିଳିଥାଏ । ଏହା ମାଧ୍ୟମରେ ଲୋକମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ । ମୁଁ ଚାହେଁ ମୋ ରାଜ୍ୟବାସୀ କେବଳ ଚାକିରି କରି ରୋଜଗାର କରନ୍ତୁ ନାହିଁ ବରଂ କର୍ମ କୌଶଳକୁ ଆଦର କରି ରୋଜଗାର କରନ୍ତୁ । ସେମାନେ ବିଭିନ୍ନ କ୍ଷେତ୍ରରେ ନିଜକୁ ସଂଯୋଜିତ କରି ଗୌରବ ଅର୍ଜନ କରନ୍ତୁ । ନିଜେ ଗୌରବାନ୍ୱିତ ହେବା ସହ ରାଜ୍ୟ ପାଇଁ ଗୌରବ ଆଣନ୍ତୁ ।

ମୁଁ ଚାହେଁ ମୋ ଓଡ଼ିଶା ହସଖୁସିରେ ନାଚି ଉଠୁ । ତା'ର ବିକାଶ ହେଉ । ତା'ର ଶରୀରରେ ଆନନ୍ଦର ବସ୍ତ୍ର ଢାଙ୍କି ହେଉ । ଏହାହିଁ ମୋର ପ୍ରାର୍ଥନା ଜଗନ୍ନାଥଙ୍କ ପାଖରେ ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ହାଟମୁନିଗଡ, ରାୟଗଡ଼ା

○❖○

# ମୋ' ମାଟି ପାଇଁ ମୋର ଦୂରଦୃଷ୍ଟି

**କୁମାରୀ ମିକି ସୋରେନ,** ଦଶମ
(ତୃତୀୟ ସ୍ଥାନ - ବରିଷ୍ଠ ବର୍ଗ)

"ସୁନ୍ଦର ମୋର ଏ ଓଡ଼ିଶାର ଭାଷା
ସୁନ୍ଦର ମୋର ଏ ଓଡ଼ିଶାର ସଂସ୍କୃତି
ସୁନ୍ଦର ମୋର ଏ ଓଡ଼ିଶାର ପର୍ବପର୍ବାଣି"।

ଶସ୍ୟଶାମଳା, କଳା ସ୍ଥାପତ୍ୟ ମନ୍ଦିରମାଳିନୀ ସୌନ୍ଦର୍ଯ୍ୟରେ ଭରପୂର ଏହି ଓଡ଼ିଶାର ମୁଁ ସନ୍ତାନ। ଓଡ଼ିଶାର ସନ୍ତାନ ହୋଇ ମୁଁ ଗୌରବ ଅନୁଭବ କରୁଛି। ଓଡ଼ିଶାର ବିକାଶ ପାଇଁ ପ୍ରଥମେ ମୁଁ ଚାହେଁ ଏକ ସୁନ୍ଦର ଓଡ଼ିଶା ଓ ସୁସ୍ଥ ଓଡ଼ିଶାର ଗଠନ। ଯେଉଁଠାରେ ପ୍ରତ୍ୟେକ ଲୋକ ଓ ନାଗରିକ ନିଜର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ସୁନ୍ଦର ଓଡ଼ିଶା ଗଠନରେ ସମସ୍ତ ନାଗରିକଙ୍କ ଯୋଗଦାନ, ପ୍ରୟାସ ଏବଂ ଅଭିଳାଷ ରହିବା ଅନିବାର୍ଯ୍ୟ। ମୋର ବିକଶିତ ଓଡ଼ିଶା ପାଇଁ ଦୂରଦୃଷ୍ଟି ହେଉଛି ଅର୍ଥନୈତିକ ସମାନତା, ବ୍ୟାବସାୟିକ ଓ ଶିକ୍ଷାକ୍ଷେତ୍ରରେ ପ୍ରାଥମିକତା ରହିବା ଆବଶ୍ୟକ। ତେଣୁ ମୁଁ ଚାହେଁ ପ୍ରଥମେ ଓଡ଼ିଶାରେ ନାରୀତ୍ୱର ସମ୍ମାନ କରାଯାଉ। ଏହି ଉତ୍କଳ ହେଉଛି ଆମ ଜନନୀ। ଉତ୍କଳଜନନୀ ପ୍ରତ୍ୟେକ ନାଗରିକଙ୍କ ଦ୍ୱାରା ପୂଜ୍ୟା। ତେଣୁ ଓଡ଼ିଶାରେ ନାରୀତ୍ୱର ମାନ ରହିବା ଉଚିତ୍। ଦ୍ୱିତୀୟତଃ ଉତ୍କଳରେ ବିଜ୍ଞାନର ଅଭାବ ଯୋଗୁଁ ଆମେ ଅନ୍ୟ ରାଜ୍ୟରୁ ପଛୁଆ ରହିଯାଉଛୁ। ଓଡ଼ିଶାର ପ୍ରତ୍ୟେକ ବିଦ୍ୟାଳୟରେ ରହିଥିବା ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଉଚିତ। ପୂର୍ବେ ଉନ୍ନତ ହେଇଥିବା ଓଡ଼ିଶାକୁ ତା'ଠାରୁ ଦ୍ୱିଗୁଣିତ କରିବା ଉଚିତ।

ଓଡ଼ିଶାକୁ ଉନ୍ନତ କରିବା ପାଇଁ ମୋର ଦୂରଦୃଷ୍ଟି ହେଉଛି ଉତ୍ତମ ସ୍ୱାସ୍ଥ୍ୟ। ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ ପରିବେଶ ମଧ୍ୟ ସୁରକ୍ଷିତ ଏବଂ ସୁନ୍ଦର ରହିବା ଆବଶ୍ୟକ। ପରିବେଶ ସୁରକ୍ଷିତ ରହିଲେ ପ୍ରତ୍ୟେକ ବ୍ୟକ୍ତିର ସ୍ୱାସ୍ଥ୍ୟ ଭଲ ରହିବ।

"ପରିବେଶ ରହିଲେ ସୁରକ୍ଷିତ
ଜୀବନ ରହିବ ସୁରକ୍ଷିତ"

ଓଡ଼ିଶାରେ ଉନ୍ନତମାନର ବଦ୍ୟାଳୟ ସ୍ଥାପିତ ହେବା ଆବଶ୍ୟକ ଏବଂ ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବା ଦରକାର। ଓଡ଼ିଶାରେ ଉନ୍ନତି କରୁଥିବା ଛାତ୍ରଛାତ୍ରୀ ଏବଂ ଖେଳକୁଦରେ ଆଗୁଆ ଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ ଏବଂ ବିଶ୍ୱ କ୍ଷେତ୍ରରେ ଖେଳିବା ପାଇଁ ସୁଯୋଗ ଦିଆଯିବା ଜରୁରି। ଓଡ଼ିଶାରେ ଅନେକ ଗରିବ ଶ୍ରେଣୀର ଲୋକ ଓ ଆଦିବାସୀ ବାସ କରୁଛନ୍ତି। ସେମାନଙ୍କୁ ଆଗକୁ ଯିବାଲାଗି ପ୍ରେତ୍ସାହନ ଦେବା ଦରକାର। ପ୍ରତ୍ୟେକ ଗାଁ ଗହଳି, ସହର ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ କୋଣ ଅନୁକୋଣରେ ଶିକ୍ଷାର ପ୍ରଚାର କରିବା ଆବଶ୍ୟକ। ପ୍ରତ୍ୟେକ ଗ୍ରାମରେ ଗରିବ ଶ୍ରେଣୀର ପିଲାମାନଙ୍କ ପାଇଁ ଶିକ୍ଷା କେନ୍ଦ୍ର ସ୍ଥାପିତ ହେବା ଦ୍ୱାରା ପ୍ରତ୍ୟେକ ଗ୍ରାମରେ ରହିଥିବା ଶିଶୁ ଅଶିକ୍ଷିତ ରହିବେ ନାହିଁ ଏବଂ ସେହି ଶିଶୁମାନେ ଭବିଷ୍ୟତରେ

ଦିନେ ସୁନାଗରିକ ହୋଇ ଦୃଶ୍ୟମାନ ହେବେ। ଏଥିପାଇଁ ପ୍ରତ୍ୟେକ ନାଗରିକ ଶିକ୍ଷିତ ହେବା ଆବଶ୍ୟକ। ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାସଂଘ ପ୍ରଚୁର ପରିମାଣରେ ରହିବା ମଧ୍ୟ ଦରକାର। ପ୍ରତ୍ୟେକ ସ୍ଥାନରେ ହସପିଟାଲ ରହିବା ଆବଶ୍ୟକ। ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ ରହିବେ।

ପ୍ରତ୍ୟେକ ସ୍ଥାନରେ ସ୍ୱାସ୍ଥ୍ୟ ସେବା ସ୍ଥାପିତ ହୋଇ ପାରିଲେ ପ୍ରତ୍ୟେକ ଲୋକ ଆଗକୁ ଯାଇ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିପାରିବେ।

ପ୍ରତ୍ୟେକ ବ୍ଲକ୍‌ରେ ବିଜ୍ଞାନ ଏବଂ ବିଜ୍ଞାନ ବିଦ୍ୟାଳୟ , ବିଶ୍ୱବିଦ୍ୟାଳୟ ଏବଂ ବିଜ୍ଞାନ ମହାବିଦ୍ୟାଳୟ ଅତ୍ୟଧିକ ପରିମାଣରେ ରହିବା ଆବଶ୍ୟକ। ଓଡ଼ିଶାରେ ରହିଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ପ୍ରତ୍ୟେକ ସ୍ଥାନରେ ବରିଷ୍ଠମାନଙ୍କ ପାଇଁ ଆମ ଏ ଓଡ଼ିଶା ସମ୍ମାନିତ। ଆମ ଓଡ଼ିଶାରେ ରହିଥିବା ପ୍ରତ୍ୟେକ ବୃଦ୍ଧ ଓ ବରିଷ୍ଠଙ୍କ ପାଇଁ ଆଜି ଓଡ଼ିଶା ବିକଶିତ ହେବାକୁ ଯାଉଛି।

ପୂର୍ବ ଉପକୂଳରେ ଅବସ୍ଥିତ ଆମ ରାଜ୍ୟ ଓଡ଼ିଶା। ଅର୍ଥନୈତିକ କ୍ଷେତ୍ରରେ ଏହା ଆଗେଇବା ଆବଶ୍ୟକ। ପ୍ରତ୍ୟେକ ସ୍ଥାନରେ ଅର୍ଥନୈତିକ ଏବଂ ସମାନତା ଆସିବା ଆବଶ୍ୟକ। ପ୍ରତି ମୁହୂର୍ତ୍ତରେ ଆମେ ଆମ ରାଜ୍ୟ ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ପରିଗଣିତ କରିବା ପାଇଁ ଆଗେଇବା ଏବଂ ପ୍ରଚେଷ୍ଟା କରିବା ଜରୁରି। ଆମ ରାଜ୍ୟରେ ପ୍ରତ୍ୟେକ ସ୍ଥାନରେ ଅହିଂସାକୁ ଆପଣେଇବା ଏବଂ ଜାତିପ୍ରଥାକୁ ତ୍ୟାଗ କରିବା ଆବଶ୍ୟକ। ରାଜ୍ୟରେ ମଧ୍ୟ ବିମାନ ବନ୍ଦର ଏବଂ ବିମାନକୁ ଉନ୍ନତମାନର କରିବା ଆବଶ୍ୟକ। ଏହିଠାରେ ଆମେ ଏକ ସୁସ୍ଥ ସମାଜ ଗଠନ କରିବା ସହିତ ଏକ ସୁସଂଗଠିତ ନିର୍ଯାତନା ବିରୋଧୀ, ଅହିଂସାପନ୍ଥାକୁ ଆପଣେଇବା ଆବଶ୍ୟକ। ଆମ ରାଜ୍ୟରେ ବୃଦ୍ଧମାନଙ୍କର ସେବା ପାଇଁ ଏକ ସ୍ୱାସ୍ଥ୍ୟ ସଂଘ ଗଠନ ଜରୁରି ଯଦ୍ୱାରା ନିରୋଗ ରହି ସମସ୍ତେ ବ୍ୟକ୍ତିଗତ ପ୍ରଗତି ଆଡ଼କୁ ଅଗ୍ରଗତି କରିପାରିବେ।

"ଶରୀର ସୁସ୍ଥ ରହିଲେ
ରାଜ୍ୟ ଅଗ୍ରଗତି କରିବ"

ଆମର ଏହି ରାଜ୍ୟରେ କୃଷି ପ୍ରଣାଳୀ ଉନ୍ନତ ହେବା ଆବଶ୍ୟକ। କୃଷକମାନଙ୍କୁ ଉନ୍ନତମାନର ବିହନ ଯୋଗାଇବା ଆବଶ୍ୟକ। କୃଷି କରିବା ପାଇଁ ପ୍ରତ୍ୟେକ କୃଷକଙ୍କୁ ଉତ୍ତମ ଜଳସେଚନ ଏବଂ ଉତ୍ତମ ଅମଳକ୍ଷମ ଯନ୍ତ୍ର ଏବଂ ଉତ୍ତମ ମୃତ୍ତିକାର ଆବଶ୍ୟକତା ରହିଅଛି।

"ଜୟ ଯବାନ ଜୟ କିଷାନ"।

ଏହି ସ୍ଲୋଗାନରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଜିଲ୍ଲାରେ ରହିଥିବା କୃଷକମାନଙ୍କର ଉନ୍ନତି କରିବା ଆବଶ୍ୟକ। ପ୍ରତ୍ୟେକ ସ୍ଥାନରେ କୃଷକମାନଙ୍କୁ ଉନ୍ନତ କୃଷି କରିବା ପାଇଁ ଅର୍ଥ ଯୋଗାଇବା ଆବଶ୍ୟକ। ପ୍ରତ୍ୟେକ କୃଷକ ଉନ୍ନତ ମାନର କୃଷି କରିବା ଦ୍ୱାରା ଉତ୍କଳରେ ରହିଥିବା କ୍ଷେତ୍ର ସୁନ୍ଦର ଶସ୍ୟଶାମଳା ହୋଇ ପୂର୍ବଠାରୁ ଆହୁରି ହାସ୍ୟମୟୀ ହୋଇଉଠିବ।

ପ୍ରତ୍ୟେକ ନାଗରିକ ଏଥିପ୍ରତି ସଚେତନ ହେବା ଆବଶ୍ୟକ।

ଓଡ଼ିଶାରେ ଉନ୍ନତମାନର ବ୍ୟବସାୟ ରହିବା ଆବଶ୍ୟକ। ବ୍ୟବସାୟୀମାନେ ଉନ୍ନତ ହେଲେ ରାଜ୍ୟରେ ମଧ୍ୟ ଉନ୍ନତି ହେବ। ରାଜ୍ୟରେ ରହିଥିବା ସୈନିକ ଓ ଉଦ୍ୟୋଗୀମାନେ ଲାଭବାନ ହେଲେ ଆମେ ସୁରକ୍ଷିତ ଏବଂ ଆମ ରାଜ୍ୟ ସୁରକ୍ଷିତ ରହିପାରିବ। ଆମ ରାଜ୍ୟକୁ ତଥା ପ୍ରତ୍ୟେକ ରାଜ୍ୟକୁ ଉନ୍ନତ କରିବା ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପ୍ରତ୍ୟେକ ସ୍ଥାନରେ ପିତାମାତାମାନେ ଶିକ୍ଷିତ ହେବା ଆବଶ୍ୟକ।

"ମାତା ଶିକ୍ଷିତ ହେଲେ
ଦେଶ ଶିକ୍ଷିତ ହେବ
ଦେଶ ଶିକ୍ଷିତ ହେଲେ
ଦେଶ ଅଗ୍ରଗତି କରିବ"।

ମୁଁ ଏହି ସୁନ୍ଦର ସୌନ୍ଦର୍ଯ୍ୟମୟୀ ଓଡ଼ିଶାରେ ଜନ୍ମଗ୍ରହଣ କରିଥିବାରୁ ମୋର ମଧ୍ୟ କର୍ତ୍ତବ୍ୟ ମୁଁ ଓଡ଼ିଶାକୁ ପ୍ରଗତି ପଥରେ ଆଗେଇନେବା ପାଇଁ ପ୍ରଚେଷ୍ଟା କରିବି।
ପ୍ରତ୍ୟେକ କୋଣ ଅନୁକୋଣରେ ଓଡ଼ିଶାର ବିକାଶ ପାଇଁ ପ୍ରଚେଷ୍ଟା ରହିବା ନିତାନ୍ତ ଜରୁରି।

ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,
ଅଙ୍ଗରପଡା, ମୟୂରଭଞ୍ଜ

୦❖୦



ରାଜଲକ୍ଷ୍ମୀ ସା, ଶ୍ରେଣୀ : ଦଶମ, ସରକାରୀ (ଏସ୍.ଏସ୍.ଡି) ଉଚ୍ଚ ବିଦ୍ୟାଳୟ, ବରପଦା, ରେମୁଣା

# ସର୍‌ଗିଫୁଲ୍ – ୨୦୨୫

୨୦୧୦ ମସିହାରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପ୍ରତ୍ୟେକ ବର୍ଷ ଛାତ୍ର ମହୋତ୍ସବ "ସର୍‌ଗିଫୁଲ୍' ଆୟୋଜନ କରିଆସୁଛି। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ଛାତ୍ର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଜିଲ୍ଲାର କୃତୀ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ସର୍‌ଗିଫୁଲ୍ ଉତ୍ସବରେ ଯୋଗ ଦେଇ ନିଜ ପ୍ରତିଭା ବିକାଶର ସୁଯୋଗ ପାଆନ୍ତି।

ଚଳିତ ବର୍ଷ ଓଡ଼ିଶାର ସମସ୍ତ ତିରିଶଟି ଜିଲ୍ଲାସ୍ତରୀୟ ସର୍‌ଗିଫୁଲ୍ ଉତ୍ସବ ସଫଳତାର ସହ ଆୟୋଜିତ ହୋଇସାରିବା ପରେ ରାଜ୍ୟସ୍ତରୀୟ ସର୍‌ଗିଫୁଲ୍ ୨୦୨୫ ଡିସେମ୍ବର ୧୮ ରୁ ୨୦ ଯାଏ ଭୁବନେଶ୍ୱରର ଆଦିବାସୀ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାରୁ ୨୮୫ ଜଣ ଛାତ୍ର ଏବଂ ୭୨୪ ଜଣ ଛାତ୍ରୀ (ସର୍ବମୋଟ ୧୦୦୯ ଜଣ ଛାତ୍ରଛାତ୍ରୀ) ଭାଗ ନେବା ପାଇଁ ମନୋନୀତ ହୋଇଥିବାବେଳେ ୧୫୧ ଜଣ କ୍ରୀଡା ଶିକ୍ଷକ ଏବଂ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେବେ। ଏହି ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ନିମନ୍ତେ ସୁ-ଅବସର ସୃଷ୍ଟି କରିବାକୁ ବ୍ୟବସ୍ଥା କରାଯାଉଛି।

ଏହି ବର୍ଷ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପୃଥକ ଭାବେ ପ୍ରାୟ ବାଇଶି ପ୍ରକାରର ପ୍ରତିଯୋଗିତା ମଧ୍ୟରେ ସାଧାରଣ ଜ୍ଞାନ, ବାଦ୍ୟଯନ୍ତ୍ର ବାୟନ, ଏକକ ସଙ୍ଗୀତ, ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ, ଏକକ ଅଭିନୟ, ସମୂହ ଧ୍ୱନି ପ୍ରତିଯୋଗିତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ବାକପଟୁତା, ତର୍କ, ଭଲିବଲ ଓ ବିଜ୍ଞାନ ପ୍ରଦର୍ଶନୀ ଆଦି ପିଲାଙ୍କ ପ୍ରତିଭା ଚିହ୍ନଟ କରିବାରେ ସକ୍ଷମ ହେବ ବୋଲି ବିଶ୍ୱାସ। ସେହିପରି ଶତେଇଶି ପ୍ରକାରର କର୍ମଶାଳା ମଧ୍ୟରୁ ବିଜ୍ଞାନ ଖେଳ, ଉଦ୍ଭାବନ, ବ୍ୟଙ୍ଗଚିତ୍ର, ପୁସ୍ତକ ସମୀକ୍ଷା, ଶବ୍ଦ କୁହୁକ, କଣ୍ଢେଇ ଖେଳ, ଗପ ଶୁଣାଇବା, ଶିଶୁ ସାମ୍ବାଦିକ, ନାଟ୍ୟଶାଳା, ବର୍ଜ୍ୟବସ୍ତୁରୁ ସୃଜନୀକଳା ଓ କାଗଜ ତିଆରି, ଗଣିତ ଖେଳ, ଛଉ ନୃତ୍ୟ, ବାଦ୍ୟ ଯନ୍ତ୍ର ଶିକ୍ଷଣ, ଯାଦୁବିଦ୍ୟା ଆଦି ପିଲାଙ୍କ ଅନ୍ତର୍ନିହିତ ଦକ୍ଷତା ବିକାଶରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

ଚଳିତ ବର୍ଷ ସର୍‌ଗିଫୁଲ୍ ୨୦୨୫ ପତ୍ରିକା ନିମନ୍ତେ ୩୦ ଗୋଟି ଜିଲ୍ଲାରୁ ସମୁଦାୟ ୩୬୩ଟି ପ୍ରବନ୍ଧ, ଗଳ୍ପ, କବିତା ଏବଂ ୧୩୫ଟି ଚିତ୍ରାଙ୍କନ ATLC ଦ୍ୱାରା ଗ୍ରହଣ କରାଯାଇଥିଲା। ଉକ୍ତ ଲେଖାଗୁଡ଼ିକରୁ ଉତ୍ତମ ଲେଖା ଭାବରେ ୫୦ଟି ଗପ ଓ କବିତା ଏବଂ ୯ଟି ଚିତ୍ରକୁ ସଂପାଦକ ମଣ୍ଡଳୀ ଦ୍ୱାରା ମନୋନୀତ କରାଯାଇ ସରଗିଫୁଲ ୨୦୨୫ରେ ସ୍ଥାନ ଦିଆଯାଇଅଛି। ଏତତ୍ ବ୍ୟତୀତ ସର୍‌ଗିଫୁଲ୍ ୨୦୨୪ରେ ଅନୁଷ୍ଠିତ ହୋଇଥିବା ସୃଜନଶୀଳ ଲିଖନୀ ପ୍ରତିଯୋଗିତାରେ ଭାଗ ନେଇଥିବା କନିଷ୍ଠ ତଥା ବରିଷ୍ଠ

ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କର ଲିଖନୀକୁ ମଧ୍ୟ ସ୍ଥାନ ଦିଆଯାଇଅଛି । ପତ୍ରିକାଟି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିବ ବୋଲି ଆଶା ।

ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଉପଯୁକ୍ତ ମାର୍ଗଦର୍ଶନ କରୁଥିବାରୁ ମାନନୀୟ କମିଶନର ତଥା ଶାସନ ସଚିବଙ୍କ ନିକଟରେ ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡେ଼ମୀ କୃତଜ୍ଞାତା ଜ୍ଞାପନ କରୁଛି । ସମସ୍ତ ବିଭାଗୀୟ ଅଧିକାରୀ, ସହଯୋଗୀ ସଂସ୍ଥା ଏବଂ ବ୍ୟକ୍ତି ବିଶେଷ, ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ, ଶିକ୍ଷକ, ପ୍ରଶିକ୍ଷକ, ଜିଲ୍ଲା ଅଧିକାରୀ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର କର୍ମଚାରୀମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛୁ ।

○❖○



# ଜିଲ୍ଲାସ୍ତରୀୟ ସରଗିଫୁଲ୍ - ୨୦୨୫

## ଅନୁଗୁଳ









## ବଲାଙ୍ଗିର









## ବାଲେଶ୍ୱର


ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ
ସରଗି ଫୁଲ - ୨୦୨୪


ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ





## ବରଗଡ଼


ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ'-୨୦୨୪
ସ୍ୱା
ଗ
ତ
ମ୍







## ଭଦ୍ରକ




ସ୍ୱାଗତମ୍
ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ, ଭଦ୍ରକ
ସ୍ୱାଗତମ୍


## ବୌଦ୍ଧ


ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ


ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ


## କଟକ


ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ, କଟକ


ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ, କଟକ




I
ସରଗି ଫୁଲ

## ଦେଓଗଡ଼


ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ
ସରଗି ଫୁଲ - ୨୦୨୫
ଆୟୋଜକ - ଜିଲ୍ଲା ପ୍ରଶାସନ, ଦେବଗଡ






ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ
ସରଗି ଫୁଲ - ୨୦୨୫

## ଗଜପତି









## ଗଞ୍ଜାମ










## ଯାଜପୁର


LEVEL SARGIFUL MAHOTSHAV &




LEVEL SARGIFUL MAHOTSHAV & SCIENCE EXHIBITION



## ଝାରସୁଗୁଡ଼ା









## କଳାହାଣ୍ଡି










## କନ୍ଧମାଳ









## କେନ୍ଦ୍ରାପଡ଼ା










## ଖୋର୍ଦ୍ଧା











## କୋରାପୁଟ









## ନୟାଗଡ଼










## ନୂଆପଡ଼ା










## ପୁରୀ









## ସୁବର୍ଣ୍ଣପୁର













## ସୁନ୍ଦରଗଡ଼









## ଢେଙ୍କାନାଳ











## ନବରଙ୍ଗପୁର









# ସମ୍ବଲପୁର











# କେନ୍ଦୁଝର











## ମୟୁରଭଞ୍ଜ






## ଜଗତସିଂହପୁର






## ମାଲକାନାଗିରି


ସରଗି ଫୁଲ-୨୦୨୫







## ରାୟଗଡ଼ା




DISTRICT LEVEL SCIENCE EXHIBITION
SARGIFUL - 2025





